

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୧ ନଭେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 11 NOVEMBER 2023
Vol.No. 34 ■ No. 296■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଘମାଘୋଟ ଲଢ଼େଇ ଭିତରେ ଆଶ୍ୱସ୍ତି

### ଇସ୍ରାଏଲର ଯୁଦ୍ଧ ବିରତି ଘୋଷଣା: ୩ଦିନ ପାଇଁ ୪ଘଂଟା ଲେଖାଏଁ ବିରତି



ନୂଆଦିଲ୍ଲୀ, ୧୦/୧୧ : ଗୋଟିଏ ମାସ ଅତିକ୍ରମ କରିସାରିଛି ଇସ୍ରାଏଲ-ହମାସ ଯୁଦ୍ଧ । ହଜାର ସଂଖ୍ୟକ ମୃତ୍ୟୁ, ଲକ୍ଷଲକ୍ଷ ଆହତ ସହ ଉଭୟ ଇସ୍ରାଏଲ ଓ ପାଲେଷ୍ଟାଇନ ବଡ କ୍ଷତି ସହୁଛନ୍ତି । ଏହା ଭିତରେ ସାମାନ୍ୟ ଆଶ୍ୱସ୍ତି ମିଳିଛି । ତିନି ଦିନ ପାଇଁ ୪ ଘଂଟା ଲେଖାଏଁ ଯୁଦ୍ଧ ବିରତି ପାଇଁ ରାଜି ହୋଇଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ । ମାନବିକତା ଦୃଷ୍ଟିରୁ ଇସ୍ରାଏଲ ରାଜି ହୋଇଥିବା ନେଇ ଆମେରିକାର ହ୍ୱାଇଟ ହାଉସ୍ ପକ୍ଷରୁ ସୂଚନା ଦିଆଯାଇଛି । କୁହାଯାଉଛି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ ସହ କଥା ହେବା ପରେ ଏଭଳି ନିଷ୍ପତି ନିଆଯାଇଛି । ପ୍ରତିବଦଳରେ ହମାସ କିଛି ପଣବନ୍ଦୀଙ୍କୁ ଛାଡିବ ବୋଲି ସୂଚନା ମିଳିଛି । ଉତର ଗାଜାରେ ଇସ୍ରାଏଲ ଘନ ଘନ ରକେଟ ମାଡ଼ କରୁଥିବାରୁ ସାଧାରଣ ନାଗରିକଙ୍କୁ ଯିବା ପାଇଁ ସମୟ ଦିଆଯିବ । ହମାସକୁ ମୂଳପୋଛ କରିବା ପାଇଁ ଇସ୍ରାଏଲ ସେନା ନିଜ ଅପରେସନକୁ ଜୋରଦାର କରିଛି । କୋଣ ଅନୁକୋଣରେ ଲୁଚି ରହିଥିବା ହମାସ ଆତଙ୍କୀଙ୍କୁ ଖୋଜି ଖୋଜି ମାରୁଛି ଆଇଡିଏଫ । ସେପଟେ ୨୪ଘଂଟା ଭିତରେ ଲକ୍ଷାଧିକ ସଂଖ୍ୟକ ପାଲେଷ୍ଟାଇନବାସୀ ଘରଦ୍ୱାର ଛାଡି ଚାଲିଯାଇଛନ୍ତି । ଯେଉଁ ଯୁଦ୍ଧ ହଜାର ସଂଖ୍ୟକ ନୀରିହ ଲୋକଙ୍କ ଜୀବନ ନେଉଛି ସେଥିରୁ ବାଦ ପଡିନାହାଁନ୍ତି ମିଳିତ ଜାତିସଂଘର କର୍ମଚାରୀ । ଜାତିସଂଘ ମୁଖ୍ୟ ଏଂଟୋନିଓ ଗୁଟରେସ କହିଛନ୍ତି ଇସ୍ରାଏଲର ଭୁଲ ନୀତି ପାଇଁ ଏତେ ସଂଖ୍ୟକ କର୍ମଚାରୀଙ୍କ ମୃତ୍ୟୁ ଘଟଣା ପ୍ରଥମ ଓ ଦୁଃଖଦ । ଗାଜାକୁ ସହାୟତା ଦେବା ପାଇଁ ମିଳିତ ଜାତିସଂଘ ୧୫୦ ରିଲିଫ ଶିବିର ଖୋଲିଥିବାବେଳେ ଏଗୁଡିକ ମଧ ଆକ୍ରମଣରୁ ବାଦ ପଡୁନି । ୪ଘଂଟାର ଯୁଦ୍ଧ ବିରତି ପରେ ଇସ୍ରାଏଲ ପୁଣି ଆକ୍ରମଣ କରୁଛି । ମିଳିଥିବା ସୂଚନା ଅନୁସାରେ ଗାଜାର ବିଭିନ୍ନ ଧାର୍ମିକ ସ୍ଥାନ, ରିଲିଫ ଶିବିର, ଡାକ୍ତରଖାନା ବାଦ ପଡୁନି । ସେପଟେ ଯୁଦ୍ଧକୁ ମାସଟେ ପୁରିଯାଇଥିବା ବେଳେ ଇସ୍ରାଏଲ ସେନାର ଆକ୍ରମଣରେ ପ୍ରାୟ ୧୧ ହଜାର ପାଲେଷ୍ଟାଇନଙ୍କ ମୃତ୍ୟୁ ହେଲାଣି । ଯେଉଁଥିରେ ସାଢେ ୪ ହଜାର ଶିଶୁ ଅଛନ୍ତି । ଏହାଛଡା ଦେଢ ହଜାରୁ ଅଧିକ ଶିଶୁ ଏବେ ନିଖୋଜ ଅଛନ୍ତି । ଯେଉଁମାନଙ୍କର ମୃତ୍ୟୁ ହୋଇସାରିଥିବା କୁହାଯାଇଛି । ଇସ୍ରାଏଲ ସେନା ପକ୍ଷରୁ ହମାସ ଆତଙ୍କବାଦୀ ଲୁଚିଥିବା ଜନବସତି ଏବଂ ମସଜିଦରେ ଅଂଚଳରେ ରକେଟ ମାଡ କରୁଛି ।

## ଦିଲ୍ଲୀ କୋର୍ଟଙ୍କ ଅନୁମତି: ପତ୍ନୀଙ୍କୁ ଭେଟିପାରିବେ ସିଶୋଦିଆ




ନୂଆଦିଲ୍ଲୀ, ୧୦/୧୧ : ଦିଲ୍ଲୀ ଅବକାରୀ ନୀତି ମାମଲାରେ ଜେଲରେ ଥିବା ଦିଲ୍ଲୀ ଉପ ମୁଖ୍ୟମନ୍ତ୍ରୀ ମନୀଷ ସିଶୋଦିଆଙ୍କୁ ଦିଲ୍ଲୀ କୋର୍ଟ ତାଙ୍କ ପତ୍ନୀଙ୍କୁ ଭେଟିବାକୁ ଅନୁମତି ଦେଇଛନ୍ତି । କୋର୍ଟଙ୍କୁ ଅନୁମତି ମୁତାବକ ସିଶୋଦିଆ ଶନିବାର ସକାଳ ୧୦ ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ନିଜ ପତ୍ନୀଙ୍କୁ ଭେଟିପାରିବେ । ହେଲେ ଏହି ଭେଟ ସମୟରେ ମନୀଷ ସିଶୋଦିଆ କୌଣସି ଗଣମାଧ୍ୟମ ସହ କଥା ହୋଇପାରିବେ ନାହିଁ ବୋଲି କୋର୍ଟ ଆଦେଶ ଦେଇଛନ୍ତି । ଦିଲ୍ଲୀର ରାଓ୍ୱଜ ଏଭିନ୍ୟୁ କୋର୍ଟ କହିଛନ୍ତି କି, ସିଶୋଦିଆ ତାଙ୍କ ପତ୍ନୀଙ୍କୁ ଭେଟିବାକୁ ଯିବା ସମୟରେ ଗଣମାଧ୍ୟମ ସହ କଥା ହୋଇପାରିବେ ନାହିଁ କି, କୌଣସି ରାଜନୈତିକ କାର୍ଯ୍ୟକ୍ରମରେ ଭାଗ ନେଇପାରିବେ ନାହିଁ । ସୂଚନା ଥାଉ କି, ଦିଲ୍ଲୀ ଅବକାରୀ ନୀତି ମାମଲାରେ ମନୀଷ ସିଶୋଦିଆଙ୍କୁ ଫେବୃଆରୀ ୨୬ ତାରିଖରେ ସିବିଆଇ ଗିରଫ କରିଥିଲା । ସେବେଠାରୁ ସେ ଜେଲରେ ରହିଛନ୍ତି । ସେ ବାରମ୍ବାର ତାଙ୍କ ରୋଗାଗ୍ରସ୍ତ ପତ୍ନୀଙ୍କୁ ଭେଟିବାକୁ କୋର୍ଟଙ୍କୁ ଅନୁମତି ମାଗୁଥିଲେ ।

## ରାଜଧାନୀରୁ ଶ୍ରୀକ୍ଷେତ୍ର ତୁଳସୀ ଯାତ୍ରା କରିବ କଂଗ୍ରେସ

ଭୁବନେଶ୍ୱର, ୧୦/୧୧ (ନି.ପ୍ର): କଂଗ୍ରେସ କରିବ ତୁଳସୀ ଯାତ୍ରା। ନଭେମ୍ବର ମାସ ଶେଷ ବେଳକୁ ତୁଳସୀ ଯାତ୍ରା ହେବ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ ସୂଚନା ଦେଇଛନ୍ତି। ସେ କହିଛନ୍ତି କଂଗ୍ରେସ ଭବନକୁ ଗାଁ, ପଂଚାୟତ, ବ୍ଲକ୍ ଓ ଜିଲ୍ଲାରୁ ତୁଳସୀ ଆସିବ। ଜନ ସାଧାରଣ ଚାହିଁଲେ ସଜ ତୁଳସୀ ପଠାଇ ପାରିବେ। କଂଗ୍ରେସ କର୍ମୀ ମଧ ତୁଳସୀ ସଂଗ୍ରହ କରିବେ। ପୋଷ୍ଟ ଜରିଆରେ ମଧ୍ୟ କଂଗ୍ରେସ ଭବନ ଠିକଣାରେ ତୁଳସୀ ପଠାଇ ପାରିବେ। ତୁଳସୀ ସଂଗ୍ରହ ପରେ ଭୁବନେଶ୍ୱର ରୁ ନେତା କର୍ମୀମାନେ ରାଜଧାନୀରୁ ଶ୍ରୀକ୍ଷେତ୍ର ଯାତ୍ରା କରିବେ। ସରକାର ରତ୍ନ ଭଣ୍ଡାର ଗଣତି, ମଣତି ଓ ମରାମତି, ମନ୍ଦିର ଚାରି ଦୁଆର ନ ଖୋଲିବା ଓ ବେଦାନ୍ତ ଜମି ହସ୍ତାନ୍ତର ନ କରିବା କାରଣରୁ ଏକ ବୈଠକରେ କଂଗ୍ରେସ ଏଭଳି ନିଷ୍ପତି ନେଇଛି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ ଏହି ସମାନ ଦାବି ନେଇ କଂଗ୍ରେସ ଗତକାଲି ସାରା ରାଜ୍ୟରେ ସଂକୀର୍ତନ ସତ୍ୟାଗ୍ରହ କରିଥିଲା।

## ନିଆଁ ଲାଗି ଇଭି ଶୋ'ରୁମ୍ ପାଉଁଶ



କଟକ, ୧୦/୧୧ (ନି.ପ୍ର): କଟକର ରାଣୀହାଟ କେନାଲ ରୋଡ୍‌ରେ ଥିବା ଏକ ଇଲେକ୍ଟ୍ରି ଭେଇକିଲ୍ ଶୋ'ରୁମ୍‌ରେ ଆଜି ସନ୍ଧ୍ୟାରେ ଘଟିଛି ଭୟାବହ ଅଗ୍ନିକାଣ୍ଡ। ଏଥିରେ ଶୋ' ରୁମ୍‌ଟି ଜଳିପୋଡ଼ି ପୂରା ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡ ବେଳେ ଶୋ'ରୁମ୍‌ରେ କେତୋଟି ଗାଡ଼ି ଥିଲା ତାହା ଜଣାପଡ଼ି ନାହିଁ। ତେବେ ଶୋ'ରୁମ୍ ମାଲିକଙ୍କ ଜଣେ ସମ୍ପର୍କୀୟ କହିଛନ୍ତି ଯେ ସବୁ ବେଳେ ଏଠାରେ ୧୦ରୁ ୧୫ଟି ଗାଡ଼ି ରହିଥାଏ। ତେଣୁ ଯାହା ବି ଗାଡ଼ି ଥିଲା, ସବୁ ପୋଡ଼ି ଯାଇଛି। ଶୋ' ରୁମ୍‌ରେ ଥିବା ସବୁ ସାମଗ୍ରୀ ଜଳିଯାଇଛି। ନିଆଁକୁ ଅଗ୍ନିଶମ ବାହିନୀ ଆୟତ୍ତ କରି ସାରିଛି।

## ଏଟିଏମ୍‌ରେ ଟଙ୍କା ଭରିବାକୁ ଯାଉଥିଲେ, ଦେଢ଼ କୋଟିରୁ ଅଧିକ ଟଙ୍କା ଭର୍ତ୍ତି ଟ୍ରଙ୍କ ନେଇଗଲେ ଦୁର୍ବୃତ୍ତ




କଟକ , ୧୦/୧୧ (ନି.ପ୍ର): କଟକ ଜିଲ୍ଲା ତିଗିରିଆ ଥାନା ଗୋଡ଼ିଝରିଆ ନିକଟରେ ଆଜି କିଛି ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଏଟିଏମ୍‌ରେ ଟଙ୍କା ଭରିବାକୁ ଯାଉଥିବା ଭ୍ୟାନ୍‌ରୁ ଟଙ୍କା ଭର୍ତ୍ତି ଟ୍ରଙ୍କ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଉକ୍ତ ଟ୍ରଙ୍କରେ ଦେଢ଼ କୋଟିରୁ ଅଧିକ ଟଙ୍କା ଥିବା କୁହାଯାଉଛି। ଆଜି ସିକ୍ୟୋର ଭାଲ୍ୟୁ ନାମକ ସଂସ୍ଥାର କର୍ମଚାରୀମାନେ ଆଠଗଡ଼ ଏସ୍‌ବିଆଇରୁ ଟଙ୍କା ଉଠାଇ ବିଭିନ୍ନ ଏଟିଏମ୍‌ରେ ଭରିବାକୁ ଯାଇଥିଲେ। ସେମାନେ ୨ କୋଟିରୁ ଅଧିକ ଟଙ୍କା ଉଠାଇଥିଲେ। ମୋଟ ୧୩ଟି ଏଟିଏମ୍‌ରେ ସେମାନେ ଏହି ଟଙ୍କା ଭରି ଥାଆନ୍ତେ। ତେବେ ମାତ୍ର ଚାରୋଟି ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରିବା ପରେ ସେମାନେ ଲୁଟ୍‌ର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ସିକ୍ୟୋର ଭାଲ୍ୟୁ ସଂସ୍ଥା ପକ୍ଷରୁ ଟଙ୍କା ନେଇ ଯାଉଥିବା ଗାଡ଼ିରେ ଜଣେ ସୁରକ୍ଷା କର୍ମଚାରୀଙ୍କୁ ମିଶାଇ ମୋଟ ଚାରି ଜଣ ଥିଲେ। ସେମାନେ ଗୋଡ଼ିଝରିଆରେ ଏଟିଏମ୍‌ରେ ଟଙ୍କା ଭର୍ତ୍ତି ▶▶ପୃଷ୍ଠା ୭

## ବଲାଙ୍ଗିର ସରକାରୀ ଆୟୁର୍ବେଦିକ କଲେଜ ଅଧକ୍ଷ ଗିରଫ



ବଲାଙ୍ଗିର , ୧୦/୧୧ (ନି.ପ୍ର): ବଲାଙ୍ଗିର ସରକାରୀ ଆୟୁର୍ବେଦିକ କଲେଜ ଓ ହସ୍‌ପିଟାଲ୍‌ର ଅଧକ୍ଷ ପ୍ରଫେସର ସୁଦର୍ଶନ ବେହେରାଙ୍କୁ ଆଜି ଭିଜିଲାନ୍ସ ଗିରଫ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ସେ ତାଙ୍କ ଆୟଠାରୁ ୧୧୩% ଅଧିକ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ କହିଛି। ପ୍ରଫେସର ସୁଦର୍ଶନ ବେହେରାଙ୍କର ତିନିଟି ବହୁତଳ କୋଠା ରହିଛି। ସେଥିରୁ ଗୋଟିଏ ପୁରୀ ଜିଲ୍ଲା ସାକ୍ଷୀଗୋପାଳ ବ୍ଲକ୍ ଛକ ନିକଟରେ ରହିଛି। ଏହି ଘରଟି ୪ ମହଲା ବିଶିଷ୍ଟ। ପାଖାପାଖି ୪୬୦୦ ବର୍ଗଫୁଟ ଅଞ୍ଚଳରେ ଏହି କୋଠାଟି ତିଆରି ହୋଇଛି। ସେହିପରି ପୁରୀ ଜିଲ୍ଲା ସତ୍ୟବାଦୀର ଶ୍ରୀ ରାମଚନ୍ଦ୍ରପୁରରେ ତାଙ୍କର ଏକ ଦୁଇ ମହଲା କୋଠା ରହିଛି। ପୁରୀ ଜିଲ୍ଲା ଗୋପର ସୋରିଷପଦାରେ ମଧ ତାଙ୍କର ଏକ କୋଠା ଠାବ କରାଯାଇଛି। ତିନୋଟି ବହୁତଳ କୋଠା ସହିତ ପ୍ରଫେସର ସୁଦର୍ଶନ ବେହେରାଙ୍କ ୨୮ଟି ପ୍ଲଟ ଅଛି। ଭୁବନେଶ୍ୱର ସହିତ ପୁରୀ ଜିଲ୍ଲାର ଗୋପ, ପିପିଲି, ସତ୍ୟବାଦୀ ଅଞ୍ଚଳରେ ଏହି ପ୍ଲଟ୍ ଗୁଡ଼ିକ ରହିଛି। ତାଙ୍କଠାରୁ ୨୫୦ ଗ୍ରାମର ସୁନା ଅଳଙ୍କାର ମିଳିଛି।ପ୍ରଫେସର ସୁଦର୍ଶନ ବେହେରାଙ୍କର ୩ଟି ୪ ଚକିଆ ଗାଡ଼ି ଓ ଗୋଟିଏ ଦୁଇ ଚକିଆ ଗାଡ଼ି ରହିଛି। ଏସବୁର ମୂଲ୍ୟ ମିଶି ୩୨ ଲକ୍ଷ ଟଙ୍କାରୁ ଅଧିକ ହେବ। ଏହି ମାମଲାର ତଦନ୍ତ ଜାରି ରହିଛି ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

## ଆସନ୍ତା ସପ୍ତାହରେ ଲଘୁଚାପ

ଭୁବନେଶ୍ୱର, ୧୦/୧୧ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ ଆଉ ଏକ ଲଘୁଚାପ। ଏହି ସୂଚନା ଦେଇଛି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। କେନ୍ଦ୍ର ପକ୍ଷରୁ ଏହାର 'ଡ' ଏକାଉଣ୍ଟରେ ଆଜି ଲେଖାଯାଇଛି ଯେ ଦକ୍ଷିଣପୂର୍ବ ଏବଂ ପାର୍ଶ୍ୱବର୍ତ୍ତୀ ଦକ୍ଷିଣପଶ୍ଚିମ ବଙ୍ଗୋପସାଗର ଅଞ୍ଚଳରେ ୧୫ ନଭେମ୍ବର ବେଳକୁ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ରାଜ୍ୟର ସବୁ ସ୍ଥାନ ଶୁଖିଲା ଥିଲା। ▶▶ପୃଷ୍ଠା ୭

## ରାହୁଲ ଗାନ୍ଧିଙ୍କ ଟାର୍ଗେଟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ପୋଷାକ



ନୂଆଦିଲ୍ଲୀ, ୧୦/୧୧ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲକ୍ଷାଧିକ ତଥା ଦାମୀ ସୁଟ ପିନ୍ଧୁଥିବା ଅଭିଯୋଗ କରିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧି। ଏଥିସହ ସେ ମୋଦିଙ୍କ ପୋଷାକକୁ ନେଇ ମଧ ତାଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ମଧ୍ୟପ୍ରଦେଶର ସତନାରେ ଆୟୋଜିତ ଗୋଟିଏ ରାଲିରେ ରାହୁଲ ଗାନ୍ଧି କହିଛନ୍ତି, "ଗୋଟିଏ ଦିନରେ ସେ(ପ୍ରଧାନମନ୍ତ୍ରୀ ମୋଦି) ଅତିକମରେ ୧/୨ଟି ସୁଟ ପିନ୍ଧୁଛନ୍ତି। ସୁଟର ଦାମ ଲକ୍ଷାଧିକ ଟଙ୍କା। ମୋଦିଜୀ ଗୋଟିଏ ପୋଷାକକୁ ଦୁଇ ଥର ପିନ୍ଧିବା ଆପଣମାନେ କେବେ ଦେଖିଛନ୍ତି କି? ମୁଁ କେବଳ ଏହି ଗୋଟିଏ ଧଳା ଟି-ଶାର୍ଟ ପିନ୍ଧି ବିଭିନ୍ନ ସ୍ଥାନକୁ ଯାଉଛି।" ସେ ଆହୁରି କହିଛନ୍ତି, "ପୂର୍ବରୁ ମୁଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଭାଷଣ ଶୁଣିଛି। ସେ ପ୍ରତିଟି ଭାଷଣରେ ଓ ପ୍ରତିଟି ସ୍ଥାନରେ କୁହନ୍ତି ଯେ 'ମୁଁ ଓବିସି ସଂପ୍ରଦାୟରୁ ଆସିଛି।' ସେ ବାରମ୍ବାର ଏକଥା କହି ପ୍ରଧାନମନ୍ତ୍ରୀ ହୋଇଛନ୍ତି। କିନ୍ତୁ ଆପଣମାନେ ଜାଣିଛନ୍ତି କି କାହିଁକି ତାଙ୍କ ଭାଷଣରୁ ଏବେ ଜାତି କଥା ଉଭାନ ହୋଇଯାଇଛି ? କାରଣ ମୁଁ ଏବେ ଜାତି ଭିତ୍ତିକ ଜନଗଣନା ଆରମ୍ଭ କରିବା ସପକ୍ଷରେ କହିବାରେ ଲାଗିଛି। ଯେବେ ଠାରୁ ମୁଁ ଏ ବିଷୟରେ କହିବା ଆରମ୍ଭ କରିଛି ସେବେଠାରୁ ମୋଦିଜୀ ଭାରତରେ କୌଣସି ଜାତି ନାହିଁ ବୋଲି କହିବା ଆରମ୍ଭ କରିଛନ୍ତି। ଜାତି ଭିତ୍ତିକ ଜନଗଣନା ଗୋଟିଏ ବୈପ୍ଳବ ପରିବର୍ତ୍ତନ। ଏହା ଲୋକଙ୍କ ଜୀବନର ଗତିପଥ ବଦଳାଇ ଦେବ। ତେଣୁ କଂଗ୍ରେସ କ୍ଷମତାକୁ ଆସିଲେ ମଧ୍ୟପ୍ରଦେଶ ସମେତ ଜାତୀୟ ସ୍ତରରେ ଜାତି ଭିତ୍ତିକ ଜନଗଣନା କରିବ।" ଆସନ୍ତା ୧୭ ତାରିଖରେ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ହେବ। ଏହାପୂର୍ବରୁ ଆଜି ରାହୁଲ ନିଜ ଦଳ ପାଇଁ ପ୍ରଚାର କରିଛନ୍ତି। ପ୍ରଚାର କରିବା ବେଳେ ବେକାରୀ ସମସ୍ୟାକୁ ନେଇ ନେଇ ସେ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ରାହୁଲ କହିଛନ୍ତି, "ରାଜ୍ୟରେ କ୍ଷମତାକୁ ଆସିବା ପରେ ଆମର ପ୍ରଥମ କାମ ହେଲା ଜାତି ଭିତ୍ତିକ ଜନଗଣନା କରିବୁ। ମଧ୍ୟପ୍ରଦେଶରେ କେତେ ଓବିସି ରହୁଛନ୍ତି, ତା'କୁ ନିଶ୍ଚିତ କରାଯିବ।

## ଟ୍ୱିନ୍ ସିଟିରେ ରାତି ୧୦ଟା ଯାଏଁ ବାଣ ଫୁଟାଇବାକୁ ଅନୁମତି

ଭୁବନେଶ୍ୱର, ୧୦/୧୧ (ନି.ପ୍ର): ରାତି ୧୦ ଟା ପରେ ଫୁଟିବନି ବାଣ। ଟ୍ୱିନ୍ ସିଟିରେ ରାତି ୧୦ଟା ପର୍ଯ୍ୟନ୍ତ ବାଣ ଫୁଟାଇବାକୁ ମିଳିବ ଅନୁମତି। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି କଟକ ଓ ଭୁବନେଶ୍ୱରବାସୀ ରାତି ୧୦ ଟା ପର୍ଯ୍ୟନ୍ତ ବାଣ ଫୁଟାଇ ପାରିବେ। ରାତି ୧୦ ପରେ ବାଣ ଫୁଟାଇଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ୧୨୫ ଡେସିବେଲ୍ ରୁ ଅଧିକ ଶବ୍ଦଯୁକ୍ତ ବାଣ ଫୁଟାଇଲେ କାର୍ଯ୍ୟାନୁଷ୍ଠାନ ହେବ। ଦୀପାବଳିରେ ଦୀପ ଜାଳି, ସବୁଜ ବାଣ ଫୁଟାଇବାକୁ ଅପିଲ୍ କରିଛନ୍ତି ପୋଲିସ କମିଶନର।

## ଦିବଂଗତ ସାମ୍ବାଦିକ ସତ୍ୟପ୍ରିୟ ମହାନ୍ତି ଥିଲେ ବାଲେଶ୍ୱର ସାମ୍ବାଦିକ ବଗିଚାରେ ମଲ୍ଲୀଫୁଲ




ବାଲେଶ୍ୱର,୧୦।୧୧(ନିପ୍ର): ଜିଲା ସାମ୍ବାଦିକ ପ୍ରକୋଷ୍ଠରେ ଦିବଂଗତ ସାମ୍ବାଦିକ ସତ୍ୟପ୍ରିୟ ମହାନ୍ତିଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ରଂଜନ ବାଗ ସ୍ୱର୍ଗତ ମହାନ୍ତିଙ୍କ ଜୀବନୀ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ, ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ, ଉଜ୍ୱଳ ଚନ୍ଦ୍ର କର, ବ୍ରହ୍ମନାଥ ରଥ, ନିରଂଜନ ଦାସ ପ୍ରମୁଖ ମଞ୍ଚାସୀନ ହୋଇ ସ୍ୱର୍ଗତ ମହାନ୍ତିଙ୍କ ଜୀବନାଦର୍ଶ ଓ କାର୍ଯ୍ୟଧାରା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ସେମାନେ କହିଥିଲେ ଯେ ଏ ମହାନ୍ତି ଥିଲେ ବାଲେଶ୍ୱର ସାମ୍ବାଦିକ ବଗିଚାରେ ଏକ ମଲ୍ଲୀଫୁଲ। ସେ ଦୀର୍ଘ ୩୦ ବର୍ଷରୁ ଅଧିକ କାଳ ସାମ୍ବାଦିକତା କରିବା ସାଙ୍ଗକୁ ▶▶ପୃଷ୍ଠା ୭

## ପ୍ରଦୂଷଣ ଭିତରେ ଦିଲ୍ଲୀବାସୀଙ୍କୁ ଆଶ୍ୱସ୍ତି : ବିଳମ୍ବିତ ରାତିରେ ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା

ନୂଆଦିଲ୍ଲୀ, ୧୦/୧୧ : ପ୍ରଦୂଷଣକୁ ନେଇ ଚିନ୍ତାରେ ଥିବା ରାଜଧାନୀବାସୀଙ୍କୁ ଆଶ୍ୱସ୍ତି । ଗୁରୁବାର ବିଳମ୍ବିତ ରାତିରେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି । ବର୍ଷା ଦ୍ୱାରା ପ୍ରଦୂଷଣ ମାତ୍ରା ହ୍ରାସ ପାଇବ ବୋଲି କୁହାଯାଉଛି । ପାଣିପାଗ ବିଭାଗ, କଂଝାଓ୍ୱାଲା, ମୁଣ୍ଡାକା, ଜାଫରପୁର, ନଜଫଗଡ଼, ଏନସିଆରର କିଛି ଅଞ୍ଚଳରେ ବର୍ଷା ନେଇ ଆକଳନ କରାଯାଇଥିଲା । ପାଣିପାଗ ବିଭାଗର ଅନୁମାନ ଅନୁସାରେ, ଆଜି ଦିଲ୍ଲୀର ପାଗ ସାଧାରଣତଃ ମେଘୁଆ ରହିବ । ଏହାସହ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି । ଯାହା ଫଳରେ ଲୋକଙ୍କୁ ପ୍ରଦୂଷଣରୁ ସାମାନ୍ୟ ଆଶ୍ୱସ୍ତି ମିଳିବ । ରାଜଧାନୀ ଦିଲ୍ଲୀରେ ଗତ ଗୁରୁବାର ଏକ୍ୟୁଆଇ ୪୩୭ ରହିଥିଲା, ଯାହା ଗୁରୁତ୍ୱର ଶ୍ରେଣୀର ବୋଲି କୁହାଯାଏ । ତେବେ ବର୍ଷା ପରେ କିଛି ସ୍ଥାନରେ ଏକ୍ୟୁଆଇ ସିଧା ୧୦୦ ଥିବା ରେକର୍ଡ ହୋଇଛି । ସେପଟେ ପ୍ରଦୂଷଣ ରୋକିବା ପାଇଁ କୃତ୍ରିମ ବର୍ଷା କରିବାକୁ ଯୋଜନା କରୁଛନ୍ତି ଦିଲ୍ଲୀ ସରକାର । ବାୟୁର ମାନକ ବଢ଼ାଇବା ପାଇଁ କେଜ୍ରିଓ୍ୱାଲ ସରକାର ଆଇଆଇଟି କାନପୁରର ସହ ଆଲୋଚନା ଜାରି ରଖିଛନ୍ତି । ଦୀପାବଳି ପରେ ୨୦ କିମ୍ବା ୨୧ତାରିଖରେ କୃତ୍ରିମ ବର୍ଷା କରାଇବାକୁ ଯୋଜନା କରୁଛନ୍ତି କେଜ୍ରିଓ୍ୱାଲ ସରକାର ।

# ସ୍ୱାଭିମାନ ଅଂଚଳରେ ଉଠା ଜଳସେଚନ ପ୍ରକଳ୍ପ ଫେଲ: ଶୁଖିଲା ପଡିଛି ଜମି

ମାଲକାନଗିରି, ୧୦/୧୧ (ନି.ପ୍ର): ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଂଚଳରେ ଗୁରୁପ୍ରିୟା ସେତୁ ନିର୍ମାଣ ପରେ ଅନେକ କ୍ଷେତ୍ରରେ ବିକାଶ ହୋଇଛି । କିନ୍ତୁ, ଚାଷ ଜମିକୁ ଜଳସେଚନ କରିବାରେ ବିଫଳ ହୋଇଛି ପ୍ରଶାସନ । ଜଳ ସେଚନ ପାଇଁ ସରକାର ଯେଉଁ ଉଠା ଜଳ ସଚନ ପ୍ରକଳ୍ପ କରିଥିଲେ ତାହା ଫେଲ ମାରିଛି । ମାଲକାନଗିରି ଜିଲ୍ଲା ଚିତ୍ରାକୋଣ୍ଡା ବ୍ଲକରେ ଜଳ ସେଚନ ପାଇଁ ସରକାରଙ୍କ ତରଫରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ସ୍ଥାନରେ ଉଠା ଜଳସେଚନ ପ୍ରକଳ୍ପ କରାଯାଇଛି । କିନ୍ତୁ ସେ ସବୁ ପ୍ରକଳ୍ପ ଏବେ ଫେଲ ମାରିଥିବା ଅଭିଯୋଗ ହୋଇଛି । କେଉଁଠି ମୋଟର ପମ୍ପ ଖରାପ ହୋଇ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି, ତ ଆଉ କେଉଁଠି ବିଦ୍ୟୁତ୍ ତାର ସବୁ ଛିଣ୍ଡିବା ଅବସ୍ଥାରେ ରହିଛି । ବଡ କଥା ହେଉଛି, ସ୍ଥାନୀୟ ଲୋକଙ୍କ କହିବା କଥା, ପ୍ରକଳ୍ପ ଆରମ୍ଭରୁ ଆଜି ଯାଏଁ ଜମିରେ ପାଣି ଆସିବା ଦେଖି ନାହାନ୍ତି । ଫଳରେ ଯେଉଁ ଚାଷୀମାନେ ଗଞ୍ଜେଇ ଚାଷରୁ ମୁହଁ ଫେରାଇ ଅର୍ଥକାରୀ, ଫସଲ ଯେମିତି ଧାନ, ମାଣ୍ଡିଆ, ବିରି, କୋଳଥ ଆଦି ଚାଷ କରିବାକୁ ଲାଗିଥିଲେ, ସେମାନେ ଏବେ ଘରେ ହାତ ବାନ୍ଧି ବସୁଛନ୍ତି ନହେଲେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବା ପାଇଁ ବାଧ ହେଉଛନ୍ତି । ସ୍ୱାଭିମାନ ଅଂଚଳ ବଡପଡ଼ା ପଂଚାୟତ ମୁତାମ୍ଧ ଗ୍ରାମର ଘେନୁ ବଡ଼ନାୟକ । ପେସାରେ ସେ ଜଣେ ପନିପରିବା ଚାଷୀ । ସେ ତାଙ୍କ ଜମିରେ ଟମାଟୋ, ବାଇଗଣ, କଦଳି, ଲଙ୍କା, ଫୁଲ କୋବି ଆଦି ଚାଷ କରନ୍ତି । କିନ୍ତୁ ଅଂଚଳରେ ଚାଷ ପାଇଁ ପାଣିର ବ୍ୟବସ୍ଥା ନଥିବା ଯୋଗୁଁ ମାତ୍ର ଅଳ୍ପ ଜମିରେ ଟଙ୍କା ଋଣ କରି ଆଣି ନିଜେ ପାଇପ କିଣି ଜମିରେ ପାଣି ମଡାଇ ଚାଷ କରୁଛନ୍ତି । ଆଉ ଏପଟେ ଉଠା ଜଳସେଚନ ନାମରେ ଜମିରେ ପାଇପ ପୋତିଦେଇ ନିଜ କାମ ସାରି ଦେଇଛନ୍ତି ବଡ ବଡିଆ ବାବୁ ମାନେ । ଏହି ବାବଦରେ ଆମେ ଉଠା ଜଳସେଚନ ବିଭାଗର ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲୁ, କିନ୍ତୁ ସେଠାରୁ କୌଣସି ଉତର ମିଳିନଥିଲା । ପାପରମେଟଲା ପଂଚାୟତର ସରପଂଚଙ୍କ କହିବା ଅନୁଯାୟୀ, ସରକାର ସ୍ୱାଭିମାନ ଅଂଚଳରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି କିନ୍ତୁ କୌଣସି ବି କାର୍ଯ୍ୟ ସଠିକ ଭାବରେ ହେଉନଥିବା ଦେଖିବାକୁ ମିଳୁଛି ।

# ଜାତୀୟ ଆଇନ ସେବା ଦିବସ ପାଳନ

ଜୟପୁର, ୧୦/୧୧ (ନି.ପ୍ର): ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦେଶ ତଥା ଜିଲ୍ଲା ଜଜ ତଥା ଅଧକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ସତ୍ୟନାରାୟଣ ମିଶ୍ରଙ୍କ ତତ୍ୱାବଧାନରେ ଜାତୀୟ ଆଇନ ସେବା ଦିବସ ଅବସରରେ ହରଡାପୁଟ ଗ୍ରାମ ସ୍ଥିତ ଆବାସିକ ବାଳିକା ଉଚ ବିଦ୍ୟାଳୟଠାରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇ ଅଛି । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଆଇନ ସେବା ପ୍ରାଧିକରଣର ସଚିବ ତଥା ସ୍ଥାୟୀ ଲୋକ ଅଦାଲତ ବିଚାରପତି ସୁମନ ଜେନା, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, ହରଡାପୁଟ ଗ୍ରାମ ପଂଚାୟତ ସରପଂଚ, ପଂଚାୟତ ଅଧିକାରୀ, ପାରା ଲିଗାଲ ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ରହି ଉପସ୍ଥିତ ଛାତ୍ରୀ ମାନଙ୍କୁ ଆଇନ ସେବା ଦିବସ ପାଳନର ତତ୍ପର୍ଯ୍ୟ ଉପରେ ଆଲୋକପାତ କରିବା ସହିତ ଭାରତୀୟ ସମ୍ବିଧାନରେ ପ୍ରଦତ୍ତ ବିଭିନ୍ନ ମୌଳିକ କର୍ତ୍ତବ୍ୟ ଓ ଅଧିକାର, ସ୍ୱାଧୀନତା ଓ ସୁରକ୍ଷାର ଅଧିକାର, ଆଇନଗତ ସମାନତା, ,ସାମାଜିକ ସୁରକ୍ଷାର ଅଧିକାର, ମହିଳା ସଶକ୍ତିକରଣ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସଚିବ ଶ୍ରୀ ଜେନା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ କାର୍ଯ୍ୟାବଳୀ ଯେପରି ମାଗଣା ଆଇନସେବା, ମଧ୍ୟସ୍ଥିତା ଓ ଆପୋଷ ମିଳାମିଶା ମାଧ୍ୟମରେ ମାମଲାର ସମାଧାନ, ପ୍ରାକ-ମକଦ୍ଦମା ସମ୍ପର୍କରେ ଆଲୋକପାତ କରିଥିଲେ । ଏହା ସହିତ ଉପସ୍ଥିତ ଛାତ୍ରୀଙ୍କୁ ବାଧ୍ୟତାମୂଳକ ଶିକ୍ଷାଗତ ଅଧିକାର ଅଧିନିୟମ ଓ ଜାତୀୟ ଆଇନ ସେବାପ୍ରାଧିକରଣ ଦ୍ୱାରା ପ୍ରଦତ୍ତ ୧୦ ଟି ନୂଆ ଯୋଜନା ସାମ୍ବିଧାନିକ କର୍ତ୍ତ୍ୟବ ଓ ଅଧିକାର ସମ୍ପର୍କରେ ଏବଂ ସରକାରଙ୍କ ବିଭିନ୍ନ ଜଣ ମଙ୍ଗଳକାରୀ ଯୋଜନା କିପରି ଲୋକମାନଙ୍କ ପାଖକୁ ପହଂଚିବ ତାହା ଉପରେ ବର୍ଣ୍ଣନା କରିଥିଲେ । ଶେଷରେ ଛାତ୍ର ଆଇନ ସେବା କ୍ଲବ ମାଧ୍ୟମରେ କିପରି ଛାତ୍ର ଛାତ୍ରୀ ନିଜ ନିଜ ଅଂଚଳରେ ହେଉଥିବା ବିବାଦର ସମାଧାନ ଓ ଗରିବ ଅଭାବି ଲୋକୋଙ୍କୁ କିପରି ଆଇନ ସେବା ସଂସ୍ଥାର ସହଯୋଗରେ ସାହାଯ୍ୟ ଯୋଗାଇଦେବାରେ ସହାୟକ ହେଇପାରିବେ ତାହା ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଶିବିର ର ପରିସମାପ୍ତି ପରେ ଛାତ୍ରୀ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟାତ୍ରୀ, ଅଭିଭାବକ, ସ୍ୱେଚ୍ଛାସେବୀ ଓ ଗ୍ରାମବାସୀଙ୍କୁ ନେଇ ଏକ ବିଶାଳ ରାଲି ବିଭିନ ଆଇନ ସଚେତନତା ସମ୍ପର୍କିତ ସ୍ଲୋଗାନ ଓ ବାର୍ତ୍ତା ଦେଇ ହରଡାପୁଟ ଓ ପାଖ ଗ୍ରାମ ପରିକ୍ରମା କରିଥିଲେ ।

# ସୁବର୍ଣ୍ଣପୁର ଜିଲ୍ଲା ଜୁନିୟର ରେଡକ୍ରସ କାର୍ଯ୍ୟକାରୀ କମିଟିର ବାର୍ଷିକ ବୈଠକ

ସୁବର୍ଣ୍ଣପୁର , ୧୦/୧୧ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଜୁନିୟର ରେଡକ୍ରସ କାର୍ଯ୍ୟକାରୀ କମିଟିର ବାର୍ଷିକ ବୈଠକ ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ବୈଠକରେ ଅଧକ୍ଷତା କରି ଜିଲ୍ଲାର ସମସ୍ତ ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟରେ ଜୁନିୟର ରେଡକ୍ରସ ୟୁନିଟ୍ ଖୋଲିବା ସହ ସମାଜର ବିଭିନ୍ନ ବର୍ଗର ଲୋକେ କିପରି ରେଡକ୍ରସର ଉପାଦେୟତା ପାଇପାରିବେ ସେ ଦିଗରେ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିବାକୁ ସାଧନକର୍ମୀ ଏବଂ ପରାମର୍ଶଦାତାମାନଙ୍କୁ ଆହ୍ୱାନ କରିଛନ୍ତି । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ଜୁନିୟର ରେଡକ୍ରସ ସଂପାଦକ ଡା. ରାଧାକାନ୍ତ ଗଡତିଆ, ଏଡିଇଓ ମଂଜୁଳତା ଭୋଇ, ବୀରମାହାରାଜପୁର ବିଇଓ ସାନ୍ତାନୁ କୁମ୍ଭକାର, ଭାଇସଚେୟାର ପାର୍ସନ ଗତିକୃଷ୍ଣ ମିଶ୍ର ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ଜୁନିୟର ରେଡକ୍ରସ ଅଫିସର ରବିଚନ୍ଦ୍ର ପଶାୟତ ପରିଚାଳନା କରିଥିଲେ । ଚଳିତ ଶିକ୍ଷାବର୍ଷରେ ହାତକୁ ନେବାକୁ ଥିବା ସମସ୍ତ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା ଓ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଭୋଇ ଏହାକୁ ଅନୁମୋଦନ କରିଥିଲେ । ବ୍ଲକସ୍ତରୀୟ ସଚେତନତା ଶିବିର ଏବଂ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଓ ତାଲିମ କାର୍ଯ୍ୟକ୍ରମକୁ ନଭେମ୍ବର ଶେଷ ସପ୍ତାହ କିମ୍ବା ଡିସେମ୍ବର ପ୍ରାରମ୍ଭରେ ସମ୍ପନ୍ନ କରିବାକୁ କମିଟିର ସମସ୍ତ ସଦସ୍ୟ ତଥା ଅଂଶୀଦାର ମତବ୍ୟକ୍ତ କରିଥିଲେ ।

# ବୋରିଗୁମ୍ମା ଜଗନ୍ନାଥ ମନ୍ଦିର ସମ୍ମୁଖରେ କଂଗ୍ରେସର ଧାରଣା

ଜୟପୁର, ୧୦/୧୧ (ନି.ପ୍ର): ଚାଲିଛି ଧର୍ମର ମାସ କାର୍ତ୍ତିକ ମାସ ।କାର୍ତ୍ତିକ ମାସରେ ସବୁଆଡେ ଭକ୍ତି ମୟ ପରିବେଶ ।ଚଳଚଂଚଳ ସମସ୍ତ ଦେବାଳୟ ।ଏହି ମାସରେ ବିଶ୍ୱ ପ୍ରସିଦ୍ଧ ପୁରୀ ଧାମରେ ଲକ୍ଷ ଲକ୍ଷ ଭକ୍ତ ଙ୍କ ସମାଗମ ହୋଇଥାଏ । ଜଗତର ନାଥ ଜଗନ୍ନାଥ ଙ୍କ ଦର୍ଶନ ପାଇଁ ସବୁ ଆଡୁ ଛୁଟିଆସନ୍ତି ଭକ୍ତ। ହେଲେ ଶ୍ରୀ ମନ୍ଦିର ର ଚାରିଦ୍ୱାର ରୁ କେବଳ ଦୁଇଟି ଦ୍ୱାର ଖୋଲା ରହିଛି ।ଫଳରେ ଭକ୍ତଙ୍କୁ ଅନେକ ଅସୁବିଧା ହେଉଛି ।ଭକ୍ତଙ୍କ ସମସ୍ୟା କୁ ଦ ଦୃଷ୍ଟିରେ ରଖି ଆଜି ପ୍ରଦେଶ କଂଗ୍ରେସ କମିଟି ତରଫରୁ ରାଜ୍ୟବ୍ୟାପୀ ୩ଘଂଟିଆ ଧାରଣା କୁ ଓଲାଇଛି କଂଗ୍ରେସ ।ବୋରିଗୁମ୍ମା ବ୍ଲକ କଂଗ୍ରେସ ତରଫରୁ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଧାରଣା ଦେଉଛି କଂଗ୍ରେସ। ଏହି ଧାରଣା ରେ ଅଶୋକ ଗନ୍ତାୟତ, ସୁରେଶ ରାଉତ, କେ ସୁଧାକର ରାଓ,ପ୍ରସାଦ ଦୋରା, ଟୁନା ତ୍ରିପାଠୀ, ଙ୍କ ସମେତ ଅନେକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

# ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ଦାବିରେ କଂଗ୍ରେସର ସଂକୀର୍ତ୍ତନ ସତ୍ୟାଗ୍ରହ

ପୁରୀ, ୧୦/୧୧ (ନି.ପ୍ର): ଓଡ଼ିଶା ସରକାର ଓଡ଼ିଶା ଓ ଓଡ଼ିଶା ବାହାରେ ଥିବା ଲକ୍ଷ ଲକ୍ଷ ଜଗନ୍ନାଥ ଭକ୍ତଙ୍କ ଭାବାବେଗକୁ ବାରମ୍ବାର କୁଠାରଘାତ କରୁଛନ୍ତି । ଏଠାରେ ସ୍ମରଣ କରାଇ ଦିଆଯାଉଛି ଗତ ଅକ୍ଟୋବର ମାସ ୧୬ ତାରିଖ ରାଜ୍ୟ କଂଗ୍ରେସ ତରଫରୁ ଏକ ବିରାଟ ଜନଆନ୍ଦୋଳନ ଶରଧାବାଲି ଠାରୁ ବାହାରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏକ ୬ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିଲା । ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ ଅକ୍ଟୋବର ୨୮ ତାରିଖ ସୁଦ୍ଧା ଏହି ଦାବି ସମୂହକୁ ଗ୍ରହଣ କରି ଶ୍ରୀମନ୍ଦିରର ଚାରି ଦ୍ୱାରକୁ ଭକ୍ତମାନଙ୍କ ଉଦ୍ଦେଶ୍ୟରେ ଖୋଲିବା, ରତ୍ନ ଭଣ୍ଡାରର ଗଣତି ଓ ମଣତି କାର୍ଯ୍ୟ ଆରମ୍ଭ କରିବା ସହିତ ବେଦାନ୍ତ ଦ୍ୱାରା ଅଧିଗ୍ରହଣ କରାଯାଇଥିବା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅମୃତମୋଣହୀ ଜମିକୁ ଏବଂ ଚାଷୀମାନଙ୍କ ଚାଷ ଜମିକୁ ଫେରାଇବା, ପୁରୀର ଭୂମିହୀନ ସେବାୟତଙ୍କୁ ଜମି ପ୍ରଦାନ ସହିତ ୮୦ ହଜାର ପୁରୀ ବାସିନ୍ଦାଙ୍କୁ ସ୍ଥାୟୀ ପଟା ପ୍ରଦାନ କରିବା ପାଇଁ ମହଲତ ଦେଇଥିଲେ । କିନ୍ତୁ ଏ ପର୍ଯ୍ୟନ୍ତ ମଦାନ୍ଧ, ଅହଂକାରୀ ସରକାର କଂଗ୍ରେସର ଦାବିକୁ ଗ୍ରହଣ କଲା ନାହିଁ ।

ପବିତ୍ର କାର୍ତିକ ମାସରେ ସାରା ଓଡ଼ିଶା ଏବଂ ଓଡ଼ିଶା ବାହାରୁ ଲକ୍ଷ ଲକ୍ଷ ହବିଷ୍ୟାଳି ଓ ଭକ୍ତମାନେ ଜଗନ୍ନାଥ ଦର୍ଶନ ପାଇଁ ପୁରୀକୁ ଆସୁଛନ୍ତି । ଦିନ ଦିନ ଧରି ଅପେକ୍ଷା କଲାପରେ ମଧ ଜଗନ୍ନାଥଙ୍କୁ ଦର୍ଶନ କରିପାରୁ ନାହାନ୍ତି । ଜଗନ୍ନାଥଙ୍କୁ ଦର୍ଶନ ନକରି ସେମାନେ ଫେରିଯାଉଛନ୍ତି । ଏହା ଓଡ଼ିଶାର ସଂସ୍କୃତି, ଐତିହ୍ୟ ଓ ପରମ୍ପରା ପ୍ରତି ଏକ ବଡ଼ କୁଠାରଘାତ । ଏ ସରକାର କାହାର ସ୍ୱାର୍ଥ ପୂରଣ କରିବା ପାଇଁ ଭକ୍ତ ଓ ଭଗବାନ ମଧ୍ୟରେ ଏକ ପାଚେରୀ ହୋଇ ଛିଡ଼ା ହୋଇଛନ୍ତି । ପବିତ୍ର ଧର୍ମ ମାସରେ ଭକ୍ତମାନଙ୍କୁ ଶ୍ରୀ ମନ୍ଦିରକୁ ଅନାୟଶରେ ପ୍ରବେଶ ଓ ପ୍ରସ୍ଥାନ ପାଇଁ ଦାୟୀତ୍ୱ ନିର୍ବାହ କରିବା ପରିବର୍ତେ ଦ୍ୱାର ବନ୍ଦ କରି ରଖିବା ଏହା ଜଗନ୍ନାଥ ସଂସ୍କୃତି ବିରୋଧି । ରାଜ୍ୟ ସରକାର ପୁରୀ ଶ୍ରୀ ମନ୍ଦିର ପରିକ୍ରମା ପକଳ୍ପକୁ ଆଜକୁ ପାଖାପାଖି ୩ ବର୍ଷରୁ ଅଧିକ ସମୟ ହେଲାଣି ମାତ୍ର ଏ ପର୍ଯ୍ୟନ୍ତ ସମୁଦାୟ ପ୍ରକଳ୍ପର ୧୦ ଭାଗ କାମ ମଧ ହୋଇନାହିଁ । ଭକ୍ତଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଆଜି ଶ୍ରୀମନ୍ଦିର ସମ୍ମୁଖରେ ଉପରୋକ୍ତ ଦାବିକୁ ସରକାର ଗ୍ରହଣ କରିବା ପାଇଁ ଦିନ ୯ଟାରୁ ୧୨ଟା ପର୍ଯ୍ୟନ୍ତ ପ୍ରଦୀପ ପ୍ରଜ୍ୱଳନ କରି ସଂକୀର୍ତନ ସତ୍ୟାଗ୍ରହ କରାଯାଇଥିଲା ।

ଆଜିର ଏହି କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ସୁରେଶ ଚନ୍ଦ୍ର ରାଉତରାୟ, ପିସିସି ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ, ପୁରୀ ଜିଲ୍ଲା କଂଗ୍ରେସ ସଭାପତି ଜୟରାମ ପଟ୍ଟନାୟକ, ସୁଜିତ୍ ମହାପାତ୍ର, ରାଜେଶ ମିଶ୍ର, ବିନାୟକ ଦାସ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ପୁଷ୍କର ମହାପାତ୍ର, ମଞ୍ଜୁଲତା ବାରିକୀ, ଭୀମସେନ ପ୍ରଧାନ, ପିସିସି ସମ୍ପାଦକ ବିଶ୍ୱନାଥ ଦାଶ, ମିତ୍ରଭାନୁ ମହାପାତ୍ର, ସୀତାକାନ୍ତ ମହାନ୍ତି, ନିରଞ୍ଜନ ରଥ, ପୁରୀ ନଗର କଂଗ୍ରେସ (କ) ସଭାପତି ଛବିନ୍ଦ୍ର ପଢ଼ିଆରି, (ଖ) ଅମରେନ୍ଦ୍ର ପାଇକରାୟ, ଜିଲ୍ଲା ଲିଗାଲ ସେଲ ସଭାପତି କାଳି ପ୍ରାସାଦ ନାୟକ, ବିଦ୍ୟୁଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର, ସୁକାନ୍ତ ପ୍ରଧାନ, ପ୍ରେମଜୀତ ମହାନ୍ତି, ନୂତନ ଦାସ ମହାପାତ୍ର, ଚେତନ ମିଶ୍ର, ରଜତ ସାହୁ, ଅବିନାଶ ମିଶ୍ର, ବିଶ୍ୱରଂଜନ ମହାପାତ୍ର, ଆଶୁତୋଷ ମିଶ୍ର, ଆଦର୍ଶ ମିଶ୍ର, ମାର୍କଣ୍ଡ ମହାନ୍ତି, ଉମାକାନ୍ତ ବେହେରା, ସସ୍ମିତା ସ୍ୱାଇଁ, ଜିଲ୍ଲା ମୁଖପାତ୍ର ସ୍ୱାଧୀନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଲୁଟ୍ କରିଥିବା ତିନି ଅପରାଧୀଙ୍କୁ ଧରିଲା ପୁଲିସ

ବଲାଙ୍ଗିର, ୧୦/୧୧ (ନି.ପ୍ର): ବଲାଙ୍ଗିର ସହର ଉପକଣ୍ଠରେ କ୍ରମାଗତ ଲୁଟ୍ କରୁଥିବା ୩ ଲୁଟେରାଙ୍କୁ ଗିରଫ କରିଛି ବଲାଙ୍ଗିର ସଦର ଏବଂ ପୁଇଁତଲା ଥାନା ପୋଲିସ । ଗିରଫ ଅଭିଯୁକ୍ତମାନେ ହେଲେ ବଲାଙ୍ଗିର ବିଭୂତିପଡାର ଶିତୁ ଓରଫ୍ ଆକାଶ ସ୍ୱାଇଁ, ବିଜୟ ନାଗ ଏବଂ ସମ୍ବଲପୁର ବଡ଼ବଜାର ଅଂଚଳର ସଂସ୍କାର ସରାଫ । ମିଳିଥିବା ସୂଚନା ଅନୁସାରେ, ବଲାଙ୍ଗିର ବନ ବିଭାଗରେ କାମ କରୁଥିବା ବିଲେଇକାନୀ ଗାଁର ନିରଞ୍ଜନ ବିଶ୍ୱାଳ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟାରେ ନିଜ ଗାଁକୁ ବାଇକ୍ ରେ ଫେରୁଥିବା ବେଳେ ଖୁଜେନପାଲି ନାଳ ପାଖରେ ଉପରୋକ୍ତ ତିନି ଅଭିଯୁକ୍ତ ନିରଞ୍ଜନଙ୍କୁ ଅଟକାଇ ତାଙ୍କ ବାଇକ୍, ଟଙ୍କା ଏବଂ ମୋବାଇଲ ଲୁଟି ନେଇ ଫେରାର୍ ହୋଇଯାଇଥିଲେ । ସେଠାରୁ ଲୁଟ୍ କରି ଫେରାର ହେବା ପରେ ସଦର ଥାନା ଅନ୍ତର୍ଗତ ତଥା ବଲାଙ୍ଗିର-ବରଗଡ ଜାତୀୟ ରାଜପଥ -୨୬ର ଛୁଇଁବନ୍ଧ ନିକଟରେ ଜଣେ ବାଇକ୍ ଆରୋହୀଙ୍କୁ ଅଟକାଇ ତାଙ୍କ ବୁଲେଟ୍ ଛଡାଇ ନେଇଥିଲେ । ଏହି ଦୁଇ ଅଭିଯୋଗକୁ ଭିତି କରି ପୋଲିସ ମାମଲା ରୁଜୁ କରିଥିଲା । ସହରର ସିସିଟିଭି ଯାଂଚ୍ କରି ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ୩ ଲୁଟ୍ ବାଇକ୍ ଉଦ୍ଧାର କରିଥିବା ସୂଚନା ମିଳିଛି । ସଂପୃକ୍ତ ତିନି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ।

# ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି କୋରାପୁଟର ଅଳସୀ କ୍ଷେତ

ଜୟପୁର , ୧୦/୧୧ (ନି.ପ୍ର): ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି କୋରାପୁଟର ଅଳସୀ କ୍ଷେତ । ଶୀତର ଆଗମନରେ କୋରାପୁଟର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହିତ ରାସ୍ତା କଡରେ ରହିଥିବା ଅଳସି କ୍ଷେତରେ ଜମୁଛି ପର୍ଯ୍ୟଟକଙ୍କ ଭିଡ଼। କୋରାପୁଟ ଜିଲ୍ଲାରେ ଶୀତ ସକାଳରେ ମତୁଆଲା କରୁଛି ଅଳସୀ ଫୁଲର କ୍ଷେତ । ଅଳସୀ ଫୁଲର କ୍ଷେତ ଏବେ ପର୍ଯ୍ୟଟକଙ୍କୁ ଟାଣୁଛି। ଶୀତର ଆଗମନରେ କୌରାପୁଟର ଚିତ୍ର ସମ୍ପୂର୍ଣ୍ଣ ବଦଳି ଯାଇଛି । ଅଳସି ଫୁଲ ସୌନ୍ଦର୍ଯ୍ୟକୁ ବିଗୁଣିତ କରୁଛି । ସୁନାର ଚାଦରରେ ଘୋଡ଼ି ହୋଇ ହସୁଛି ପ୍ରକୃତି ରାଣୀ । ଅଳସୀ ଫୁଲର କ୍ଷେତ ଉପରେ ନିର୍ମଳ ଆକାଶ । ଧୀର ପବନରେ ଦୋହଲି ଦୋହରି ତରଙ୍ଗାୟିତ କରେ ସମଗ୍ର ପରିବେଶକୁ। ସୂର୍ଯ୍ୟଙ୍କ କିରଣରେ ଆକାଶ ସୁନେଲା ଦେଖାଯାଉଥିବା ବେଳେ କୋରାପୁଟ ମାଟିରେ ଫୁଟିଥିବା ଅଳସୀ ଫୁଲର କ୍ଷେତ ପ୍ରକୃତିକୁ ସୁନାର ନାଦରରେ ଘୋଡ଼େଇ ଦେଇଥିବା ପରି ଭ୍ରମ ସୃଷ୍ଟି କରୁଛି। କୋରାପୁଟରେ ଅଳସୀ କ୍ଷେତ୍ର ଏବେ ପର୍ଯ୍ୟଟକଙ୍କୁ ଟାଣି ଆଣୁଛି । ସକାଳର କୁହୁଡି ସାଙ୍ଗକୁ ସବୁଜିମାରେ ଭରା ପାହାଡ଼ ଆଉ ଏହା ସହ ଅଳସି ଫୁଲରେ ସୂର୍ଯ୍ୟଙ୍କ ପହିଲି କିରଣ ପର୍ଯ୍ୟଟକଙ୍କୁ ମତୁଆଲା କରୁଛି ।

ସକାଳରେ କୁହୁଡ଼ିର ପତଳା ଚାଦରରେ ଘୋଡ଼େଇ ହୋଇ ରହିଛି କୋରାପୁଟ । ଆଉ ଏହାରି ଭିତରେ ଆଖି ଯେଉଁ ଆଡେ ବୁଲାଇଲେ ଦେଖିବାକୁ ମିଳୁଛି ସବୁଜିମାରେ ପରିପୂର୍ଣ ପାହାଡ଼ ମଝିରେ ଅଳସୀ ଫୁଲର ଅପୂର୍ବ ସମ୍ଭାର । ଅଳସୀ ଫୁଲ ଉପରେ ପଡୁଥିବା ସୂର୍ଯ୍ୟଙ୍କ ପହିଲି କିରଣ ପୂରା ପରିବେଶକୁ ମତୁଆଲା କରୁଛି । ଏହି ଅଳସୀ ଫୁଲର ସୌନ୍ଦର୍ଯ୍ୟରେ ବିଭୋର ହେବା ପାଇଁ ଜିଲ୍ଲାରେ ଧୀରେ ଧୀରେ ବଢ଼ିବାରେ ଲାଗିଛି ପର୍ଯ୍ୟଟକଙ୍କ ଭିଡ । ସମସ୍ତେ ଅଟକି ଯାଇଛନ୍ତି ଅଳସୀ ସହିତ ଫଟୋ ଉଠାଇବା ପାଇଁ । ଅଳସୀ ସହ ଶୀତ ଦିନ କୋରାପୁଟ ହୋଇଥାଏ ଅଳ ସୌନ୍ଦର୍ଯ୍ୟମୟ । ଜିଲ୍ଲାରେ କୋରାପୁଟ,ଦାମନଯୋଡି, ସୁନାବେଡା, ସେମିଳିଗୁଡା ଅଂଚଳର ଅଳସୀ ସୁର ସୁନ୍ଦର ଦୃଶ୍ୟ ଦେଖିବାକୁ ମିଳିଛି । ରାସ୍ତା କଡରେ ରହିଥିବା ଅଳସି କ୍ଷେତରେ ଦିନ ୪ ଟା ହେଲେ ପର୍ଯ୍ୟଟକଙ୍କ ସମେତ ପଥ ଚାରୀଙ୍କ ସେଲ୍ଫି ସ୍ଥଳୀ ପାଲଟିଛି ଅଳସି ଖେତ । କିଏ ସେଲ୍ଫି ନେଉଛି ତ ଆଉ କିଏ ରିଲସି କରୁଛି। ଛୋଟଠାରୁ ପ୍ରାପ୍ତ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଅଳସିର ମତୁଆଲା ରେ ବିମୋହିତ ହେଉଛନ୍ତି । ଅନ୍ୟ ଦିନ ଅପେକ୍ଷା ରବିବାର ଦିନ ଅଳସି କ୍ଷେତ ରେ ଭିଡ଼ ଦେଖିବା ପାଇଁ ମିଳୁଛି।

# ଫୁଲବାଣୀରେ ଜାତୀୟ ଆଇନସେବା ଦିବସ ପାଳିତ

କନ୍ଧମାଳ, ୧୦/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜାତୀୟ ଆଇନ ସେବା ଦିବସ ଉପଲକ୍ଷେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଶୋଭାଯାତ୍ରାକୁ ଜିଲ୍ଲା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ବିଚାରପତି ସମର ବିଳାସ ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପାରିବାରିକ ଅଦାଲତ ବିଚାରପତି ଦେବୀ ଦତ ମହାପାତ୍ର, ଏଡିଜେ ସଇକତ ପାତ୍ର, ପୋକ୍ସୋ କୋର୍ଟ ବିଚାରପତି ସଂଚିତ କୁମାର ବେହେରା, ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଅନୀତା ସାହୁ, ସିଜିଏମ୍ ସୁଶ୍ରୀ ସୋମ୍ୟା ଶୁଭଦର୍ଶୀନୀ, ମହିଳା କୋର୍ଟ ବିଚାରପତି ସୁଶ୍ରୀ ବିଶ୍ୱକଲ୍ୟାଣି ମିଶ୍ର, ରେଜିଷ୍ଟ୍ରେର ସୁଶ୍ରୀ ନୀତିସା ଚନ୍ଦକ୍, ଜିଲ୍ଲା ଆଇନସେବା ପ୍ରାଧିକରଣ ସମ୍ପାଦିକା ଶ୍ରୀମତୀ ଅନୁଶିଳା ରାୟ, ସିଜେଏମ୍ ଅରଜିତ୍ ଦାସ, ଏମଏଫସିଏ ସୁଶ୍ରୀ ସୋମ୍ୟଶ୍ରୀ ମହାପାତ୍ର, ରାଜ୍ୟ ଡିଫେନ୍ସ କାଉନ୍ସିଲ ଶ୍ରୀମତୀ ଜୟନ୍ତୀ ପାଣିଗ୍ରାହୀ ତଥା ଅନ୍ୟତମ କାଉନସିଲର ସୀମା ଅଗ୍ରୱାଲା, ବରିଷ୍ଠ ଆଇନଜୀବି ବିଜୟ ମହାନ୍ତି, ହରିଷ୍ଚନ୍ଦ୍ର ମହାରଣା, ସୁଶ୍ରୀ ଲିଜା ପ୍ରଧାନଙ୍କ ସମେତ ବହୁ ବରିଷ୍ଠ ଆଇନଜୀବି ତଥା ଅନ୍ୟାନ୍ୟ କର୍ମକର୍ତା। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବିଶେଷ ଭାବରେ ଆଇନ ସେବା ସହାୟତା କିପରି ସମସ୍ତଙ୍କ ନିକଟରେ ପହଂଚିବ, ଏହି ଉଦ୍ଦେଶ୍ୟରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଲୋକ ମାନେ କିପରି ଏହାର ସଦୁପଯୋଗ କରିପାରିବେ ସେହି ଉଦ୍ଦେଶ୍ୟରେ ଆଜିର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ୯ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସାଇକେଲ୍ ବ୍ରାଣ୍ଡିଂ: ଲାଗିବ 'ଆମେ ଗଢ଼ିବୁ ନୂଆ ଓଡ଼ିଶା' ଷ୍ଟିକର

ଭୁବନେଶ୍ୱର, ୧୦/୧୧ (ନି.ପ୍ର): ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମାଗଣାରେ ସାଇକେଲ୍ ବଣ୍ଟନର ବ୍ୟବସ୍ଥା ହୋଇଛି। 'ଗଙ୍ଗାଧର ମେହେର ଶିକ୍ଷା ମାନକବୃଦ୍ଧି' ଯୋଜନାରେ ସାଇକେଲ୍ କିଣିବାକୁ ୨୦୨୩-୨୪ ଶିକ୍ଷାବର୍ଷରୁ ୩୫୦୦ ଟଙ୍କାର ଅର୍ଥରାଶି ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଦିଆଯାଉଛି। ବଢୁଥିବା ବଜାର ଦରକୁ ଦୃଷ୍ଟିରେ ରଖି ଏଥର ସାଇକେଲ୍ କିଣିବାକୁ ଛାତ୍ରଛାତ୍ରୀଙ୍କ ପାଇଁ ଅଧିକ ୯୦୦ ଟଙ୍କାର ବ୍ୟବସ୍ଥା ହୋଇଛି । ଗତବର୍ଷ ସାଇକେଲ୍ ବାବଦରେ ୨୬୦୦ ଟଙ୍କା ଦିଆଯାଇଥିଲା। ମିଳିବାକୁ ଥିବା ଅର୍ଥରେ ଛାତ୍ରଛାତ୍ରୀ ସାଇକେଲ୍



କିଣିବା ପରେ ତାହାକୁ ବ୍ରାଣ୍ଡିଂ କରିବାକୁ ରାଜ୍ୟ ସରକାର ଚଳିତବର୍ଷ ନିଷ୍ପତି ନେଇଛନ୍ତି। ସମସ୍ତ ପିଲାଙ୍କ ସାଇକେଲ୍‌ରେ 'ଆମେ ଗଢ଼ିବୁ ନୂଆ ଓଡ଼ିଶା'ର ଷ୍ଟିକର ଲାଗିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ସାଇକେଲ୍ ଷ୍ଟିକରିଂର ସଫଳ ରୂପାୟନ ପାଇଁ ଜିଲ୍ଲାସ୍ତରରୁ ବ୍ଲକ ଓ ବିଦ୍ୟାଳୟ ସ୍ତରରେ ସମସ୍ତ ଶିକ୍ଷା ପ୍ରଶାସକଙ୍କ ସକ୍ରିୟ ଅଂଶଗ୍ରହଣ ଆବଶ୍ୟକ। ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ)ମାନେ ନଭେମ୍ବର ୧୪ ପରେ 'ମୋ ସ୍କୁଲ' ରାଜ୍ୟ କାର୍ଯ୍ୟାଳୟରୁ ଷ୍ଟିକର ସଂଗ୍ରହ କରିପାରିବେ। ୩୦ ତାରିଖରେ ବିଦ୍ୟାଳୟସ୍ତରରେ ଛାତ୍ରଛାତ୍ରୀଙ୍କ ସାଇକେଲ୍‌ରେ ଷ୍ଟିକରିଂ କରାଯିବ। ସେହିଦିନ ସମସ୍ତ ୯ମ ଶ୍ରେଣୀ ଛାତ୍ରଛାତ୍ରୀ ନିଜ ସାଇକେଲ୍ ସହ ବିଦ୍ୟାଳୟକୁ ଆସିବେ।

# ଓଡ଼ିଶାରେ କ୍ରୀଡ଼ାର ବିକାଶ ପାଇଁ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରକୁ ଟାଇମ୍ସ ବିଜନେସ ଆୱାର୍ଡ

ଭୁବନେଶ୍ୱର, ୧୦/୧୧ (ନି.ପ୍ର): ଅଗ୍ରଣୀ ଇସ୍ପାତ ନିର୍ମାତା ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି)କୁ ଓଡ଼ିଶାର କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ 'ସ୍ପୋର୍ଟ୍ସ ଡେଭେଲପମେଣ୍ଟ୍ ଏଣ୍ଡ ଇମ୍ପାକ୍ଟ' ଶ୍ରେଣୀରେ ଟାଇମ୍ସ ବିଜନେସ ଆୱାର୍ଡ ଓଡ଼ିଶା-୨୦୨୩ ପୁରସ୍କାରରେ ସମ୍ମାନିତ କରାଯାଇଛି । ନଭେମ୍ବର ୮ତାରିଖରେ ଭୁବନେଶ୍ୱରରେ ଆୟୋଜିତ ଏକ ସମାରୋହରେ ପ୍ରଖ୍ୟାତ ଅଭିନେତା ବୋମନ୍ ଇରାନୀଙ୍କ ଦ୍ୱାରା ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଥିଲା। କମ୍ପାନୀ ପକ୍ଷରୁ ଭର୍ଜିଲ ଲାକ୍ରା (ଡିଜିଏମ – ସିଏସଆର) ଏବଂ ସୁବ୍ରତ ତ୍ରିପାଠୀ (ମ୍ୟାନେଜର – ସିଏସଆର) ଏହି ସମ୍ମାନ ଗ୍ରହଣ କରିଥିଲେ। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଏହାର ଅଧକ୍ଷ ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ଓଡ଼ିଶାର ଗ୍ରାମାଞ୍ଚଳ ତଥା ଆଦିବାସୀ ଅଞ୍ଚଳରେ କ୍ରୀଡ଼ାର ବିକାଶ କ୍ଷେତ୍ରରେ ବିଶେଷ କାର୍ଯ୍ୟ କରିଆସୁଛି। କମ୍ପାନୀର ସାମାଜିକ ସଂସ୍ଥା, ଜେଏସପି ଫାଉଣ୍ଡେସନ୍, ସ୍ଥାନୀୟ ଯୁବକମାନଙ୍କ ଫିଟନେସ୍ ଏବଂ କ୍ରୀଡ଼ା କୌଶଳ ବିକାଶ ନିମନ୍ତେ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ, ପ୍ରଶିକ୍ଷଣ ଏବଂ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ ବ୍ୟବସ୍ଥା କରି କ୍ରୀଡ଼ାବିତ ଏବଂ ପାରମ୍ପରିକ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଶ୍ରୀମତୀ ଶାଲୁ ଜିନ୍ଦଲଙ୍କ ନେତୃତ୍ୱାଧୀନ ଜେଏସପି ଫାଉଣ୍ଡେସନ ଗ୍ରାମାଞ୍ଚଳରେ ତୃଣମୂଳ ହକିକୁ ପ୍ରୋତ୍ସାହିତ କରିବା ନିମନ୍ତେ ଦିଲୀପ ତିର୍କି ଫାଉଣ୍ଡେସନ ସହଭାଗିତାରେ ୨୧୫ ଗ୍ରାମରେ ୫,୦୦୦ରୁ ଅଧିକ ଉଦୀୟମାନ ହକି ପ୍ରତିଭାକୁ ସହାୟତା ଯୋଗାଇ ଦେଉଛି। ଏହା ବ୍ୟତୀତ ବର୍ଷରେ ବିଭିନ୍ନ ସମୟରେ ଗ୍ରାମାଞ୍ଚଳରେ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରି ସ୍ଥାନୀୟ କ୍ରୀଡ଼ାବିତମାନଙ୍କୁ ମଧ ପ୍ରୋତ୍ସାହିତ କରୁଛି। କେନ୍ଦୁଝର ଜିଲ୍ଲା ବଡ଼ବିଲଠାରେ ସ୍ୱୀକୃତିପ୍ରାପ୍ତ ପ୍ରଶିକ୍ଷକଙ୍କ ଦ୍ୱାରା ତାଲିମ ପ୍ରଦାନ ସହିତ ଉଚ୍ଚମାନର ଭିତ୍ତିଭୂମି ତଥା ପୁଷ୍ଟିକର ଖାଦ୍ୟ ସହାୟତା ପ୍ରଦାନ କରି, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର ଉତ୍ସୁ ଖେଳାଳୀ ସୃଷ୍ଟି କରିବାରେ ଜେଏସପି ଫାଉଣ୍ଡେସନ ପ୍ରମୁଖ ଭୂମିକା ଗ୍ରହଣ କରିଛି। ପ୍ରତିଭାଶାଳୀ ଯୁବ କ୍ରୀଡ଼ାବିତଙ୍କୁ କ୍ରୀଡ଼ା ଏବଂ ଶିକ୍ଷା କ୍ଷେତ୍ରରେ




ଉତ୍କର୍ଷତା ପାଇଁ ଆବାସିକ ସୁବିଧା ପ୍ରଦାନ କରିବା ନିମନ୍ତେ ଜେଏସପି ଦ୍ୱାରା ଏଠାରେ ଜିନ୍ଦଲ କ୍ରୀଡ଼ା ଛାତ୍ରବସ୍ଥ ପ୍ରତିଷ୍ଠା କରାଯାଇଛି । ସେହିପରି ସୁନ୍ଦରଗଡ଼ ଜିଲ୍ଲାରେ ୫୦ ଜଣରୁ ଅଧିକ ବାଳିକାମାନଙ୍କୁ ନେଇ ହକି ଟିମ ଗଠନକରି ସେମାନଙ୍କୁ ପୁଷ୍ଟିକର ଖାଦ୍ୟ, ପ୍ରଶିକ୍ଷଣ, କ୍ରୀଡ଼ା ଉପକରଣ ଏବଂ ଅନ୍ୟାନ୍ୟ ସୁବିଧା କମ୍ପାନୀ ପ୍ରଦାନ କରୁଛି। ଏହି ସମ୍ମାନଜନକ ପୁରସ୍କାର ପାଇଁ ଜୁରୀମାନଙ୍କୁ ଧନ୍ୟବାଦ ଜଣାଇ ଗ୍ରୁପ୍ ସିଏସ୍‌ଆର୍ ମୁଖ୍ୟ ପ୍ରଶାନ୍ତ ହୋତା କହିଛନ୍ତି ଯେ "ଗ୍ରାମାଞ୍ଚଳ ତଥା ଆଦିବାସୀ ଯୁବକମାନଙ୍କ କ୍ରୀଡ଼ା ପ୍ରତିଭାର ବିକାଶ କରିବା ତଥା ଦେଶ ପାଇଁ ପୁରସ୍କାର ଆଣିବା ନିମନ୍ତେ ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଜେଏସପି ପ୍ରତିଶ୍ରୁତିବଦ୍ଧ। ଆମର ଅଧକ୍ଷ ନବୀନ ଜିନ୍ଦଲ ନିଜେ ଦେଶର ଏକ ପ୍ରତିଷ୍ଠିତ କ୍ରୀଡ଼ା ପ୍ରତିଭା ଅଟନ୍ତି ଏବଂ ଗ୍ରାମାଞ୍ଚଳ ତଥା ଆଦିବାସୀ କ୍ରୀଡ଼ା ପ୍ରତିଭାର ବିକାଶ କରିବା ଏବଂ ଭାରତର ଗ୍ରାମାଞ୍ଚଳରେ କ୍ରୀଡ଼ାର ଉନ୍ନତି ନିମନ୍ତେ ଆବଶ୍ୟକୀୟ ସୁବିଧା ଓ ଭିତ୍ତିଭୂମି ଉପଲବ୍ଧ କରିବା ପାଇଁ ସେ ଆମ ପାଇଁ ଦୂରଦୃଷ୍ଟିଲକ୍ଷ୍ୟ ନିର୍ଦ୍ଧାରିତ କରିଛନ୍ତି। ଦେଶ ପାଇଁ ଗୌରବ ଆଣିବାର ସ୍ୱପ୍ନ ଦେଖୁଥିବା ୩୦,୦୦୦ରୁ ଅଧିକ କ୍ରୀଡ଼ା ପ୍ରତିଭାଙ୍କୁ ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ ଜେଏସପି ଫାଉଣ୍ଡେସନ୍ ସହାୟତା ପ୍ରଦାନ କରୁଛି।

# ଚିକିତ୍ସାରେ ଅବହେଳା ଯୋଗୁ ରୋଗୀ ମୃତ୍ୟୁ ଅଭିଯୋଗ

ମାଲକାନଗିରି, ୧୦/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାରେ ବିଳମ୍ବ ଯୋଗୁଁ ରୋଗୀ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି ୭୨ ଗ୍ରାମର ତପନ ରାୟ ନାମକ ୫୫ ବର୍ଷୀୟ ଜଣେ ବ୍ୟକ୍ତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ତପନ କିଡନୀ ରୋଗରେ ଗତ ୨ ମାସ ଧରି ଆକ୍ରାନ୍ତ ହୋଇଥିବା ବେଳେ ପ୍ରଥମେ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ପରିବାର ଲୋକେ ତାଙ୍କର ଚିକିତ୍ସା କରାଇଥିଲେ। ଏପରିକି ସେଠାରେ ୪ ଥର ତପନଙ୍କୁ ଡାଇଲାସିସ୍ କରାଇଥିଲେ ଏବଂ ପରେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ତାଙ୍କ ସ୍ତ୍ରୀଙ୍କ କହିବା ଅନୁସାରେ ତାଙ୍କର ସ୍ୱାମୀଙ୍କୁ ଯେତେବେଳେ ଡାଇଲାସିସ୍ ପାଇଁ ନେଇଥିଲେ, ସେଠାରେ ଉପସ୍ଥିତ ଥିବା ଟେକ୍ନିସିୟାନ ସୁଜୟ ଗିରି ନାମକ ବ୍ୟକ୍ତି ତପନଙ୍କ ସ୍ତ୍ରୀଙ୍କ ଠାରୁ ଟଙ୍କା ମାଗିଥିଲେ। ଏପରିକି ଆଗେ ଟଙ୍କା ଦେଲେ ତାହାପରେ ଡାଇଲାସିସ୍ କରିବି ବୋଲି ଜିଦ୍ ଧରିଥିଲେ । କିଛି ଉପାୟ ନପାଇ ସ୍ତ୍ରୀ ବାସନ୍ତୀ ଟେକ୍ନିସିୟାନ ସୁଜୟ ଗିରିଙ୍କ ମୋବାଇଲକୁ ଫୋନ ପେ ମାଧ୍ୟମରେ ୫ହଜାର ଟଙ୍କା ପଠାଇଥିଲେ। ତେବେ ଟଙ୍କା ଦେବାକୁ ବିଳମ୍ବ ହେବାରୁ ଡାଇଲାସିସ୍ କରିବାରେ ଅବହେଳା କରିଥିବା କାରଣରୁ ତାଙ୍କ ସ୍ୱାମୀ ପ୍ରାଣ ହରାଇଛନ୍ତି ବୋଲି ଅଭିଯୋଗ କରିଛନ୍ତି । ସ୍ୱାମୀଙ୍କ ମୃତ୍ୟୁ ପାଇଁ ସମ୍ପୂର୍ଣ୍ଣ ଟେକ୍ନିସିୟାନ ସୁଜୟ ଗିରି ଦାୟୀ ବୋଲି ଗୁରୁତର ଅଭିଯୋଗ ଆଣିଛନ୍ତି ସ୍ତ୍ରୀ ଓ ପରିବାର ଲୋକେ। ସ୍ୱାମୀଙ୍କ ମୃତ୍ୟୁରେ ଦାୟୀ ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ସ୍ତ୍ରୀ ବାସନ୍ତୀ। ଅନ୍ୟପଟେ ପରିବାରର ଏକମାତ୍ର ରୋଜଗାରିଆ ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ତ୍ରୀ, ପୁଅ , ଝିଅ ସମସ୍ତେ ଭାଙ୍ଗି ପଡିଛନ୍ତି। ଏ ସମ୍ପର୍କରେ ମାଲକାନଗିରି ଜିଲ୍ଲା ଚିକିତ୍ସା ଅଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦଙ୍କୁ ଫୋନ ଯୋଗେ ପଚାରିବାରୁ ସେ ଜିଲ୍ଲା ବାହାରେ ଅଛନ୍ତି ଏ ସମ୍ପର୍କରେ ସେ କିଛି ଜାଣି ନାହାନ୍ତି ବୋଲି ପ୍ରକାଶ କରିଛନ୍ତି।

# ଗୁଡ଼ମାରି

ଗୁଡ଼ମାରି ଲତା ମଧ୍ୟ, ଉତର ଏବଂ ପୂର୍ବ ଭାରତରେ ବହୁମାତ୍ରାରେ ଦେଖିବାକୁ ମିଳିଥାଏ। ଏହା ଏକ ବହୁ ଶାଖା ବିଶିଷ୍ଟ ଚକ୍ରରୋହୀ ଲତା। ବଡ଼ ବୃକ୍ଷର ସାହାରା ପାଇଲେ ଏହା ବହୁ ଉଚ୍ଚତାକୁ ବଢ଼ିପାରେ। ଅନେକ ଉପଯୋଗିତା ଥିବା ଗୁଡ଼ମାରି ଏକ ଔଷଧୀୟ ଲତା। ଆୟୁର୍ବେଦରେ ଏହାର ପତ୍ର ଏବଂ ମୂଳକୁ ମୁଖ୍ୟତଃ ଔଷଧ ଭାବେ ବ୍ୟବହାର କରାଯାଇଥାଏ। ଏହାର ନାମରୁ ଜଣାଯାଏ ଏହା ଗୁଡ଼ ଅର୍ଥାତ୍ ମିଠାପଣକୁ ନଷ୍ଟ କରିଦିଏ। ମଧୁମେହ ପୀଡ଼ିତ ବ୍ୟକ୍ତି ଏହାକୁ ସେବନ କଲେ ତା'ଠାରେ ରକ୍ତଶର୍କରା ହ୍ରାସ ଘଟିଥାଏ। ଏହାର ପତ୍ରକୁ ଚୋବାଇବା ଦ୍ୱାରା ଜିଭ କିଛି ସମୟ ପାଇଁ ସ୍ୱାଦହୀନ ହୋଇଯାଏ ଏବଂ ଏହି ସମୟରେ ଯାହାବି ଖାଇଲେ ବାଲି ପରି ଲାଗେ। ଅର୍ଥାତ୍ କୌଣସି ସ୍ୱାଦ ବାରିପାରେ ନାହିଁ। ଗୁଡ଼ମାରୀ ପତ୍ର, ଶ୍ୱାସ, ଅର୍ଶ, ହୃଦର୍ୟ ସମ୍ବନ୍ଧୀୟ ରୋଗ, କଫ, କଅମି, କୁଷ୍ଠ, ଚକ୍ଷୁରୋଗ, ଦନ୍ତରୋଗ, ମଧୁମେହ ଆଦି ରୋଗ ପାଇଁ ବ୍ୟବହାର କରାଯାଇଥାଏ। ଏହି ଲତାର ସଂସ୍କୃତରେ ମଧୁନାଶିନୀ, ଅଜବଲ୍ଲୀ ପରି ଅନେକ ନାମ ରହିଛି। ଏବେ ଜାଣନ୍ତୁ ଏହାର ବିଭିନ୍ନ ଉପକାରୀ ଗୁଣ ସମ୍ପର୍କରେ। ଗୁଡ଼ମାରି ଶରୀରରେ ଏନକାଇମ ବର୍ଦ୍ଧକ ଭାବେ କାର୍ଯ୍ୟକରେ, ତେଣୁ ଏହା ଶର୍କରା ପାଚନରେ ସହାୟକ ହୋଇଥାଏ। ଗବେଷଣାରୁ ଜଣାଯାଇଛି ଗୁଡ଼ମାରି ସେବନ ଦ୍ୱାରା ପାନକ୍ରିୟାସର ବିଟା ସେଲର କ୍ରିୟା ବୃଦ୍ଧି ପାଇଥାଏ। ଇନସୁଲିନ ନିର୍ମାଣରେ ମଧ୍ୟ ବୃଦ୍ଧି ଘଟିଥାଏ।

ଗୁଡ଼ମାରି ଜିଭର ସ୍ୱାଦକୁ ନଷ୍ଟ କରୁଥିଲେ ବି ପରିସ୍ରା ଦେଇ ବାହାରିଯାଉଥିବା ଶର୍କରାକୁ ରୋକିବାରେ ସହାୟକ ହୋଇଥାଏ।

- ଏହାର ମଞ୍ଜି ଥଣ୍ଡା କାଶ ରୋଗରୁ ରକ୍ଷା କରିଥାଏ। ଏହାର ମୂଳ ବିଷନାଶକ।

ଗୁଡ଼ମାରି ପତ୍ରକୁ ଚାରିଗୁଣା ଜଳରେ ଭିଜାଇ ଏକ ବିଶେଷ ବିଧିରେ ସେଥିରୁ ଅର୍କ ବାହାର କରାଯାଇଥାଏ। ଦେଢ଼-ଦେଢ଼ ତୋଳା ଦିନକୁ ଦୁଇଥର ଏହାକୁ ସେବନ କରିବା ଦ୍ୱାରା ବୃଦ୍ଧି ପାଉଥିବା ରକ୍ତ ଶର୍କରା ସ୍ତରକୁ ଏହା ହ୍ରାସ କରିଥାଏ।

ଗୁଡ଼ମାରି ପତ୍ରର ଚୂର୍ଣ୍ଣ ଅଧଚାମଚ ଲେଖା ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ମହୁ କିମ୍ବା ଗାଈକ୍ଷୀର ସହ ସେବନ କରିବା ଦ୍ୱାରା ଯକୃତରେ ଥିବା ବିକୃତି ଦୂର ହୋଇଯାଏ।

ପ୍ରାଚୀନ କାଳରେ ଗୁଡ଼ମାରି ଦ୍ୱାରା ମଧୁମେହ ରୋଗୀଙ୍କ ଚିକିତ୍ସା କରାଯାଉଥିଲା। ମଧୁମେହ ପାଇଁ ଆୟୁର୍ବେଦରେ ଅନ୍ୟାନ୍ୟ ଦ୍ରବ୍ୟ ରହିଥିଲେ



ବି ଗୁଡ଼ମାରି ଥିଲା ମୁଖ୍ୟ ଉପାଦାନ। ଗୁଡ଼ମାରି ପତ୍ର ୫୦ ଗ୍ରାମ, ଜାମୁକୋଳି ମଞ୍ଜିର ଚୂର୍ଣ୍ଣ ୫୦ଗ୍ରାମ, ଶୁଖିଲା ବେଲପତ୍ର ୫୦ଗ୍ରାମ, ଶୁଖିଲା ନିମ୍ବପତ୍ର ୫୦ଗ୍ରାମ, ବବୁଲ ଛାଲି ଗୁଣ୍ଡ ୨୦ଗ୍ରାମ, ଡାଲଚିନି ୪୦ଗ୍ରାମ, କଲରାମଂଜି ଚୂର୍ଣ୍ଣ ୨୦ଗ୍ରାମ ଏବଂ କଳା ତୁଳସୀ ୨୦ ଗ୍ରାମ ଏସବୁକୁ ମିଶାଇ ଭଲ ଭାବେ କୁଟି ତାକୁ ଏକ ଶିଶିରେ ଭରି କରି ରଖନ୍ତୁ। ବଜାରରୁ ଏଇ ସବୁ ଦ୍ରବ୍ୟ କିଣୁଥିଲେ କିମ୍ବା ବାଡ଼ି ବଗିଚାରୁ ସଂଗ୍ରହକ ରୁଥିଲେ ତା'ର ଗୁଣବତ୍ତାକୁ ପ୍ରଥମେ ଦେଖନ୍ତୁ। ଏଥିରୁ ଦୁଇ ତିନିଗ୍ରାମ (ଏକ ଛୋଟ ଚାମଚରେ ଅଧଚାମଚ) ନେଇ ସକାଳେ ଏବଂ ସନ୍ଧ୍ୟାରେ ଜଳ ସହ ସେବନ କରନ୍ତୁ। ଏହି ମିଶ୍ରଣ ରକ୍ତରେ ଶର୍କରା ବୃଦ୍ଧି ଏବଂ ମୂତ୍ରରେ ଶର୍କରା ଯିବା ଉଭୟକୁ ନିୟନ୍ତ୍ରିତ କରିଥାଏ। ଅଗ୍ନାଶୟ ଏବଂ ଯକୃତ ଉପରେ ଏହାର ସୁପ୍ରଭାବ ପଡୁଥିବାରୁ ମଧୁମେହ ରୋଗର ଦୁଷ୍ପ୍ରଭାବ ହ୍ରାସ ପାଇଥାଏ। ତେବେ ଏହି ଔଷଧ ସେବନ ସମୟରେ ମିଠା, ଖଟା, ଅତ୍ୟଧିକ ତୈଳଯୁକ୍ତ ଖାଦ୍ୟ, ଲଙ୍କା, ମରିଚ, ଆଳୁ, ଭାତ, ଏସବୁକୁ ଯଥାସମ୍ଭବ କମ୍ କରି ପାରିଲେ ତୁରନ୍ତ ଲାଭ ମିଳିଥାଏ। ମୋଟାମୋଟି ଗୁଡ଼ମାରି ଆଂଟିଡାୟାବେଟିକ (ମଧୁମେହରୋଧୀ), ରକ୍ତଶର୍କରା ହ୍ରାସ, ଇନସୁଲିନର ପ୍ରବାହ ବୃଦ୍ଧି, ଶରୀରରେ ଗ୍ଲୁକୋଜର ଉତ୍ତମ ଉପଯୋଗ କରାଇବା, ମୋଟାପଣ ହ୍ରାସ କରିବା, ଜ୍ୱର ପ୍ରଭାବକୁ ହ୍ରାସ କରିବା, ହୃଦରୋଗର ଉପଚାର କରିବା, କୋଷ୍ଠ କାଠିନ୍ୟ ଦୂର କରିବା, ଶ୍ୱାସଜନିତ ସମସ୍ୟା ହ୍ରାସ କରିବା, ତ୍ୱଚା ରୋଗ, ଋତୁସ୍ରାବ ପରି ଅନେକ ରୋଗର ଉପଚାର କରିଥାଏ। ଗୁଡ଼ମାରି ଉପାଦାନ ଥିବା ଅନେକ ଔଷଧ ଏବେ ବଜାରରେ ଉପଲବ୍ଧ। ତେବେ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଗୁଡ଼ମାରି ବ୍ୟବହାର କରୁଥିଲେ ଉପଯୁକ୍ତ ବୈଦ୍ୟଙ୍କ ପରାମର୍ଶରେ ଉପଯୁକ୍ତ ପରିମାଣରେ ଗ୍ରହଣ କରିବା ବିଧେୟ।



# ପିଲାଙ୍କ ସ୍ମୃତିଶକ୍ତି କମାଏ ବାୟୁ ପ୍ରଦୂଷଣ



ସ୍କୁଲ ଯିବାର ରାସ୍ତାରେ ବାୟୁ ପ୍ରଦ୍ୟୁଷଣରେ ଶିକାର ହେଉଥିବା ପିଲାଙ୍କ କାର୍ଯ୍ୟରତ ବା ବ୍ୟବହାରିକ ସ୍ମୃତି ବୃଦ୍ଧିରେ ହାନିକାରକ ପ୍ରଭାବ ପଡ଼ିଥାଏ। ଏକ ନୂଆ ଅଧ୍ୟୟନ ଏହି ପ୍ରସ୍ତାବ ଦେଇଛି। ଏନଭରିନମେଣ୍ଟାଲ ପଲ୍ୟୁସନ ପତ୍ରିକାରେ ଅଧ୍ୟୟନ ପ୍ରକାଶ ପାଇଛି। ବ୍ୟବହାରିକ ସ୍ମୃତି ହ୍ରାସ ଓ ବାୟୁ ପ୍ରଦ୍ୟୁଷଣ କଣିକା (ପିଏମ୨.୫) ସୂକ୍ଷ୍ମ ପ୍ରଶ୍ୱାସଯୋଗ୍ୟ କଣିକା ମଧ୍ୟରେ ସମ୍ପର୍କ ଥିବା ଏଥିରେ ଜଣାପଡ଼ିଲା। ପିଲାମାନେ ସ୍କୁଲ ଯିବା କିମ୍ବା ଫେରିବା ରାସ୍ତାରେ ଏହି ପ୍ରଶ୍ୱାସଯୋଗ୍ୟ କଣିକାଗୁଡ଼ିକର ବ୍ୟାସ ୨.୫ ମାଇକ୍ରୋମିଟର କିମ୍ବା ତା'ଠୁ କମ୍ ଏବଂ ଭିଡ଼ ସହ ସିଧାସଳଖ ସଂପୃକ୍ତି ଥିବା ପ୍ରଦୂଷକ କଳା କାର୍ବନ ସଂସ୍ପର୍ଶରେ ଆସିଥାନ୍ତି। ସହରରେ ବାସ କରୁଥିବା ପିଲଶ ଦନୈକ ୨୦ ପ୍ରତିଶତ କଳା କାର୍ବନ ଗ୍ରହଣ କରିଥାଏ ବୋଲି ପୂର୍ବ ଅଧ୍ୟୟନରୁ ଜଣାପଡ଼ିଥିଲା ବର୍ତ୍ତମାନର ଏହି ପ୍ରୟୋଗାତ୍ମକ ଅଧ୍ୟୟନର ଫଳାଫଳ ଅନୁସାରେ, ଏହି ମାତ୍ରା ସ୍ୱାସ୍ଥ୍ୟ ଉପରେ ବିଶେଷ ପ୍ରଭାବ ପକାଇଥାଏ ବୋଲି ଅଧ୍ୟୟନର ଫଳାଫଳ ଅନୁସାରେ, ଏହି ମାତ୍ରା ସ୍ୱାସ୍ଥ୍ୟ ଉପରେ ବିଶେଷ ପ୍ରଭାବ ପକାଇଥାଏ ବୋଲି ଅଧ୍ୟୟନର ପ୍ରଥମ ଲେଖକ ସ୍ପେନ୍ ସ୍ଥିତ ବାର୍ସିଲୋନା ଇନଷ୍ଟିଚ୍ୟୁଟ ଫର ଗ୍ଲୋବାଲ ହେଲଥର ମା'ର ଆଲଭେରେଜ୍ ପେଡ଼ରେରୋଲ କହିଥିଲେ। ପିଲାଙ୍କ ଛୋଟ ଫୁସଫୁସ କ୍ଷମତା ସହିତ ଶ୍ୱାସକ୍ରିୟା ହାର ଅପେକ୍ଷାକୃତ ଅଧିକ ଯୋଗୁଁ ଏହି ହାନିକାରକ ପ୍ରଭାବ ବିଶେଷ କରି



ସେମାନଙ୍କ ଠାରେ ଚିହ୍ନଟ କରାଯାଇପାରେ। ବାର୍ସିଲୋନାଠାରେ ଏହି ଅଧ୍ୟୟନ କରାଯାଇଥିଲା ଏବଂ ୩୯ଟି ସ୍କୁଲର ୭ ରୁ ୧୦ବର୍ଷ ବୟସରେ ୧୨ଶହ ପିଲାଙ୍କୁ ଏଥିରେ ସାମିଲ କରାଯାଇଥିଲା। ଏମାନେ ସମସ୍ତେ ଚାଲି ଚାଲି ସ୍କୁଲ ଯାଉଥିଲେ। ଏକବର୍ଷର ଏହି ଅଧ୍ୟୟନରେ ମଧ୍ୟ ପିଲାଙ୍କ ବ୍ୟବହାରିକ ସ୍ମୃତି ଓ ଧ୍ୟାନ କେନ୍ଦ୍ରିତ କରିବାର କ୍ଷମତାକୁ ଅନେକଥର ଆକଳନ କରାଯାଇଥିଲା। ଏହି ସମୟରେ ସବୁଠୁ କମ୍ ରାସ୍ତା ଅତିକ୍ରମ କରି ସ୍କୁଲ ଯିବାବେଳେ ବାୟୁ ପ୍ରଦୂଷଣର ହାର ମଧ୍ୟ ନିର୍ଦ୍ଧାରିତ ସ୍ତର ଆଧଶରରେ ମାପ କରାଯାଇଥିଲା। ତଥ୍ୟଗଉଡ଼ିକର ପରିସଂଖ୍ୟାନଗତ ବିଶ୍ଳେଷଣରୁ ଶ୍ୱାସଯୋଗ୍ୟ ପ୍ରଦୂଷଣ କଣିକା ପିଏମ ୨.୫ଏବଂ ବ୍ୟବହାରିକ ସ୍ମୃତି ହ୍ରାସ କରିବା ସହିତ କଳା କାର୍ବନର ସଂପୃକ୍ତି ଜଣାପଡ଼ିଲା। ଇଣ୍ଟରକ୍ୱାର୍ଟାଇଲ ରେଞ୍ଜ୍ ପିଏମ



୨.୫ରେ ବୃଦ୍ଧି ପାଇଥିଲାବେଳେ କଳା କାର୍ବନ ସ୍ତର ଯୋଗୁଁ ବ୍ୟବହାରିକ ସ୍ମୃତିର ଆନୁମାନିକ ବାର୍ଷିକ ବୃଦ୍ଧି ୪.୬ ଓ ୩.୦ ପ୍ରତିଶତ ହ୍ରାସ ପାଇଥିଲା। ତେବେ ବାସ୍ତବ ସମସ୍ୟା ହେଉଛି ବୋଲି ଚାଲି ଚାଲି ସ୍କୁଲ ଯାଉଥିବା ପିଲା କାର୍ କିମ୍ବା ଅନ୍ୟ ଯାନରେ ଯାଉଥିବା ପିଲାଙ୍କ ତୁଳନାରେ ଯେ ଅଧିକ ପ୍ରଦୂଷଣର ଶିକାର ହୋଇଥାନ୍ତି, ତାହା କହିବା ଠିକ୍ ନୁହେଁ ବୋଲି ଆଇଏସଗ୍ଲୋବାଲର ଚାଇଲ୍ଡ ହେଲଥ ପ୍ରୋଗ୍ରାମର ମୁଖ୍ୟ ତଥା ଅଧ୍ୟୟନର ସହ ଲେଖକ ଜୋର୍ଡ଼ି ସନେର କହିଛନ୍ତି। ତେବେ ଏହାର ସମାଧାନ ସମସ୍ତଙ୍କ ପାଇଁ ସମାନ। ସ୍କୁଲ ଯିବା ପାଇଁ ବ୍ୟକ୍ତିଗତ ଯାନ ବ୍ୟବହାର କମାଇବା ସହିତ ଘରଠୁ ସ୍କୁଲର ରାସ୍ତାକୁ ପ୍ରଦୁଷଣରହିତ ଓ ନିରାପଦ କରିବା ଉଚିତ ବୋଲି ଆଲଭଗାରେଜ ପିଡ୍ରେରୋଲ୍ କହିଛନ୍ତି।

# ବଦ୍ରିନାଥ ମନ୍ଦିରରେ କାହିଁକି ବାଜେ ନାହିଁ ଶଙ୍ଖ, ଜାଣନ୍ତୁ ଏହାର କାରଣ...

ହିନ୍ଦୁ ମାନ୍ୟତା ଅନୁସାରେ, ଚାରି ଧାମ ମଧ୍ୟରୁ ଅନ୍ୟତମ ବଦ୍ରିନାଥ ମନ୍ଦିରର ବିଶେଷ ମହତ୍ତ୍ୱ ରହିଛି। ମନ୍ଦିର ଏପରି ଏକ ସ୍ଥାନ ଯେଉଁଠି ଘଣ୍ଟି ଘଣ୍ଟାର ଧ୍ୱନି ଗୁଞ୍ଜରିତ ହୋଇଥାଏ। ବଦ୍ରିନାଥ ମନ୍ଦିରରେ କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳେ। ଏଠାରେ ଶଙ୍ଖ ଫୁଙ୍କାଯାଏ ନାହିଁ। ଏଠାରେ ଆଳତି ହୁଏ ସତ, କିନ୍ତୁ ଶଙ୍ଖ ବାଜେ ନାହିଁ। ତେବେ ଏହା ପଛରେ ବୈଜ୍ଞାନିକ କାରଣ ଓ ପୌରାଣିକ କାହାଣୀ ରହିଛି। ବୈଜ୍ଞାନିକ ମାନ୍ୟତା ଅନୁସାରେ, ଶୀତଦିନେ ଏଠାରେ ଚାରିଆଡ଼େ ତୁଷାରପାତ ହୋଇଥାଏ। ଏହି ସମୟରେ ଯଦି ଶଙ୍ଖନାଦ ହୁଏ, ଏହାର ଧ୍ୱନି ପାହାଡ଼ ସହିତ ମାଡ଼ ହୋଇ ଏହା ପ୍ରତିଧ୍ୱନି ସୃଷ୍ଟି କରିଥାଏ। ଏହାଦ୍ୱାରା ବରଫରେ ଫାଟ ସୃଷ୍ଟି ହୋଇ ହିମଝଡ଼ ହେବାର ଆଶଙ୍କା ଥାଏ। ଏଥିସହିତ ଏକ ନିର୍ଦ୍ଦିଷ୍ଟ ଫ୍ରିକ୍ୱେନ୍ସିର ଶବ୍ଦ ପରିବେଶକୁ କ୍ଷତି ପହଞ୍ଚାଏ। ଯେତେବେଳେ ଏହା ଘଟେ, ପର୍ବତରେ ଭୂସ୍ଖଳନ ହେବାର ଆଶଙ୍କା ବଢ଼ିଯାଏ । ଏପରି ପରିସ୍ଥିତିରେ ବୋଧହୁଏ ବଦ୍ରିନାଥ ଧାମରେ ଶଙ୍ଖ ଧ୍ୱନି କରାଯାଏ ନାହିଁ । ଅନ୍ୟପକ୍ଷରେ ପୌରାଣିକ କଥା ଅନୁସାରେ, ହିମାଳୟ କ୍ଷେତ୍ରରେ ଅସୁରଙ୍କ ଆତଙ୍କ ଥିଲା। ଅସୁରମାନଙ୍କ ଦ୍ୱାରା ଭୟଭୀତ



ହୋଇ ଋଷି ମୁନି ନିଜ ଆଶ୍ରମରେ ପୂଜାର୍ଚ୍ଚନା କରିପାରୁ ନ ଥିଲେ। ଥରେ ମା' ଲକ୍ଷ୍ମୀ ସେଠାରେ ଥିବା 'ତୁଳସୀ ଭବନ'ରେ ଧ୍ୟାନ କରୁଥିଲେ। ଏହି ସମୟରେ ଶଙ୍ଖଚୂର୍ଣ୍ଣ ନାମକ ରାକ୍ଷସର ଭଗବାନ ବିଷ୍ଣୁ ବଧ କରିଥିଲେ। ସାଧାରଣତଃ ଯୁଦ୍ଧ ଶେଷ ହେବା ପରେ ଶଙ୍ଖନାଦ କରାଯାଏ। କିନ୍ତୁ ମାତା ଲକ୍ଷ୍ମୀଙ୍କ ଧ୍ୟାନ ଭଗ୍ନ ହୋଇଯିବ ଜାଣି, ଭଗବାନ ବିଷ୍ଣୁ ଶଙ୍ଖନାଦ କରି ନଥିଲେ। ସେବେଠାରୁ ବଦ୍ରିନାଥ ଧାମରେ ଶଙ୍ଖନାଦ କରାଯାଏ ନାହିଁ। ସେହିଭଳି ଆଉ ଏକ ପୌରାଣିକ କାହାଣୀ ଅନୁସାରେ, ଅଗସ୍ତ୍ୟ ଋଷି କେଦାରନାଥରେ ରାକ୍ଷସମାନଙ୍କର ବଧ କରୁଥିଲେ। ସେଠାରୁ ଅତାପି ଓ ବତାପି ନାମକ ଦୁଇ ଜଣ ରାକ୍ଷସ ଦୌଡ଼ି ପଳାଇଲେ। ଅତାପି ନିଜ ଜୀବନ ରକ୍ଷା ପାଇଁ ମନ୍ଦାକିନୀ ନଦୀର ସାହାଯ୍ୟ ନେଇଥିଲା। ଅନ୍ୟପକ୍ଷରେ ବତାପି ଶଙ୍ଖର ସାହାଯ୍ୟ ନେଇଥିଲେ। ସେ ଶଙ୍ଖ ମଧ୍ୟରେ ଲୁଚି ଯାଇଥିଲା। ଯଦି କେହି ଶଙ୍ଖ ବଜାଇ ଥାନ୍ତେ ରାକ୍ଷସ ସେଠାରୁ ଖସି ପଳାଇଥାନ୍ତା। ଖାସ୍ ସେଥିପାଇଁ ବଦ୍ରିନାଥରେ କେହି ଶଙ୍ଖ ବଜାନ୍ତି ନାହିଁ ବୋଲି କୁହାଯାଏ।

# କନ୍ଧମାଳରେ ପର୍ଯ୍ୟଟନ ଋତୁ, 'ଶୀତ' ଦେଉଛି ରୋଜଗାର

କନ୍ଧମାଳର ପ୍ରକୃତି ବେଶ ମନୋରମ। ଜିଲ୍ଲାର ପରିବେଶ ଓ ପ୍ରକୃତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବାରୁ ଦେଶ ବିଦେଶର ପର୍ଯ୍ୟଟକ କନ୍ଧମାଳକୁ ଆସିଥାଆନ୍ତି। ଶୀତ ଦିନ ଆସିଲେ ଜିଲ୍ଲାରେ ପର୍ଯ୍ୟଟକଙ୍କ ସଂଖ୍ୟ ବଢ଼ିବାରେ ଲାଗେ। ଏକ ପ୍ରକାର କହିଲେ କନ୍ଧମାଳ ଶୀତ ଲୋକଙ୍କୁ ଦେଉଛି ରୋଜଗାର। ବର୍ଷର ତିନି ମାସ ନଭେମ୍ବର, ଡିସେମ୍ବର ଓ ଜାନୁୟାରୀ ମାସ ପର୍ଯ୍ୟନ୍ତ କନ୍ଧମାଳକୁ ଦେଶ ଏବଂ ବିଦେଶରୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ଅଧିକ ପର୍ଯ୍ୟଟକଙ୍କ ଆଗମନ ଯୋଗୁଁ ଜିଲ୍ଲାର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହୋଇପାରୁଛି।



ଓଡ଼ିଶାର କାଶ୍ମୀର ଦାରିଙ୍ଗବାଡି ଜିଲ୍ଲାର ପରିଚୟ ରାଜ୍ୟ ଏବଂ ରାଜ୍ୟ ବାହାରେ ବେଶ ଜଣାଶୁଣା। ଦାରିଙ୍ଗବାଡିକୁ ବର୍ଷ ତମାମ ଦେଶ ଓ ବିଦେଶରୁ ବହୁ ପର୍ଯ୍ୟଟକ ଆସିଥାନ୍ତି। ଦାରିଙ୍ଗବାଡିର କଫି ଗାର୍ଡେନ, ହିଲ ପଏଣ୍ଟ, ପାଇନ ଫରେଷ୍ଟ, ଓ ଗ୍ରୀନ୍ଵାଡି ସନସେଟ ପଏଣ୍ଟ, ଦାସିଙ୍ଗବାଡି ଜଳପ୍ରପାତ ଭଳି ରହିଛି ବହୁ ପର୍ଯ୍ୟଟନ ସ୍ଥଳୀ। ହିଲ ପଏଣ୍ଟରୁ ତୁଷାରପାତ ଅନୁଭବ କରିବା ଓ ପାଇନ ଜଙ୍ଗଲରେ ଶୀତୁଆ ସକାଳରେ ଟିକେ ବୁଲି ଆସିବା ବେଶ ରୋମାଞ୍ଚକ। ଜିଲ୍ଲାକୁ ଶୀତ ପ୍ରବେଶ କରିବା କ୍ଷଣୀ ଆଗମନ ହୁଏ ଦେଶ ବିଦେଶର ପର୍ଯ୍ୟଟକ।
କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ରେ ରହିଛି ନାମିଦାମୀ ହଟେଲ ସହ ବହୁ ପର୍ଯ୍ୟଟନ ସ୍ଥଳୀ। ଉକ୍ତ ଅଞ୍ଚଳ ଆଦିବାସୀଙ୍କ ଜଙ୍ଗଲଯାତ ଦ୍ରବ୍ୟ ସହ ବହୁ ଆଦିବାସୀ ଘରୋଇ ଉପକରଣ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ଦେଖିବାକୁ ମିଳେ। ଜିଲ୍ଲାର ଅନ୍ୟାନ୍ୟ ସ୍ଥଳୀ ଗୁଡିକକୁ ମଧ ପର୍ଯ୍ୟଟକ ସୁଅ ଛୁଟୁଥିବାରୁ ଲୋକଙ୍କୁ ମିଳିପାରିଛି ରୋଜଗାର ଓ ସେମାନେ ହୋଇ ପାରିଛନ୍ତି ଆର୍ଥିକ ସ୍ୱଚ୍ଛଳ। ରାଜ୍ୟ ସରକାର ଚଳିତ ବର୍ଷ କନ୍ଧମାଳ ପର୍ଯ୍ୟଟନର ବିକାଶ ପାଇଁ ବିଭିନ୍ନ ସ୍ଥାନର ଗନ୍ତବ୍ୟସ୍ଥଳର ଭିତ୍ତିଭୂମି ବିକାଶ ପାଇଁ ସମୁଦାୟ ୬ କୋଟି ୪୮ ଲକ୍ଷ ୨ହଜାର ଟଙ୍କା ମଞ୍ଜୁର କରିଛନ୍ତି।

# ଆର୍ଥିକ ସମସ୍ୟାକୁ ଦୂରକରେ ଦର୍ପଣ

ଦର୍ପଣ ଆମର ଦୈନନ୍ଦିନ ଜୀବନରେ କାମରେ ଲାଗୁଥିବା ଏକ ମହତ୍ତ୍ୱପୂର୍ଣ୍ଣ ବସ୍ତୁ ଅଟେ । ବାସ୍ତୁଶାସ୍ତ୍ର ଅନୁସାରେ, ଦର୍ପଣ ଘରେ ସକାରାତ୍ମକ ଶକ୍ତିକୁ ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ । ଦର୍ପଣର ଏପରି କିଛି ଲାଭ ମଧ ରହିଛି, ଯାହା ଦ୍ୱାରା ଜଣେ ନିଜ ଘରେ ଧନ, ପ୍ରସନ୍ନତା ତଥା ଖୁସିକୁ ବୃଦ୍ଧି କରିପାରିବେ। ଏଥିପାଇଁ ବାସ୍ତୁ ଶାସ୍ତ୍ରରେ ଏହାର ଠିକ୍ ଭୁଲ୍ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି । ଭୁଲ୍ ଦିଗ କିମ୍ବା ଭୁଲ୍ ଆକୃତିର ଦର୍ପଣ ଅସୁବିଧାର କାରଣ ହୋଇପାରେ। ତେବେ ଆସନ୍ତୁ ଜାଣିବା, ଦର୍ପଣ ଦ୍ୱାରା କିପରି ଦୂର କରି ହେବ ଆର୍ଥିକ ସମସ୍ୟା



ଯେଉଁମାନେ ଧାରକରଜ ମଧ୍ୟରେ ଛନ୍ଦି ହୋଇ ରହୁଛନ୍ତି, ସେମାନେ ଡାଇନିଂ ଟେବୁଲ୍ ସାମ୍ନାରେ ଦର୍ପଣ ଲଗାଇବା ଉଚିତ। ତେବେ ଦର୍ପଣକୁ ଏପରି ଲଗାଇବା ଉଚିତ ଯେଉଁଥିରେ ଡାଇନିଂ ଟେବୁଲ୍ ସଂପୂର୍ଣ୍ଣ ଭାବେ ଦେଖାଯାଉଥିବ। ଏପରି କରିବା ଦ୍ୱାରା ଜୀବନ ଧନଧାନ୍ୟରେ ପୂରି ଉଠେ ବୋଲି କୁହାଯାଏ। ବାସ୍ତୁ ଅନୁସାରେ ଘରର ମୁଖ୍ୟଦ୍ୱାର ସମ୍ମୁଖରେ ଦର୍ପଣ ରଖୀବା ଅନୁଚିତ। ଏହାଦ୍ୱାରା ପରିବାର ସଦସ୍ୟଙ୍କ ମଧ୍ୟରେ ସମସ୍ୟା ବଢ଼ିଥାଏ। ଘରର ଉତ୍ତର- ପୂର୍ବ ଦିଗରେ ଥିବା କାନ୍ଥରେ ଦର୍ପଣ ଲଗାଇବା ଉଚିତ। ଯେଉଁମାନଙ୍କ ବ୍ୟବସାୟରେ କ୍ଷତି ହେଉଛି, ସେମାନେ ଏହି ଦିଗରେ ଦର୍ପଣ ଲଗାଇବା ଉଚିତ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୧ ନଭେମ୍ବର ୨୦୨୩, ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅସମାନତାର ସମାଧାନ..

ଅସମାନତା- ଭାରତୀୟ ସମାଜରେ ଆଜି ବି ପର୍ଯ୍ୟାପ୍ତ ପରିମାଣରେ ସବୁ କ୍ଷେତ୍ରରେ ରହିଛି, ଆର୍ଥିକ ଦୃଷ୍ଟିରୁ ଯଦିଓ ଦେଶ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ବୋଲି ଡିଣ୍ଡିମ ପିଟାଯାଉଛି ଖୁବ୍ । ଏଇ ଅସମାନତାକୁ ବିଶଦ ଭାବରେ ପ୍ରମାଣ ସହ ଦର୍ଶାଇଛନ୍ତି ବିହାରର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ତାଙ୍କ ରାଜ୍ୟରେ ହୋଇଥିବା ଦେଶର ପ୍ରଥମ ଜାତିଭିତ୍ତିକ ଜନଗଣନାରୁ ବାହାରି ଥିବା ସାମାଜିକ-ଅର୍ଥନୀତିକ ତଥ୍ୟକୁ ଉପସ୍ଥାପନ କରି । ସଙ୍ଗେ ସଙ୍ଗେ ସେ ମଧ ଦେଇଛନ୍ତି ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ- ସୁପ୍ରିମ୍‌କୋର୍ଟଙ୍କର ଏକ ରାୟ ବଳରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାରେ ରଖାଯାଇଥିବା ସର୍ବାଧିକ ସୀମା ୫୦ ପ୍ରତିଶତକୁ ବୃଦ୍ଧି କରିବାକୁ, ଯାହାକୁ ତାମିଲନାଡୁ ଏବଂ ତେଲେଙ୍ଗାନା ଭଳି ରାଜ୍ୟଗୁଡ଼ିକରେ ଉଲ୍ଲଙ୍ଘନ କରାଯାଇ ସାରିଛି । ତେବେ ଆଶଙ୍କାଟି ହେଉଛି, କୋର୍ଟଙ୍କ ଦ୍ୱାରା ଧାର୍ଯ୍ୟ ସୀମାକୁ ଥରେ ଉଠାଇ ଦିଆଗଲେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାରେ ଆଉ କୌଣସି ସୀମା ନ ରହିବା ହୁଏତ ବାସ୍ତବତାରେ ପରିଣତ ହୋଇପାରେ, କିନ୍ତୁ ତାହା ଏକ ଜାତୀୟ ସ୍ତରର ଜାତିଭିତ୍ତିକ ଜନଗଣନାରୁ ତଥ୍ୟ ସଂଗ୍ରହକୁ ନିରୁତ୍ସାହିତ କରିବା ଉଚିତ ନୁହେଁ । ଚଳିତ ସପ୍ତାହରେ ବିହାର ବିଧାନସଭାରେ ଉପସ୍ଥାପନ କରାଯାଇଥିବା ଜାତି ଆଧାରିତ ଜନଗଣନାରୁ ବାହାରି ଥିବା ବିଶଦ ବିବରଣୀଗୁଡ଼ିକ ଦେଶର ଅଭିବୃଦ୍ଧିର କାହାଣୀ କିପରି ଅସମାନ ରହି ଆସିଛି, ସେ ସମ୍ବନ୍ଧରେ ଆଖୁ ଖୋଲିଦେବା ଉଚିତ । ଏହି ଜାତି ଜନଗଣନାରେ ସମସ୍ତ ୨୧୫ଟିଯାକ ଉପ-ଜାତିର ଆୟ, କର୍ମନିଯୁକ୍ତି, ସମ୍ପତ୍ତି ଏବଂ ଶିକ୍ଷା ଉପରେ ସଂଗୃହୀତ ସୂଚନାର ପ୍ରଭାବ ଏତେ ଅଧିକ ହୋଇଛି ଯେ ଏମିତିକି କେନ୍ଦ୍ରରେ ଶାସନ କରୁଥିବା ବିଜେପି ମଧ ସମ୍ପ୍ରତି ଏହି ଧାରାରେ ଚିନ୍ତା କରିବା କଥା ଉଲ୍ଲେଖ କରିବାକୁ ଯାଇ ପ୍ରକାଶ କରିଛି କି ଏକ ଜାତୀୟସ୍ତରୀୟ ଜନଗଣନା କରାଯାଇପାରେ, ଯଦିଓ ଗୃହମନ୍ତ୍ରୀ ଅମିତ୍ ଶାହ ଏଭଳି ଏକ କାର୍ଯ୍ୟ ପାଇଁ ସମୟକୁ ଅତ୍ୟନ୍ତ ସାବଧାନତାର ସହିତ ବଛାଯିବା ଉଚିତ ବୋଲି ବିଶ୍ୱାସ କରନ୍ତି । ଅବଶ୍ୟ, ସଂଗୃହୀତ ସୂଚନା ମଧ୍ୟ ସମ୍ପୂର୍ଣ୍ଣ ଠିକ୍ ବୋଲି ସୁନିଶ୍ଚିତ କରାଯିବାର ଆବଶ୍ୟକତା ରହିଛି। ସମ୍ପ୍ରତି ବିହାରର ଜାତି ଜନଗଣନାରେ ତଥ୍ୟର ସଠିକତାକୁ ନେଇ ତଥା ଏଥରେ ଆଦର୍ଶଗତ ବା ପକ୍ଷପାତିତାପୂର୍ଣ୍ଣ ଆଚରଣ କରାଯାଇଛି ବୋଲି କେତେକ ସନ୍ଦେହ ପ୍ରକାଶ ପାଇଛି। ତେଣୁ ଏକ ଜାତୀୟସ୍ତରୀୟ ଜନଗଣନା ଯଦି କରାଯାଏ, ତା'ହେଲେ ଅତ୍ୟନ୍ତ ଉଚ୍ଚ ମାନର ସଠିକତା ବଜାୟ ରଖାଯିବା ବିଧେୟ । ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ଅସମାନତାର ଗଭୀରତା ଦୋଦୁଲ୍ୟମାନ ସ୍ଥିତିସମ୍ପନ୍ନ ବୋଲି କୁହାଯାଇପାରେ । ସମ୍ବିଧାନ ପ୍ରଣେତା ଡକ୍ଟର ବିଆର୍ ଆମ୍ବେଦକରଙ୍କ ଦ୍ୱାରା ଗଠନରେ ସହାୟତା କରାଯାଇଥିବା ଧରଣର ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ସକାରାତ୍ମକ ପକ୍ଷପାତିତା ଦିଗରେ ବାଟ କଢ଼ାଇ ନେଇଥିବା ବେଳେ, ସେଗୁଡ଼ିକ ସେ ସମୟରେ ୧୦ ବର୍ଷର ସର୍ବାଧିକ ସମୟ-ସୀମାବିଶିଷ୍ଟ ଏକ ଚିନ୍ତାଧାରା ଥିଲା ଏବଂ ତାହା ଯାଞ୍ଚ କରାଯିବା ପରେ ବୃଦ୍ଧି କରାଯିବାର ପ୍ରସ୍ତାବକୁ ବହନ କରୁଥିଲା । ସ୍ଥାନ ସଂରକ୍ଷଣ ପାଇଁ ଧାର୍ଯ୍ୟ କରାଯିବାର ପ୍ରାରମ୍ଭିକ ମାନଦଣ୍ଡ ହୁଏତ ଐତିହାସିକ ଭାବରେ ତଫସିଲଭୁକ୍ତ ଜାତି (ଏସ୍‌ସି) ଏବଂ ତଫସିଲଭୁକ୍ତ ଜନଜାତି (ଏସ୍)ମାନଙ୍କ ଭଳି ସଂଖ୍ୟାଲଘୁମାନଙ୍କୁ ଦୃଷ୍ଟିରେ ରଖି କରାଯାଇଥିଲା, ଯେଉଁମାନେ କି ସମାଜର ଉଚ୍ଚ ବର୍ଗମାନେ ଲାଭ କରୁଥିବା ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିଲେ । ବିହାର ଭଳି ଏକ ସ୍ୱଳ୍ପ ବିକଶିତ ରାଜ୍ୟର ମାନଦଣ୍ଡ ଦ୍ୱାରା ଦେଖିଲେ ଭାରତ ଆଜିକା ସମୟରେ ବାସ୍ତବରେ କେଉଁ ସ୍ଥିତିରେ ରହିଛି, ତାହା ଜାଣିହେବ। ବିହାରର ୪୨ ପ୍ରତିଶତ ଏସ୍‌ସି ପରିବାର ଏବଂ ୪୨.୭ ପ୍ରତିଶତ ଏସ୍ଟି ପରିବାର ଗରିବ ହୋଇଥିବା ବେଳେ ଓବିସିମାନଙ୍କ ମଧ୍ୟରୁ ୩୩.୧୬ ଏବଂ ଅତ୍ୟଧିକ ପଛୁଆ ବର୍ଗମାନଙ୍କ ମଧ୍ୟରୁ ୩୩.୫୮ ପ୍ରତିଶତ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ଏକ ଜାତି ଆଧାରିତ ଜନଗଣନାର ଆବଶ୍ୟକତା କେତେ, ତାହା ଉପରୋକ୍ତ ତଥ୍ୟ ଦର୍ଶାଉଛି। ତେଣୁ ଏକ ଜାତୀୟସ୍ତରୀୟ ଜାତିଗତ ଜନଗଣନା କରାଯିବା ନିମନ୍ତେ ସବୁ ରାଜନୀତିକ ଦଳଙ୍କ ମଧ୍ୟରେ ସହମତି ପ୍ରକାଶ ପାଇବା ଆବଶ୍ୟକ, ଯେହେତୁ ଜାତିଗତ ଅସମାନତାକୁ କଳନା କରାଯାଇ ପାରିବ, ଯଦ୍ୱାରା ସରକାରୀ ଜନକଲ୍ୟାଣମୂଳକ ଯୋଜନାଗୁଡ଼ିକରୁ କମ୍ ଫାଇଦା ପାଉଥିବା ଲୋକମାନଙ୍କୁ ଅଧିକ ସୁବିଧା ସୁଯୋଗ ଯୋଗାଇ ଦେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ପାରିବ । ଆଉ ତା' ପରେ ହିଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାର ସୀମାକୁ ଭଙ୍ଗ କରିବା ନିମନ୍ତେ ଆବଶ୍ୟକୀୟ ସଂଖ୍ୟା ଗରିଷ୍ଠତା ମିଳି ପାରିବ ଏବଂ ବର୍ତ୍ତମାନ ନୀତୀଶ କୁମାର ଦାବି କରୁଥିବା ଭଳି ୭୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଯିବା ସମ୍ଭବପର ହୋଇ ପାରିବ। ସଠିକ୍ ତଥ୍ୟର ଗୁରୁତ୍ୱକୁ କେବେହେଲେ ଅଣଦେଖା କରାଯାଇ ନପାରେ, କାରଣ ଏହା ମଧ ଯେପରି ସନ୍ଦେହ କରାଯାଉଛି ଯେ ସଂରକ୍ଷଣ ବ୍ୟବସ୍ଥାର ଲାଭଗୁଡ଼ିକ ଗୋଟିଏ ବର୍ଗକୁ ମିଳୁଛି, ତାହା ଦର୍ଶାଇ ପାରିବ । କିନ୍ତୁ ପ୍ରଥମେ ଜାତୀୟସ୍ତରୀୟ ଜାତି ଜନଗଣନା ହେବାର ଆବଶ୍ୟକତା ରହିଛି । ତେବେ ଭାରତର ଅଧିକାଂଶ ଜନସାଧାରଣ ଏକ ଜାତିହୀନ ସମାଜ ପ୍ରତିଷ୍ଠିତ ହେବାକୁ ପସନ୍ଦ କରିବେ । ସେମାନେ ମଧ୍ୟ ଜାତିର ସୂଚକଗୁଡ଼ିକ ନ ରହିବାକୁ ପସନ୍ଦ କରିବେ, କାରଣ ଏଗୁଡ଼ିକ ରହିଲେ ନିରବଚ୍ଛିନ୍ନ ଭାବରେ ରହି ଆସିଥିବା ଅସମାନତାଗୁଡ଼ିକୁ ବାହାର କରିବା ଏବଂ ସେସବୁର ସମାଧାନ କରିବାର ଉପାୟଗୁଡ଼ିକ ନିମନ୍ତେ ଏସବୁକୁ ବ୍ୟବହାର କରାଯିବ।

# ଏକକ ନାଗରିକ ସଂହିତା



## ଅଳକା ରାୟ

ଏକ ବିଶ୍ଳେଷଣ

ସମାନ ନାଗରିକ ସଂହିତା ବର୍ତ୍ତମାନ ଦେଶର ପ୍ରମୁଖ ଖବରମାନଙ୍କ ମଧ୍ୟରୁ ଅନ୍ୟତମ। ଏହା ନୂଆ ନୁହେଁ। ୭୫ ବର୍ଷ ପୂର୍ବରୁ ଏହା ଭାରତୀୟ ରାଜନୀତିର ଏକ ଅଂଶ ଥିଲା। ସେତେବେଳେ ବି ଏହା ସେତିକି ବିବାଦୀୟ ଓ ନିତିଗତ ସମସ୍ୟା ମଧ ଦେଇ ଗତି କରିଥିଲା ଯାହାକି ବର୍ତ୍ତମାନ ଦେଖାଯାଉ ଅଛି। ୧୯୩୦ ଦଶକରେ ଏକକ ଆଇନ୍ ପ୍ରଥମେ କେନ୍ଦ୍ରକୁ ଆଣିବାର ଶ୍ରେୟ ଭାରତୀୟ ମହିଳା ଆନ୍ଦୋଳନକାରିଙ୍କୁ ଦିଆଯାଇଛି। ୧୯୩୭ ଦଶକରେ ଲିଙ୍ଗଗତ ଅସମାନତାକୁ ଦୂର କରିବା ପାଇଁ ଅଖିଳ ଭାରତ ମହିଳା ସଙ୍ଗଠନ ଦ୍ୱାରା ଏକକ ଆଇନ୍ ଅଣାଯାଇଥିଲା। ୧୯୪୮ ରେ କିନ୍ତୁ ଏହା ସଂଖ୍ୟାଲଘୁ ବନାମ ସଂଖ୍ୟାଗରିଷ୍ଠ, ଧାର୍ମିକ ସ୍ୱତନ୍ତ୍ରତା ବନାମ ସମାନତା, ଜନଜାତି ବନାମ ମୁଖ୍ୟଧାରା ଆଦି ରେ ବିଭାଜିତ ହୋଇ ଲିଙ୍ଗଗତ ଅସମାନତାକୁ ଗୌଣ କରି ଦିଆଗଲା। ୧୯୫୦ ରେ ହିନ୍ଦୁ କୋଡବିଲ ପାରିତ ସମୟରେ ଲୈଙ୍ଗିକ ସମାନତାକୁ ଅଗ୍ରାଧିକାର ଦିଆଗଲା। ପରେ ପରେ ବାଲ୍ୟ ବିବାହ,ସତିଦାହ ପ୍ରଥା, ବହୁ ବିବାହ, ଦେବଦାସୀ ପରମ୍ପରା ଆଦି ମର୍ଜାଦା ହାନିକାରକ, ଅପମାନ ସୂଚକ ଓ ଘୃଣା ପୂର୍ଣ୍ଣ ପ୍ରଥା ପରମ୍ପରା ଗୁଡିକ ଆଇନ୍ ପାରିତ କରାଯାଇ ଦୁର କରାଯାଇ ପାରିଥିଲା। କିନ୍ତୁ ସେସମୟର ପରିସ୍ଥିତି ଅନୁଯାୟୀ ଅନ୍ୟ ସବୁ ଧର୍ମର ବ୍ୟକ୍ତିଗତ ଆଇନକୁ ବଦଳାଯାଇ ପାରିନଥିଲା। ପରେ ପରେ ବିଭିନ୍ନ ମାମଲା, ମକଦ୍ଦମା ଯଥା ସାହାବାନୋ ମାମଲା, ସାଏରାବାନୋ ମାମଲା ଆଦି ରେ ମାନ୍ୟବର ସୁପ୍ରିମକୋର୍ଟ ଅନୁଭବ କଲେ ଯେ ଦେଶରେ ଏକକ ଆଇନ୍‌ର ଆବଶ୍ୟକତା ଅଛି, ଏବଂ କେନ୍ଦ୍ରସରକାରଙ୍କୁ ସଂସଦରେ ଏହାକୁ ପାରିତ କରିବାକୁ ପରାମର୍ଶ ଦିଆ ଗଲା। ୨୦୨୩ ମାର୍ଚ୍ଚ ମାସରେ ସୁପ୍ରିମକୋର୍ଟରେ ପି- ଆଇ-ଏଲ (PIL) ଦାଖଲ କରାଗଲା। କିନ୍ତୁ ନ୍ୟାୟାଳୟ ଏକ ଉଚିତ୍ ସ୍ଥାନ ନୁହେଁ ଓ ଏହାକୁ ସଂସଦ ରେ ଉପସ୍ଥାପନା କରିବା ଉଚିତ ବୋଲି ମାନ୍ୟବର ସୁପ୍ରିମକୋର୍ଟ ଆଦେଶ ଦେଲେ। ବର୍ତ୍ତମାନ ଆଉଥରେ ଏକକ ନାଗରିକ ସଂହିତା ମାଧ୍ୟମରେ ସବୁ ନାଗରିକଙ୍କୁ ଗୋଟିଏ ଆଇନ ପରିସରରେ ଆଣିବାକୁ ପ୍ରୟାସ କରାଯାଉଅଛି।ଭାରତରେ ଦୁଇ ପ୍ରକାର ଆଇନ୍ ଯଥା-୧ମ, ଅପରାଧ ଭିତିକ (ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ) ପବ୍ଲିକ ଆଇନ୍ ଏବଂ ୨ୟ-ବ୍ୟକ୍ତିଗତ ଆଇନ୍ (ପରସନାଲ ଆଇନ୍) । ପବ୍ଲିକ ଆଇନ୍ ସମସ୍ତ ନାଗରିକଙ୍କ ପାଇଁ ସମାନ ଦଣ୍ଡ ବିଧାନ କରେ, ଯେପରିକି ଚୋରି କେହିବି କରୁ, ଦଣ୍ଡ କିନ୍ତୁ ସମସ୍ତଙ୍କ ପାଇଁ ସମାନ। କିନ୍ତୁ ପରସନାଲ ଆଇନ୍ ଏକ ବ୍ୟତିକ୍ରମ। ଏହା ଧର୍ମ ଅନୁସାରେ ପରିଚାଳିତ। ହିନ୍ଦୁ, ମୁସଲିମ,ଶିଖ ଓ ଖସାଇ ସମସ୍ତେ ନିଜ ନିଜ ଧର୍ମ ଅନୁଯାୟୀ ବ୍ୟକ୍ତିଗତ ଆଇନକୁ ଅନୁସରଣ କରିଥାନ୍ତି। ସମ୍ବିଧାନ ପ୍ରଣୟନ ସମୟରେ ହିଁ ଏକକ ଆଇନ୍‌କୁ ଲାଗୁ କରିବାକୁ ଚେଷ୍ଟା କରାଯାଇଥିଲା। କିନ୍ତୁ ଦେଶରେ ବିଭାଜନ ଓ ବିଭାଜନ ପରବର୍ତ୍ତୀ ପରିସ୍ଥିତି ଅନୁଯାୟୀ ଏହାକୁ ସ୍ଥଗିତ ରଖା ଯାଇଥିଲା ଓ ଭବିଷ୍ୟତରେ କାର୍ଯ୍ୟକାରି ପାଇଁ ଛାଡ଼ିଦିଅ ଯାଇଥିଲା।

ଏକକ ନାଗରିକ ସଂହିତାର ଉଦ୍ଦେଶ୍ୟ ବିଭିନ୍ନ ଧର୍ମରେ ବ୍ୟକ୍ତିଗତ ଆଇନ୍ ରେ ଥିବା ଭେଦଭାବକୁ ଦୁର କରିବା। ବିଶେଷ ଭାବରେ 'ବିବାହ', 'ବିବାହ ବିଚ୍ଛେଦ', 'ସମ୍ପତିରେ ଅଧିକାର', 'ସନ୍ତାନ ଗ୍ରହଣ', ସଂରକ୍ଷଣ ସମ୍ବନ୍ଧୀୟ', ତଥା ଲିଙ୍ଗଭିତିକ ସମାନତାକୁ ଅଗ୍ରାଧିକାର ଦେବା ଇତ୍ୟାଦି....। ସବୁ ଧର୍ମରେ ଥିବା ବ୍ୟକ୍ତିଗତ ଆଇନ୍‌କୁ ନିୟମ ଦ୍ୱାରା ସ୍ଥାପିତ କରି ସମସ୍ତଙ୍କ ପାଇଁ ସରଳ କରିବା ଓ ସମାନତା ପୂର୍ବକ କାର୍ଯ୍ୟକାରି କରିବା। ଏଥିରେ ଆଇନ୍ ପ୍ରଣାଳୀର ଆଧୁନିକୀକରଣ ଓ ସୁଧାରର ମଧ ପର୍ଯ୍ୟାପ୍ତ ସୁଯୋଗ ରହିଛି ଏବଂ ସମୟ ସହିତ ଆଇନ୍‌ରେ ପରିବର୍ତ୍ତନର ସୁଯୋଗ ମଧ ରହିଛି।

ଏକକ ନାଗରିକ ସଂହିତା ଧର୍ମ, ଜାତି, ଭାଷା ତଥା ଲୈଙ୍ଗିକ ଅସମାନତା ରୁ ଉର୍ଦ୍ଧ୍ୱକୁ ଯାଇ ସମସ୍ତ ନାଗରିକଙ୍କ ପାଇଁ ଗୋଟିଏ ଆଇନ ପ୍ରଣୟନ ବିଷୟରେ ବୁଝାଇଥାଏ। ଭାରତୀୟ ସମ୍ବିଧାନରେ ନାଗରିକମାନଙ୍କୁ କିଛି ଅଧିକାର ଦିଆଯାଇଅଛି, ଅନୁଚ୍ଛେଦ-୧୪ଅନୁଯାୟୀ(ସମାନତା), ଅନୁଚ୍ଛେଦ-୧୫ ଅନୁଯାୟୀ ଧର୍ମ, ଜାତି ଓ ଲିଙ୍ଗ କୁ ଆଧାର କରି ଭେଦ ଭାବ ନକରିବା, ଅନୁଚ୍ଛେଦ-୨୧ ଅନୁଯାୟୀ ଜୀବନ ଓ ବ୍ୟକ୍ତିଗତ ସଂରକ୍ଷଣରେ ସମାନତା। କିନ୍ତୁ ମହିଳାମାନଙ୍କ କ୍ଷେତ୍ରରେ ଏସବୁ ଅଧିକାରର ଉଲ୍ଲଂଘନ କରାଯାଉଛି।ତାହା ତଲାକ ହେଉ ଅବା ମନ୍ଦିର ପ୍ରବେଶ ହେଉ ଅବା ବିବାହ ଓ ମହିଳାଙ୍କ ସ୍ୱାଧିନତାକୁ ନେଇ, ସବୁ ଧର୍ମ ର ବ୍ୟକ୍ତିଗତ ଆଇନ୍ ରେ ଭେଦଭାବ ରହୁଛି। ଏପରି ସ୍ଥିତିରେ ସମାନ ନାଗରିକ ସଂହିତା ଭେଦଭାବକୁ ସମାପ୍ତ କରିବାକୁ ସମର୍ଥ ହେବ।

ଏକକ ଆଇନ୍ ବିରୋଧିଙ୍କ ମତରେ ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର। ବିଭିନ୍ନ ଧର୍ମ ପରମ୍ପରାରେ ପୂର୍ଣ୍ଣ ଏକ ବିବିଧ ସମ୍ପର୍ଣ୍ଣ ଦେଶ। ଏକକ ଆଇନ୍ ଧର୍ମ ଓ ପରମ୍ପରା କ୍ଷତିକାରକ। କେବଳ ମୁସଲିମ ସମ୍ପ୍ରଦାୟ ନୁହେଁ, ଅନ୍ୟାନ୍ୟ ଧର୍ମାବଲମ୍ବୀମାନେ ଯଥା ଖ୍ରୀଷ୍ଟିଆନ, ପାର୍ସି ତଥା ହିନ୍ଦୁଧର୍ମରେ ଅନ୍ତର୍ଭୁକ୍ତ ଆଦିମ ଅଧିବାସୀ, ବୈଧ, ଜୈନ, ଶିଖ ଆଦି ବିରୋଧ କରୁଛନ୍ତି। ଏହା ନାଗରିକଙ୍କ ଅଧିକାରରେ ହସ୍ତକ୍ଷେପ କରୁଛି। ଅନୁଚ୍ଛେଦ-୨୫ର ଧାର୍ମିକ ସ୍ୱତନ୍ତ୍ରତାରେ ହସ୍ତପେକ୍ଷ ସଦୃଶ।

୨୧ତମ ଆଇନ୍ ସମିତି (21st law commission) ଅନୁଯାୟୀ ଏକକ ଆଇନ୍ ବାଞ୍ଛନୀୟ ନୁହେଁ। ଏହାର କିଛି ଆବଶ୍ୟକତା ମଧ ନାହିଁ। ବାସ୍ତବରେ ଏହା ବ୍ୟାବହାରିକ ଅସୁବିଧା ସୃଷ୍ଟି କାରକ। ହିନ୍ଦୁ ଧର୍ମ ଅନୁଯାୟୀ ବିବାହ ଏକ ପବିତ୍ର ବନ୍ଧନ, ଖ୍ରୀଷ୍ଟିଆନ ଅନୁସାରେ ବିବାହ ବିଚ୍ଛେଦ ଏକ ଅପବାଦ, ମୁସଲିମ ଧର୍ମ ଅନୁଯାୟୀ ନିକାହ ଏକ ଚୁକ୍ତି, ଏବଂ ପାର୍ସି ଧର୍ମ ଅନୁଯାୟୀ ରେଜିଷ୍ଟ୍ରୀକରଣ ବିବାହ ଏକ ବିଧି। ଏ ସବୁ ବିଧି ବିଧାନ କୁ ଆଦର ସମ୍ମାନ କରିବା ଉଚିତ୍ । ଗୋଟିଏ ଧର୍ମକୁ ଆଉ ଏକ ଧର୍ମ ଉପରେ ଲଦି ଦେଇ ହେବନାହିଁ। ଯଦି ଏକକ ଆଇନ୍ ଉପରେ ସହମତି ନହୋଇ ପାରୁଛି ତେବେ ସବୁ ଧର୍ମର ବ୍ୟକ୍ତିଗତ ଆଇନ୍‌ରେ ପରିବର୍ତ୍ତନ ଆଣିବା ସମୟ ଉପନୀତ। ତେବେ ଯାଇ ବିବିଧତାକୁ, ପ୍ରଭେଦକୁ ଠିକ୍ ଭାବରେ ଧାର୍ଯ୍ୟ କରିପାରିବା ଏବଂ ଏକକ ଆଇନ୍ ନ ଆଣି ବ୍ୟକ୍ତିଗତ ଆଇନ୍ ରେ ଯାହାବି ସବୁ ଅସୁବିଧା ଅଛି ତାକୁ ଦୁରକରି ଲିଙ୍ଗ ଭିତିକ କରିପାରିବା। କମିଟି ଅନୁଯାୟୀ ଏକକ ରାଷ୍ଟ୍ରକୁ ସମାନତାର ଆବଶ୍ୟକ ନାହିଁ କିନ୍ତୁ ମାନବ ଅଧିକାରକୁ ବିନା ତର୍କରେ ସମାଧାନ କରିବାର ପ୍ରୟାସ କରିବା ଉଚିତ୍। ବ୍ୟକ୍ତିଗତ ଆଇନ୍‌ରେ ଫରକ୍ କୌଣସି ଭେଦଭାବକୁ ନୁହେଁ ବରଂ ଏକ ସୁଦୃଢ ଲୋକତନ୍ତ୍ରର ପରିଚୟ।

ତେବେ ସରକାର (ରାଜ୍ୟ ଓ କେନ୍ଦ୍ର)ଙ୍କ ପାଖରେ ଶକ୍ତି ଅଛି ଯେ କୌଣସି ସାମାଜିକ ଅନ୍ୟାୟକୁ ଆଇନ୍ ମାଧ୍ୟମରେ ସମାପ୍ତ କରି ପାରିବେ। ରାଷ୍ଟ୍ରର ହିତ ସବୁଠାରୁ ଉର୍ଦ୍ଧ୍ୱରେ। ନାଗରିକ ମାନଙ୍କର ମୌଳିକ ଅଧିକାର, ମର୍ଜାଦା ସର୍ବ ପ୍ରଥମେ। ଯାହାସବୁ ମର୍ଜାଦା ହାନିକାରକ, ଅପମାନ ସୂଚକ, ଘୃଣା ଓ ପକ୍ଷପାତ ପୂର୍ଣ୍ଣ ଓ ବିଭେଦ ମୂଳକ ତାକୁ ଅସମ୍ବିଧାନକ ଘୋଷଣା କରିବା। ଅନୁଚ୍ଛେଦ-୧୪ (ସମାନତା) ପାରିତ ସମୟରେ କ'ଣ ବିବିଧତାକୁ ଅସୁବିଧା ହୋଇଥିଲା ଏକକ କାମକୁ ଏକକ ଦରମା (equal pay for equal work) କ'ଣ ଅସୁବିଧା ସୃଷ୍ଟି କରିଥିଲାତେବେ ଏକକ ଆଇନ୍‌କୁ କାହିଁକି ଏତେ ବିରୋଧ ନାଗରିକମାନେ ସମସ୍ତେ ଜାଣିବା ଦରକାର ଯେ ସମ୍ବିଧାନ ସବୁଠାରୁ ଉଚ୍ଚରେ। ସମ୍ବିଧାନ ଅନୁଯାୟୀ ବ୍ୟକ୍ତିଗତ ଆଇନ୍ ପରିବର୍ତ୍ତନ ହେବା ଉଚିତ୍,ସବୁ ଧର୍ମର ବ୍ୟକ୍ତିଗତ ଆଇନ୍ ଅନୁଯାୟୀ ସମ୍ବିଧାନ ବଦଳାଯାଇ ପାରିବ ନାହିଁ। ତେବେ ଆଇନ୍‌କୁ ଉପସ୍ଥାପନା କରିବା ଓ କାର୍ଯ୍ୟକାରୀ କରିବା ମଧ ସେତିକି ଆବଶ୍ୟକ।

ଏକକ ନାଗରିକ ସଂହିତା ଆଇନକୁ ବର୍ତ୍ତମାନ ଏକ ସମ୍ବେଦନଶୀଳ ଓ ବିଭାଜନ କାରି ଭାବେ ଦେଖାଯାଉଅଛି। ନାଗରିକମାନେ ନିଜର ବ୍ୟକ୍ତିଗତ ଆଇନ୍ ବିଷୟରେ ଅଜ୍ଞ, ଏହାର ଲାଭ ଓ କ୍ଷତି ବିଷୟରେ ମଧ ଅଜ୍ଞ। ନାଗରିକ ମାନେ ସାଂପ୍ରଦାୟିକବାଦ ଶକ୍ତି ଓ ଭୁଲ୍ ସୁଚନା ପ୍ରଦାନକାରୀ ଓ ପ୍ରଚାରକ ମାନଙ୍କ ଦ୍ୱାରା ପ୍ରଭାବିତ। ତେବେ ଆଇନ୍ ର ବିଷୟବସ୍ତୁ ସନ୍ମୁଖକୁ ଆସିଲେ ଓ ଏହା ଉପରେ ଆଲୋଚନା ପର୍ଜ୍ୟାଲୋଚନା କରି, ଧାର୍ମିକ ନେତା, ଆଇନ୍ ବିଶେଷଜ୍ଞ ଓ ସମସ୍ତ ସମୁଦାୟର ପ୍ରତିନିଧି ମାନଙ୍କ ସହିତ ବିଚାର ବିମର୍ଷ ଦ୍ୱାରା ସହମତି ପାଇବା ସହଜ ହେବ ଓ ବିନା ଦ୍ୱିଧାରେ ସହମତି ଭିତିରେ ଏକକ ଆଇନ୍ ପାରିତ କରାଯାଇ ପାରିବ।


ଭୁବନେଶ୍ୱର

ମୋ:୭୯୭୮୩୩୨୦୬୧


# ବିଷ୍ଣୁ ଅବତାର ଧନ୍ୱନ୍ତରୀ



## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଧନ୍ୱନ୍ତରୀଙ୍କୁ ହିନ୍ଦୁ ଧର୍ମରେ ଦେବବୈଦ୍ୟର ମାନ୍ୟତା ଦିଆଯାଇଛି। ମହାନ ଚିକିତ୍ସକ ଧନ୍ୱନ୍ତରୀ ଭଗବାନ ବିଷ୍ଣୁଙ୍କ ଅବତାର ଥିଲେ। ଦେବ ଏବଂ ଦାନବ ମିଶି ସମୁଦ୍ର ମନ୍ଥନ କରିବା ସମୟରେ କାର୍ତ୍ତିକ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଭଗବାନ ଧନ୍ୱନ୍ତରୀ ସମୁଦ୍ର ମନ୍ଥନରୁ ପ୍ରକଟ ହୋଇଥିଲେ। ପୌରାଣିକ ମାନ୍ୟତା ଅନୁଯାୟୀ, ଶରତ ପୂର୍ଣ୍ଣିମାରେ ଚନ୍ଦ୍ରଦେବ, କାର୍ତ୍ତିକ ଦ୍ୱାଦଶୀରେ କାମଧେନୁ, ତ୍ରୟୋଦଶୀରେ ଧନ୍ୱନ୍ତରୀ, ଚତୁର୍ଦ୍ଦଶୀରେ କାଳୀ ମାତା ଏବଂ ଅମାବାସ୍ୟାରେ ଭଗବତୀ ଲକ୍ଷ୍ମୀ ସାଗର ମନ୍ଥନରୁ ପ୍ରକଟ ହୋଇଥିଲେ। ଏହି କାରଣରୁ ଦୀପାବଳିର ଦୁଇ ଦିନ ପୂର୍ବରୁ ଧନ୍‌ତେରସ୍ ଦିନ ଭଗବାନ ଧନ୍ୱନ୍ତରୀଙ୍କ ଜୟନ୍ତୀ ପାଳନ କରାଯାଇଥାଏ। ଏହି ଦିନ ହିଁ ଭଗବାନ ଧନ୍ୱନ୍ତରୀ ଆୟୁର୍ବେଦର ସୃଷ୍ଟି କରିଥିବା ଜଣାଯାଏ। ଧନ୍ୱନ୍ତରୀ ଭଗବାନ ବିଷ୍ଣୁଙ୍କ ରୂପ ହୋଇଥିବାରୁ ତାଙ୍କର ଚାରି ବାହୁ ରହିଛି। ସେ ଦୁଇ ବାହୁରେ ଶଙ୍ଖ ଏବଂ ଚକ୍ର ଧାରଣ କରିଥାନ୍ତି। ଅନ୍ୟ ଦୁଇ ବାହୁରେ ଯଥାକ୍ରମେ ଔଷଧି ଏବଂ ଅମୃତ କଳସ ଧାରଣ କରିଥାନ୍ତି। ଧନ୍ୱନ୍ତରୀଙ୍କ ପ୍ରିୟ ଧାତୁ ହେଉଛି ପିତ୍ତଳ। ସେଥିପାଇଁ ଧନତେରସ ଦିନ ପିତ୍ତଳ ଧାତୁ କ୍ରୟ କରିବାର ପରମ୍ପରା ରହିଛି। ଧନ୍ୱନ୍ତରୀଙ୍କୁ ଆୟୁର୍ବେଦ ଚିକିତ୍ସାର ସ୍ରଷ୍ଟା ତଥା ଆରୋଗ୍ୟ ଦେବତା ରୂପେ ଉପାସନା କରାଯାଇଥାଏ। ସେ ହିଁ ଅମୃତମୟ ଔଷଧିର ଅନୁସନ୍ଧାନ କରିଥିଲେ। ଦ୍ୱାପର ଯୁଗରେ ଧନ୍ୱନ୍ତରୀ ପୁନଃ ଧରାପୃଷ୍ଠରେ ଜନ୍ମ ନେଇଥିଲେ। ତାଙ୍କରି ବଂଶରେ ଦିବୋଦାସ ଜନ୍ମ ନେଇଥିଲେ। ସେ କାଶୀ ଠାରେ ଶଲ୍ୟ ଚିକିତ୍ସାର ବିଶ୍ୱର ପ୍ରଥମ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଏହି ବିଶ୍ୱବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଥିଲେ ମହାନ ଆୟୁର୍ବେଦ ଚିକିତ୍ସକ ଶୁଶ୍ରୁତ। ଶୁଶ୍ରୁତ ଥିଲେ ଦିବୋଦାସଙ୍କର ଶିଷ୍ୟ ଏବଂ ଋଷି ବିଶ୍ୱାମିତ୍ରଙ୍କ ପୁତ୍ର। ସେ ଶୁଶ୍ରୁତ ସଂହିତାର ରଚନା କରିଥିଲେ। ଶୁଶ୍ରୁତଙ୍କୁ ବିଶ୍ୱର ପ୍ରଥମ ଶଲ୍ୟ ଚିକିତ୍ସକ କୁହାଯାଏ। ଦୀପାବଳି ପୂର୍ବରୁ କାର୍ତ୍ତିକ ତ୍ରୟୋଦଶୀ ତିଥିରେ ଧନତେରାସ ଦିନ ଭଗବାନ ଧନ୍ୱନ୍ତରୀଙ୍କୁ ପୂଜା କରିବା ଦ୍ୱାରା ଆୟୁ ତଥା ଆରୋଗ୍ୟ ପ୍ରାପ୍ତ ହୋଇଥାଏ। ଭଗବାନ ଶଙ୍କର ବିଷପାନ କରିଥିଲେ, ଧନ୍ୱନ୍ତରୀ ଅମୃତ ପ୍ରଦାନ କରିଥିଲେ। ଏହି ଦୁଇ ଦେବତାଙ୍କ ଦ୍ୱାରା ପବିତ୍ର କାଶୀ ନଗରୀ କାଳଜୟୀ ହୋଇଥିଲା।

ଭଗବାନ ଧନ୍ୱନ୍ତରୀ ସମସ୍ତ ରୋଗର ନିବାରଣ ତଥା ଚିକିତ୍ସା କରିପାରୁଥିଲେ। ସେ ଭରଦ୍ୱାଜଙ୍କ ଠାରୁ ଆୟୁର୍ବେଦ ଶିକ୍ଷା ଗ୍ରହଣ କରି ତାହାକୁ ଅଷ୍ଟାଙ୍ଗ ମାର୍ଗରେ ବିଭକ୍ତ କରିଥିଲେ। ଏହାପରେ ଏହି ବିଦ୍ୟା ସେ ନିଜ ଶିଷ୍ୟମାନଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ। ବୈଦିକ କାଳରେ ଅଶ୍ୱିନୀ କୁମାର ମାନଙ୍କୁ ଯେଉଁ ମହତ୍ତ୍ୱ ଏବଂ ସ୍ଥାନ ପ୍ରାପ୍ତ ହୋଇଥିଲା ପୌରାଣିକ କାଳରେ ଧନ୍ୱନ୍ତରୀଙ୍କୁ ସେଭଳି ଗୁରୁତ୍ୱ ଦିଆଯାଇଥିଲା। ଅଶ୍ୱିନୀ କୁମାରଙ୍କ ହାତରେ ମଧୁ କଳସ ଥିଲା। ଭଗବାନ ଧନ୍ୱନ୍ତରୀଙ୍କ ହାତରେ ଅମୃତ କଳସ ରହିଥିଲା। ଭଗବାନ ବିଷ୍ଣୁ ସମଗ୍ର ସଂସାରର ପାଳନକର୍ତ୍ତା। ତାଙ୍କ ଅବତାର ହୋଇଥିବା କାରଣରୁ ଭଗବାନ ଧନ୍ୱନ୍ତରୀ ମାନବ ସମାଜକୁ ସମସ୍ତ ପ୍ରକାରର ରୋଗରୁ ମୁକ୍ତି ଦେଇଥାନ୍ତି। ଏହି କାରଣରୁ ସେ ବିଷ୍ଣୁଙ୍କ ଅଂଶ ରୂପରେ ପୂଜା ପାଉଛନ୍ତି। ବିଷ ବିଦ୍ୟା ସମ୍ବନ୍ଧରେ ମହାଭାରତରେ ତକ୍ଷକ ଏବଂ ମହର୍ଷି କଶ୍ୟପଙ୍କ ମଧ୍ୟରେ ଯେଉଁ ଆଲୋଚନା ରହିଛି, ଠିକ୍ ସେହିପରି ଆଲୋଚନା ଧନ୍ୱନ୍ତରୀ ଏବଂ ନାଗଦେବୀ ମନସାଙ୍କ ମଧ୍ୟରେ ହୋଇଥିବା ବ୍ରହ୍ମବୈବର୍ତ୍ତ ପୁରାଣରେ ଉଲ୍ଲେଖ ରହିଛି। ଧନ୍ୱନ୍ତରୀଙ୍କୁ ଗରୁଡ଼ଙ୍କ ଶିଷ୍ୟ ମଧ କୁହାଯାଏ। ଭଗବାନ ଧନ୍ୱନ୍ତରୀଙ୍କ ସାଧନା ନିମନ୍ତେ ସହଜ ମନ୍ତ୍ରଟି ହେଉଛି 'ଓଁ ଧନ୍ୱନ୍ତରୟେ ନମଃ'। ଏହା ବ୍ୟତୀତ 'ଓଁ ନମୋ ଭଗବତେ ମହାସୁଦର୍ଶନାୟ ବାସୁଦେବାୟ ଧନ୍ୱଂତରାୟେଃ'। ଅମୃତ କଳସ ହସ୍ତାୟ ସର୍ବ ଭୟ ବିନାଶାୟ ସର୍ବରୋଗନିବାରଣାୟ, ତ୍ରିଲୋକପଥାୟ ତ୍ରିଲୋକନାଥାୟ ଶ୍ରୀ ମହାବିଷ୍ଣୁସ୍ୱରୂପ ଶ୍ରୀ ଧନ୍ୱନ୍ତରୀ ସ୍ୱରୂପ ଶ୍ରୀ ଶ୍ରୀ ଶ୍ରୀ ଔଷଧଚକ୍ର ନାରାୟଣାୟ ନମଃ। ଅର୍ଥାତ୍ ହେ ପରମଭଗବାନ, ହେ ସୁଦର୍ଶନ ବାସୁଦେବ ଧନ୍ୱନ୍ତରୀ, ହେ ଅମୃତକଳସଧାରୀ, ସର୍ବ ଭୟନାଶକ, ସର୍ବରୋଗନାଶକ, ତିନି ଲୋକର ସ୍ୱାମୀ, ତିନିଲୋକର ସଞ୍ଚାଳନକାରୀ, ହେ ବିଷ୍ଣୁ ସ୍ୱରୂପ ଧନ୍ୱନ୍ତରୀ ଆପଣଙ୍କୁ ପ୍ରଣାମ। ଏହି ମନ୍ତ୍ର ଜପ କରି ଧନ୍‌ତେରସ୍ ଦିନ ଧନ୍ୱନ୍ତରୀଙ୍କୁ ଉପାସନା କରାଯାଇପାରିବ। ମହାଭାରତ ତଥା ପୁରାଣରେ ଭଗବାନ ବିଷ୍ଣୁ ଅଂଶ ରୂପରେ ଧନ୍ୱନ୍ତରୀଙ୍କ ସମ୍ପର୍କରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ତାଙ୍କର ଆବିର୍ଭାବ ସମୁଦ୍ର ମନ୍ଥନ ସମୟରେ ହୋଇଥିଲା। ସେ ଅମୃତ କଳସ ଧରି ପ୍ରକଟ ହେଲେ ଏବଂ ଭଗବାନ ବିଷ୍ଣୁଙ୍କୁ ନିବେଦନ କରି କହିଲେ ହେ, ପ୍ରଭୁ ଆପଣ କୌଣସି ଲୋକରେ ମୋର ସ୍ଥାନ ତଥା ଦେବ ଭାଗ ନିର୍ଦ୍ଧାରଣ କରନ୍ତୁ। ଏହାଶୁଣି ଭଗବାନ ବିଷ୍ଣୁ କହିଲେ, ଯଜ୍ଞ ଭାଗ ପୂର୍ବରୁ ଦେବଗଣ ପ୍ରାପ୍ତ କରିସାରିଛନ୍ତି। ତେଣୁ ଆପଣଙ୍କୁ କୌଣସି ଭାଗ ଦେବା ସମ୍ଭବପର ନୁହେଁ। ଦେବତାଙ୍କ ପରେ ପ୍ରକଟ ହୋଇଥିବାରୁ ଆପଣ ପୂର୍ଣ୍ଣ ଦେବତା ହୋଇପାରିବେ ନାହିଁ। ତେଣୁ ଦେବତ୍ୱ ପ୍ରାପ୍ତ କରିବାକୁ ହେଲେ ଆପଣଙ୍କୁ ପୁଣିଥରେ ମର୍ତ୍ତ୍ୟଲୋକରେ ଜନ୍ମ ନେବାକୁ ପଡ଼ିବ। ମର୍ତ୍ତ୍ୟମଣ୍ଡଳରେ ଜନ୍ମ ନେବା ପରେ ଆପଣ ସିଦ୍ଧି ପ୍ରାପ୍ତ କରିବେ ଏବଂ ତିନି ଲୋକରେ ପ୍ରସିଦ୍ଧି ଅର୍ଜନ କରିବେ। ଆପଣଙ୍କୁ ସେହି ଶରୀରରେ ଦେବତ୍ୱ ପ୍ରାପ୍ତ ହେବ। ବ୍ରାହ୍ମଣମାନେ ଭଗବାନଙ୍କ ରୂପରେ ଆପଣଙ୍କୁ ପୂଜା କରିବେ। ଆପଣ ଆୟୁର୍ବେଦର ଅଷ୍ଟାଙ୍ଗ ବିଭାଜନ କରିବେ। ଦ୍ୱାପର ଯୁଗରେ ଆପଣ ପୁଣି ଜନ୍ମ ନେବେ ଏଥିରେ କୌଣସି ସନ୍ଦେହ ନାହିଁ।

ଭଗବାନ ବିଷ୍ଣୁଙ୍କ ଠାରୁ ବରଦାନ ଲାଭ କରିବା ପରେ ଭଗବାନ ଧନ୍ୱନ୍ତରୀ ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ସମୟ ଆସିବାରୁ କାଶୀରାଜ ଧନ୍ୱ ପୁତ୍ର ପ୍ରାପ୍ତି ନିମନ୍ତେ କଠୋର ତପସ୍ୟା କଲେ। ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଭଗବାନ ବିଷ୍ଣୁ ବରଦାନ ଦେଲେ। ଧନ୍ୱଙ୍କ ଦିବ୍ୟ ପୁତ୍ର ଧନ୍ୱନ୍ତରୀ ନାମରେ ପ୍ରସିଦ୍ଧ ହେଲେ। ଉଲ୍ଲେଖଯୋଗ୍ୟ ଯେ କାଶୀ ନଗରୀର ପ୍ରତିଷ୍ଠାତା କାଶଙ୍କ ପୁତ୍ର ଥିଲେ ଧନ୍ୱ। ଜନ୍ମ ନେବା ପରେ ଧନ୍ୱନ୍ତରୀ ଆୟୁର୍ବେଦ ଜ୍ଞାନ ଆହରଣ କରିବା ସହିତ ଏହାର ପ୍ରଚାର ପ୍ରସାର କରିଥିଲେ। ଆୟୁର୍ବେଦ ସମ୍ପର୍କରେ ସୁଶ୍ରୁତ ଉଲ୍ଲେଖ କରିଛନ୍ତି ସୃଷ୍ଟିକର୍ତ୍ତା ବ୍ରହ୍ମା ପ୍ରଥମ ଥର ଏକ ଲକ୍ଷ ଶ୍ଳୋକ ରଚନା କରି ଆୟୁର୍ବେଦ ଶାସ୍ତ୍ର ରଚନା କରିଥିଲେ। ଏଥିରେ ସହସ୍ର ଅଧ୍ୟାୟ ଥିଲା। ଏହି ଶାସ୍ତ୍ରକୁ ପ୍ରଥମେ ପ୍ରଜାପତି ପାଠ କରିଥିଲେ। ଏହାପରେ ଅଶ୍ୱିନୀ କୁମାର ଏବଂ ଦେବରାଜ ଇନ୍ଦ୍ର ପାଠ କରିଥିଲେ। ତାଙ୍କଠାରୁ ଧନ୍ୱନ୍ତରୀ ଆୟୁର୍ବେଦ ପାଠ କରିଥିଲେ। ଭାବପ୍ରକାଶ ଗ୍ରନ୍ଥରେ ଉଲ୍ଲେଖ କରାଯାଇଛି ଯେ ଆତ୍ରେୟ ପ୍ରମୁଖ ମୁନିଗଣ ଇନ୍ଦ୍ରଙ୍କ ଠାରୁ ଆୟୁର୍ବେଦ ଜ୍ଞାନ ପ୍ରାପ୍ତ କରି ଅଗ୍ନିବେଶ ତଥା ଅନ୍ୟ ଶିଷ୍ୟମାନଙ୍କୁ ପ୍ରଦାନ କରିଥିଲେ। ଏହାପରେ ଅଗ୍ନିବେଶ ଏବଂ ଅନ୍ୟ ଶିଷ୍ୟମାନେ ରଚନା କରିଥିବା ଆୟୁର୍ବେଦ ଗ୍ରନ୍ଥରୁ ଗୁରୁତ୍ୱପୂର୍ଣ୍ଣ ଭାଗ ସଂକଳିତ କରି ଚରକ ମୁନି ଚରକ ସଂହିତା ରଚନା କରିଥିଲେ।


ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,

ମୋ : ୯୪୩୭୦୫୧୯୫୭





## ପକ୍ଷୀ ଫେରିବକି ତାର ନୀଡ଼କୁ !

### ପ୍ରଦୋଷ କୁମାର ଦାସ

ବାରୁଦ ଗନ୍ଧରେ ଆଜି ଅତିଷ୍ଠ ଜୀବନ
ନିଶ୍ୱାସେ ଭର୍ତ୍ତିାକୁ ବିଶ୍ୱାସ
ଜୁଟେନି ସାହସ।
କାନ୍ଦ ବୋବାଳିରେ ଫାଟୁଛି ମେଦିନୀ
ନିମିଷକେ ଶବ ପାଲଟୁଛି
ଅସହାୟ ମଣିଷ।
ଆକାଶର ଛାତି ଚିରି
ପ୍ରକମ୍ପିତ ମହୀମଣ୍ଡଳ ହୁଏ ବାରମ୍ବାର।
ଭୁପତିତ ହେଉଅଛି ରାଶି ରାଶି
କୋଠାବାଡ଼ି ଘରଦ୍ୱାର।
ନୀଡ଼ ହରା ପକ୍ଷୀ ଖୋଜଇ ଠିକଣା
ପାଇବାକୁ ଶେଷ ଦେଖା ଶାବକର।
ଗଛ ସବୁ ଜଳୁଛି ହୁତୁହୁତୁ ହୋଇ,
କ୍ଷଣିକରେ ଠିକଣା ହଜୁଛି ରାସ୍ତାଘାଟ
ଘରଦ୍ୱାର।
ରାଶି ରାଶି ବୋମା ମିସାଇଲ
ରକେଟ୍ ଉତକ୍ଷେପଣ
ଥରାଉଛି ନୀଳ ନୀଳାଭ ଅମ୍ବର।
ସନ୍ତ୍ରାସର ଲେଲିହାନ ଶିଖାରେ
ଚମକୁଛି ଦିଗଦିଗନ୍ତର।
ଶାନ୍ତି ଆଜି ପରାହତ
ପରାର୍ଥ ହଜିଛି, ଜାଗେ ବୃଥା
ଅହଙ୍କାର।
ଧର୍ମ ଓ ଅଳୀକ ସ୍ୱାର୍ଥର ଅଫିମ
ନିଶାରେ
ହିତାହିତ ଜ୍ଞାନ ହଜାଇଛି
ସମରବିଳାସୀ ନର।
ସର୍ବନାଶୀ କନ୍ଦଳ ଅଶାନ୍ତ କରିଛି
ସବୁଠି ଅନ୍ତର
ଠିକଣା ହଜିଛି ଶାନ୍ତି, ସଂହତି ଓ
ସହାବସ୍ଥାନର ।
ବିଶ୍ୱ ଦରବାରେ ଭାଗଭାଗ ଆଜି
ଦେଶ ଓ ବିଚାର
ଉଶୃଂଖଳ ହୁଅନ୍ତି
ନେତା ନୀତିର ନରେଶ
ଦ୍ୱାହି ଦେଇ ମାନବିକତାର।
ଭୂମିରୁ ଭୂମାଯାଏ ଛୁଟୁଛି ଅବିରତ
ଆୟୁଧ ସମର।
ଦିଗବିଦିଗ କ୍ଷେପି ଆସେ ଅସ୍ତ୍ରରାଜୀ
ଏକ ଆରେକର।
ବାରୁଦର ନିଆଁ ଧୂଆଁ କରେ
ବିଷାକ୍ତ ସମୀର।
ଶବଙ୍କ ଗଦାରେ ଲହୁ ଆଉ ଲୁହ
ଏକାକାର।
ଜିଇବା ମରିବା ଅବଧି, ସତେ ପାଣି
ଫୋଟକାର।
ମାରିବା ମରିବା ଯେବେ ହେବ
ଭସ୍ମାସୁର
ଏଠି ଦୁର୍ବିସହ ନହେବ କିପରି, ମାନ
ଜୀବନର ?
ଅବିଳମ୍ବେ ଚେତି ଯାଅ, ଚେତି ଯାଅ,
ଆହେ ସଭ୍ୟ ମଣିଷ ଏହି ଧରଣୀର।
ସମର ନୁହେଁ କେବେ କା'
ଜୀବନ ସମ୍ଭାର !
ସତ୍ୟଶାନ୍ତି ଗୁଣେ ହୁଅ ମହିମା
ମଣ୍ଡିତ ନର।


+ନାଚୁଣୀ , ଖୋର୍ଦ୍ଧା
ପିନ୍:-୭୫୨୦୩୪
ମୋ: ୬୩୭୦୪୯୫୯୪୪


## ଚୁନା ଚୁନା ତାରାଫୁଲ

### ନଳିନୀ ଦାଶ



ଚୁନାଚୁନା ତାରାଫୁଲ ପରି ଆମେ ଦିଶୁ
କୁନି କୁନି ଓଠେ ଆମେ ମିଠା ହସ ହସୁ
ଆମ ଆଖି ଆଇନାରେ
ଦୁନିଆଁଟା ଦିଶେ
ଟିକିକଳି ଫୁଟିଗଲେ
ଜଗତରେ ବାସେ।
ଭେଦଭାବ ରଖନହିଁ ପୁଅଝିଅ ଭିତରେ
ପୁଅଠାରୁ ଝିଅମାନେ
ସବୁଥିରେ ଆଗରେ
ଆମେ ନବକଳିକା ମନ ଆମ କୋମଳ
ଭରିଦିଅ ସୁଭାବନା
ଆମେ ଅତି ସରଳ।
ସ୍ନେହ ଶ୍ରଦ୍ଧା ଦେଇ
ଟିକେ କରିବ ଯତନ
ଆମେ ହେବୁ ତୁମ ପାଇଁ
ଅମୂଲ୍ୟ ରତନ
ସୁବାସରେ ମହକିବ ଆମଘର ଅଗଣା
ଅସୀମ ସାହାସ ବଳେ
ହେବୁ ଜଗତ ଜିଣା।
ଗଢିଦେବୁ ନିଜ ହାତେ ଆମ ଭବିଷ୍ୟତ
ଦେଶର ପ୍ରଗତି ଲାଗି ବଢ଼ାଇବୁ ହାତ
ଟିକି ମନେ ବଡ଼ ଆଶା ଦେଖିଛୁ ସପନ
ହାରିବୁନି ଡରିବୁନି କରିଅଛୁ ପଣ ।
ନାହିଁମନେ ହିଂସା ଭାବ କପଟ ଛଳନା
ଘର ଅଗଣାରେ ହେବୁ
ହୀରାର ଖେଳନା
ଦେଉଥାଅ ଧର୍ମଜ୍ଞାନ ହିତ ଉପଦେଶ
କଳି ସିନା ଗଢ଼ିବୁ
ଆମଭାଗ୍ୟ ଭବିଷ୍ୟ।
ପ୍ରଭୁପାଦେ କରିବୁ ଆମେ
ନିତି ପ୍ରାର୍ଥନା
ମଥା ପରେ ଝରୁଥିବ ତାଙ୍କରି କରୁଣା
ଅନ୍ଧାରକୁ ନାଶି ଦେବୁ
ଆଲୋକକୁ ଜାଳି
ନୂଆପଥ ଦେଖାଇବୁ ଲହୁ ଲୁହ ଢାଳି।
ହସୁଥିବ ଗାଆଁ ମୋର
ହସିବ ଏ ଦେଶ
ସୁଗୁଣ ଗାଇବ ମାଆ ଉଡୁଥିବ ଯଶ
ଟିକିଟିକି ସୁନାଫୁଲ
ଆମେ ଟିକି ଆଇନା
କରିପାରିବନି କେହି
ଆମକୁ ତ କଳନା।


+ଭିକାରିପଡା,ଶରଣକୁଳ,ନୟାଗଡ଼
ମୋ: ୬୩୭୦୦୯୫୨୪୧


## ହେ ! ଯାଜ୍ଞସେନୀ ! ଠିକ୍ ତୁମ ପରି

### ଡାଃ ମନୋରଞ୍ଜନ ଦାଶ



ନାରୀ ଏଠି ଅସହାୟ ପଣରେ.....
କୁରୁସଭା ତଳେ ଗୁରୁଜନମାନଙ୍କ
ସମ୍ମୁଖରେ ଯାଜ୍ଞସେନୀର
ଉଲଗ୍ନକୁ ଯେମିତି ସେମାନେ
ନୀରବରେ ଦେଖୁଥିଲେ,
ଏବେ ବି ସେଇ ନିର୍ଯ୍ୟାତନାର ଦୃଶ୍ୟକୁ
ନୀରବରେ ଦେଖୁଛନ୍ତି,ଏଇମାନେ...
ପୋଲିସ ପ୍ରଶାସନ, ବିଧାନସଭା,
ପାର୍ଲ୍ୟାମେଣ୍ଟ ଓ ଅଦାଲତର
କାଠଗଡା ଭିତରେ .....
ଶତଧିକ୍କାର ଏଠି ମଣିଷ ପଣିଆ,
ଅନ୍ଧ ପ୍ରଶାସନ ଓ ଆଇନର
ବ୍ୟବସ୍ଥାକୁ ।
ସତେ ଯେମିତି ଗଣଦୁଷ୍କର୍ମ ପାଇଁ ଜନ୍ମ
ହୋଇଛି, ନାରୀଟିଏ !
ଏଠି ପାପୀ କିଏ ?
ସେଇ ପ୍ରଶ୍ନ ଯାଜ୍ଞସେନୀ ପରି
ଉଙ୍କି ମାରୁଛି ଏଇ କବି ର ମନରେ..
କେବେ ନାରୀଟିଏ ମୁକ୍ତି ପାଇବ,
ଅସହାୟତାର କବଳରୁ ....
ତା କୁଆଁରୀ ବୟସକୁ ନେଇ
କେବେ ସିଏ ନିର୍ଭୟରେ ଆକାଶର
ଚନ୍ଦ୍ରମାକୁ ଦେଖି ସ୍ୱପ୍ନ ଦେଖିବ !
କେବେ ସିଏ ନାରୀତ୍ୱର
ପରିପୂର୍ଣ୍ଣତାରେ
ସମ୍ଭାବନା କୁ ହାତରେ ଧରିବ ?
ନାଁ ଏଇମିତି ନାରୀଟିଏ ଜଳୁଥିବ,
ଚିରକାଳ।
ହେ ! ନୀରବ ଧୃତରାଷ୍ଟ୍ର, ଭୀଷ୍ମ
ପିତାମହ ମାନେ !
ନାରୀର ଅସହାୟପଣରୁ ତାକୁ ମୁକ୍ତି
ଦିଅ !
ମୁକ୍ତି....


+ପ୍ରଭାବତୀ ନିଳୟମ୍, ବେଲତଳ,
ପଟାମୁଣ୍ଡାଇ, ଜି : କେନ୍ଦ୍ରାପଡ଼ା
ମୋ: ୯୪୩୭୩୧୭୭୨୨









# ବଣମଲ୍ଲୀର ମହକ

**ସନ୍ତୋଷ କୁମାର ଅଦାବର**

ମିତା ଗାଁ ସ୍କୁଲରେ ସପ୍ତମ ଶ୍ରେଣୀରେ ପଢ଼େ। ଶ୍ରେଣୀରେ ପାଠପଢ଼ାରେ ସେ ସେତିକି ଭଲ କରିପାରେ ନାହିଁ ବୋଲି ଟିକିଏ ନିଜକୁ ସଙ୍କୋଚ ମନେକରୁଥିଲା । ଶ୍ରେଣୀକକ୍ଷରେ ଶେଷ ଧାଡ଼ିରେ ବସୁଥିଲା। ଜଣେ ଦୁଇ ଜଣ ସାଙ୍ଗ ସହ ମିଶୁଥିଲା। କିନ୍ତୁ ସେ ଭଲ ଗୀତ ଗାଇପାରୁଥିଲା । ଲାଜ ଏବଂ ଭୟରେ କେବେ ସେ ସ୍କୁଲ୍‌ରେ ଗୀତ ଗାଏ ନାହିଁ। କାଳେ କୋଉଠି ଭୁଲ୍ ହୋଇଯିବ ତା'ର ଶିକ୍ଷକ ଶିକ୍ଷୟିତ୍ରୀ ରାଗିବେ, ସେ ଭୟରେ ସେ ଶ୍ରେଣୀ ଗୃହରେ ବି କେବେ ଗୀତ ଗାଏନି। ତା'ର ସାଙ୍ଗ କୁନି କିନ୍ତୁ ଏକଥା ଭଲ ଭାବରେ ଜାଣେ ଯେ ମିତା ଭଲ ଗୀତ ଗାଏ ବୋଲି। କିନ୍ତୁ ମିତା କୁନିକୁ ମନା କରିଛି ସ୍କୁଲରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନ କହିବା ପାଇଁ ।

ଦିନେ ସେ ବିଦ୍ୟାଳୟର ସାହୁ ସାର୍ ମିତା ଘର ବାଟ ଦେଇ ଗାଁ ଦାଣ୍ଡରେ ଯାଉଥିଲେ। ମିତା ଖୁବ୍ ସୁନ୍ଦର କଣ୍ଠ ସ୍ୱରରେ ଏକ ଗୀତ ଗାଉଥିବାର ଶୁଣି ସେ ସେଠାରେ ଅଟକି ଗଲେ। ଏଇ ସମୟରେ ମିତାର ସାଙ୍ଗ କୁନିକୁ ଦେଖି ଶିକ୍ଷକ ଜଣକ ତାକୁ ପାଖକୁ ଡାକି ଦେଲେ ଏବଂ ଏ କିଏ ଗୀତ ଗାଉଛି ବୋଲି ପଚାରିଲେ। ପ୍ରଥମେ କୁନି କହିବାକୁ ନାରାଜ ହେଉଥିଲା କିନ୍ତୁ ସାରଙ୍କୁ ଭୟକରି ସତ କଥା କହିଦେଲା। ସେହି ସମୟରେ ମିତା ଘରକୁ ସାର୍ ନ ଯାଇ ସ୍କୁଲରେରେ ତାକୁ ଗୀତଟିଏ ଗାଇବାକୁ କହିବେ ବୋଲି ସ୍ଥିର କଲେ।

ତା' ପରଦିନ ସାହୁ ସାର୍ ଏକଥାଟି ପ୍ରଧାନଶିକ୍ଷକ ଏବଂ ଅନ୍ୟ ସବୁ ସାର୍‌ଙ୍କୁ କହିଲେ। ସଂଗୀତ ପିରିୟଡ଼ରେ ଏକ ଶିଶୁ ସଭା କରି ମିତାକୁ ଗୀତଟିଏ ଗାଇବାକୁ କୁହାଗଲା। ଭୟରେ ଏବଂ ସଙ୍କୋଚରେ ସେ ଗୀତ ଗାଇବାକୁ ପ୍ରଥମେ ଜାଣିନି କହୁଥିଲା, କିନ୍ତୁ ସାହୁ ସାର୍ ପୂର୍ବ ଦିନରେ ମିତାର ସୁନ୍ଦର ଗୀତ ଗାଉଥିବା କଥା ତାକୁ କହି ଉତ୍ସାହିତ କଲେ । ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମଧ ତାକୁ ଗୀତଟିଏ ପରିବେଷଣ କରିବାକୁ କହିଲେ। ମିତା ଭୟରେ ଭୟରେ ଗୀତଟିଏ ଗାଇଲା। ଗୀତ ଏତେ ସୁନ୍ଦର ଏବଂ ରୁଚିକର ଲାଗୁଥାଏ



ଯେ ସମସ୍ତେ ତାଳି ମାରି ଉତ୍ସାହିତ କରୁଥାନ୍ତି। ମିତା ଆହୁରି ସୁନ୍ଦର ସ୍ୱରରେ ନିର୍ଭୟରେ ଗାଇ ଚାଲିଥାଏ। ଶେଷରେ ସମସ୍ତେ ତାକୁ ବାଃ ବାଃ କହି ପ୍ରଶଂସା କଲେ।

କିଛି ଦିନ ପରେ ବିଦ୍ୟାଳୟ ସ୍ତରରେ ସେ ସଂଗୀତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ ପ୍ରଶଂସିତ ହେଲା। ଏପରିକି ବ୍ଲକ୍ ସ୍ତରରେ, ଜିଲ୍ଲା ସ୍ତରରେ ଏବଂ ଶେଷରେ ରାଜ୍ୟ ସ୍ତରରେ ମଧ ସେ ପ୍ରଶଂସିତ ହେଲା। ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ ସେ ତା'ର ସୁଲଳିତ କଣ୍ଠରେ ଗୀତ ପରିବେଷଣ କରି ସମସ୍ତଙ୍କର ପ୍ରିୟ ଭାଜନ ହୋଇପାରିଲା। ଉତ୍ସାହିତ ହୋଇ ତା'ର ପାଠ ପଢ଼ାରେ ମଧ ପୂର୍ବ ଅପେକ୍ଷା ଉନ୍ନତି ହେଲା।

ଦିନେ ଶିଶୁ ସଭାରେ ତାକୁ ସମ୍ମାନିତ କରି ସେ ସ୍କୁଲର ପ୍ରଧାନ ଶିକ୍ଷକ କହିଲେ- ପିଲାମାନେ, ତୁମେମାନେ ନିଜ ନିଜ ଭିତରେ ଥିବା ପ୍ରତିଭାକୁ ବିନା ଭୟ ବିନା ସଂକୋଚରେ ବାହାର କରିବ। ଆଜି ମିତା ଜଣେ ସୁକଣ୍ଠଶିଳ୍ପୀ, ତା'ର ମଧୁର କଣ୍ଠରେ ଗୀତ ପରିବେଷଣ କରି ସେ ସମସ୍ତଙ୍କର ମନକୁ ଜିଣି ପାରୁଛି। ତା'ର ସେ ପ୍ରତିଭା ଲୁପ୍ତ ସୁପ୍ତ ପ୍ରାୟ ଥିଲା। ଆମେ ତାକୁ ଉତ୍ସାହିତ କରିବା ଦ୍ୱାରା ସେ ଜଣେ କଣ୍ଠଶିଳ୍ପୀ ହୋଇପାରିଛି। ଏଣୁ ଆମେ କାହାରିକୁ ନିରୁତ୍ସାହିତ କରିବା ଠିକ୍ ନୁହେଁ। ତୁମମାନଙ୍କ ଭିତରେ ମଧ ଅନେକ ପ୍ରତିଭା ଲୁଚି ରହିଛି। ନିଃସଙ୍କୋଚ ଏବଂ ନିର୍ଭୟରେ ସମସ୍ତେ ନିଜନିଜର ପ୍ରତିଭାର ବିକାଶ କର। ବଣମଲ୍ଲୀ ବଣରେ ଫୁଟି ଝଡ଼ିଯାଏ ସିନା ତା'ର ମହକ କାହାରିକୁ ପହଞ୍ଚାଇ ପାରେ ନାହିଁ ବୋଲି ଯେଉଁ ଉକ୍ତି ଚଳିଆସୁଥିଲା, ସେ ଉକ୍ତିକୁ ଆମେ ଭୁଲ୍ ପ୍ରମାଣିତ କରିପାରିବା କେବଳ ନିଜର ପ୍ରଗାଢ଼ ଉଦ୍ୟମ ଏବଂ ଅନ୍ୟମାନଙ୍କର ପ୍ରଶଂସା ଓ ଭଲପାଇବା ଯୋଗୁଁ । ବଣମଲ୍ଲୀ ବି ଚତୁର୍ଦ୍ଦିଗ ମହକାଇ ଦେଇ ସଭିଙ୍କ ହୃଦୟ ରାଇଜେ ବାସକରି ପାରିବ,ଏଥିରେ ତିଳେ ମାତ୍ର ଦ୍ୱିଧା ନାହିଁ।

+ସହକାରୀ ଶିକ୍ଷକ, ବୀରମହାରାଜପୁର,
ଜି-ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୭



# ଦୀପ ଉତ୍ସବ

**ନଗେନ୍ଦ୍ର ନାଥ ପଟ୍ଟନାୟକ**



ଦୀପାବଳି ଯେତିକି ଯେତିକି ପାଖେଇ ଆସୁଥିଲା ସଡକ କଡରେ ମାଟିଦୀପ ,ସୁରେଇ, ଖେଳଣା ବିକାଳି କୁମ୍ଭାରଙ୍କ ଦୋକାନ ସେତିକି ସେତିକି ସାଜସଜ୍ଜାରେ ଉଜ୍ଜଳି ଉଠୁଥିଲା । ରବିବାର ଦିନ ଚେତନ ଦୀପାବଳି ପାଇଁ ଦୀପ ଆଣିବା ଲାଗି ବଜାର ଗଲା । ଡାକେ ବାଟ ଗଲା ପରେ ରାସ୍ତାରେ ସେ ସୁନିଲ, ଗୋପାଳ, ଶଶଧର ସାଙ୍ଗଙ୍କୁ ହାବୁଡିଲା ।

ସାଙ୍ଗମାନେ ମଧ ଚେତନ ସାଥିରେ ବଜାର ଗଲେ ।

ସେମାନେ ମହାମନ୍ଦିର ଛକରେ ବସିଥିବା ଜଣେ ଦୀପ ବିକାଳିକୁ ମାଟିଦୀପ ଦାମ ପଚାରନ୍ତେ ସେ ଦୋକାନୀ କହିଲା –ମୋଟେ ଦଶ ଏଗାର ଟଙ୍କା । ସାଙ୍ଗ ଶଶଧର କହିଲା, ଦଶ କୋଡିଏ ଟଙ୍କା ଦେଇ ସବୁତକ ମାଟିଦୀପ କିଣିନେବୁ । ଏକଥା ଶୁଣିସାରି ଦୋକାନୀ କହିଲା –ବାବୁ , ସକାଳୁ ସକାଳୁ ଟାହିଟାପରା କାଇଁକି କରୁଚ । ଏହାପରେ ଶଶଧର ଜବାବ ଦେଲା –ମଉସା , ତୁମ ସହିତ ଥ...। ମଜା କରୁନାହୁଁ । ଯାହା କହୁଚି ସତ କହୁଚି । ସାମନାରେ ଯେଉଁ କଚ୍ଛାବସ୍ତି ଉପରେ ଆମର ଆଖି ପହଁରିଯାଉଚି ଦୀପାବଳିରେ ସେ ବସ୍ତିକୁ ପ୍ରଦୀପ ଆଲୋକରେ ଝଲମଲ କରି ବସ୍ତିବାସିନ୍ଦାଙ୍କ ପିଲାଝିଲାଙ୍କ ହୃଦୟରେ ଆଲୋକ ବୁଣିଦେବୁ । ଫଳରେ ବସ୍ତି ପିଲାଏ ଜାଣିପାରିବେ ଯେ ଆମେ ବି ଆଲୋକରେ ଗାଧୋଇ ପାରିବା । କିନ୍ତୁ ଏହା ସେତେବେଳେ ସମ୍ଭବ ହୋଇପାରିବ ଯେତେବେଳେ କୌଣସି ସାହାଯ୍ୟକାରୀ ହୃଦୟରେ ଅପରଙ୍କ ପାଇଁ ସେବାଭାବ ଜାଗିଉଠିବ ।

ଏକଥା ଶୁଣିବା ମାତ୍ରେଇ ଦୀପ ବିକାଳି ଦଶଟଙ୍କାରେ କୋଡିଏଟା ମାଟିଦୀପ ଦେବାକୁ ତୟାର ହୋଇଗଲା ।

ଯାପରେ ସୁନିଲ କହିପକାଇଲା –ମଉସା, ତୁମେ କି ପଇସା କମେଇବ ? ତହୁଁ ଦୋକାନୀ ଝଟକିନା ଉତର ଦେଲା –

ବାବୁ , ପରୋପକାର କାମରେ ଲାଭ-କ୍ଷତି ଦେଖାଯାଏ ନାଇଁ । ଶଶଧର ଦୀପାବଳି ଦିନ ଚେତନ, ସୁନୀଲ ଆଉ ଗୋପାଳକୁ ସଙ୍ଗରେ ଘେନି କଚ୍ଛାବସ୍ତିରେ ପହଁଚିଗଲା । ସେତେବେଳକୁ ଡାକ୍ତରାଣୀ ଆରୁଷି ବାଣ , ମିଠେଇ ଓ ବସ୍ତି ପିଲାପିଲିଙ୍କ ପାଇଁ ଉଷୁମ ପୋଷାକ ନେଇ ବସ୍ତିରେ ପହଁଚି ସାରିଥିଲେ ।

କିଛିକ୍ଷଣ ମଧରେ ବସ୍ତି ଆଲୋକମାଳାରେ ଝଲସି ଉଠିଲା । ଉଷୁମ ପୋଷାକ, ମିଠେଇ ଓ ବାଣ ମିଳିଗଲା ପରେ ପିଲାପିଲିଙ୍କ ମୁହଁ ଉଜ୍ଜ୍ୱଳି ଉଠିଲା । ବସ୍ତିର ପିଲାଏ ଜାଣିବାକୁ ପାଇଲେ ଦୀପାବଳି ହେଉଛି ଖୁସୀ ଆନନ୍ଦର ଉତ୍ସବ ।

ଯେଉଁ ଘରେ ସ୍ନେହଶ୍ରଦ୍ଧା, ପ୍ରେମପ୍ରୀତି, ବାତ୍ସଲ୍ୟ ମମତା, ତ୍ୟାଗ, ସହନଶୀଳତା, ଧୈର୍ଯ୍ୟ ଓ ସଂଯମ ଥାଏ ସେ ଘର ପରିବାରରେ ପ୍ରତିଦିନ ଦୀପାବଳି ପାଳନ କରାଯାଏ । ଦୀପାଳି ଖାଲି ଆଲୋକର ଦିନ ନୁହେଁ ବରଂ ଏହା ପରସ୍ପରର ଭାଇଚାରାକୁ ଆହୁରି ବଢାଇବାକୁ ଶିକ୍ଷା ଦେଇଥାଏ । ଖାଲି ସେତିକି ନୁହେଁ, ସେବା ହିଁ କର୍ମ, ସେବା ହିଁ ଧର୍ମ ଓ ପରୋପକାର ହିଁ ଦୀପଉତ୍ସବ ବୋଲି ବାର୍ତା ଦେଇଥାଏ । ତେଣୁ ପ୍ରତିଦିନ ଦୀପାବଳି ପାଳନ କରିବା ।

ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,
ଓଡିଶା ସରକାର
ଓସ୍କାର ସିଟି, ଲକ୍ଷ୍ମୀସାଗର କେନାଲ
ରୋଡ୍ , ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮



## ପବିତ୍ର ଆଲୋକ ପର୍ବ...

**ରାମଚନ୍ଦ୍ର ବେହେରା**

ବରଷକ ପରେ ଶୁଭ ଦୀପାବଳି
ଆସିଛି ମରତ ଧାମେ
ଆଲୋକର ପର୍ବ ହର୍ଷ ଉଲ୍ଲାସରେ
ପାଳିବେ ଜଗତ ଜନେ।
ରଂଗ ବେରଂଗର ଆଲୋକ ମାଳାରେ
ଶୋଭା ପାଇବ ଭବନ
ପିତୃ ପୁରୁଷଂକ ପୂଜାର୍ଚ୍ଚନା ସାଥେ
ହେବ ପୁଣ୍ୟ ପିଣ୍ଡଦାନ।
ସଂଜ ନଇଁଗଲେ ଘର ଅଗଣାରେ
ଜଳିବ ଶୁଭ ଦୀପାଳି
ବଡ ବଡୁଆଂକୁ ଡାକିବେ ସଭିଏଁ
କାଉଁରିଆ କାଠି ଜାଳି।
ପିତୃ ପୁରୁଷଂକ ଆଶିଷର ଧାରା
ଖୁସି ଭରିଦେବ ମନେ
ଅନ୍ଧାରରେ ଆସି ଆଲୋକରେ ସିଏ
ଫେରିଯିବେ ସ୍ୱର୍ଗଧାମେ।
ବନବାସ ସାରି ପ୍ରଭୁ ରାମଚନ୍ଦ୍ର
ଫେରିଥିଲେ ଏହିଦିନ
ଅଯୋଧାର ପ୍ରଜା ଦୀପ ଆଲୋକରେ
କରିଥିଲେ ସ୍ୱାଗତମ୍।
ଅଧର୍ମୀଂକୁ ନାଶ କରିବା ନିମନ୍ତେ
ଜନ୍ମିଥିଲେ ମହାକାଳୀ
ତାଂକ ଆଗମନେ ସଭିଏଁ ଶ୍ରଦ୍ଧାରେ
ଜାଳନ୍ତି ପୁଣ୍ୟ ଦୀପାଳି।
ମାତାଂକ ଚରଣେ ଏତିକି ବିନତୀ
ଅଧର୍ମର ହେଉ ନାଶ
ଧର୍ମ ଆଲୋକରେ ଆଲୋକିତ ହେଉ
ଆମ ଏ ଭାରତ ବର୍ଷ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୫୩୪୬

## କବିତା
ତୁମ ପାଇଁ

## ଏ ହେବ ଭଲ ଦୀପାବଳି

**ନୀଳମଣି ଚାନ୍ଦ**

ଆଇ କିଣବେ ଦୀପ କେତେରେ
ଭାଇ କିଣିବେ ବାଣ
ଜେଜେ କହିଲେ ଦୀପାବଳିଟା
ଏବେବେ ଜମିଲା ଜାଣ।
ବାଣ ଫୁଟିବ ଦୀପ ଜଳିବ
ହେବ ମା କାଳୀ ପୂଜା
ପିମ୍ପେଇ ଜାଳି ଡାକିବେ ପିତୃ-
ପୁରୁଷଙ୍କୁରେ ଅଜା ?
ସମ୍ବାଦପତ୍ର ଧରିକି ବାପା
ଡାକିଲେ ଆସ ଧାଇଁ
ଦୀପାବଳିର ବଡ଼ ଖବର
ଅଛି ସଭିଙ୍କ ପାଇଁ।
ଆଗରୁ ନିଜ ରୁଚିରେ ବାଣ
ସମସ୍ତେ କିଣୁଥିଲେ
ଆଉ ଯେ ରାସାୟନିକ ବାଣ
ଫୁଟିବ ନାହିଁ ପିଲେ।
ଏ ବାଣ ଯୋଗୁଁ ପ୍ରଦୂଷଣଟି
ଯାଉଛି ବୋଲି ବଢି
ଉଚ୍ଚତମ ନ୍ୟାୟାଳୟ ଯେ
ନିୟମ ଦେଲେ ବାଢ଼ି।
ଦେହର ପାଇଁ ହାନିକାରକ
ଅଟଇ ସେହି ବାଣ
ବାଣ କିଣିବା ବେଳେ ଏକଥା
ମନ ଭିତରେ ଆଣ।
ପିଲାଠୁଁ ବଡ଼ ମାନିଲେ ଏହା
ସଭିଙ୍କ ପାଇଁ ଭଲ
ନିୟମ ଆସ ସବୁ ମାନିବା
ହେବାନି ହଲଚଲ।
ଏ ହେବ ଭଲ ଦୀପାବଳିଟି
ରଖରେ ମନେ ରଖ
ଦେଶଦଶର ପାଇଁ ଏ ଭଲ
ରହିବ ନାହିଁ ଦକ।

+ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

## ଦୀପାବଳି

**ଶରତ କୁମାର ଦାସ**

ଶରତର ଶେଷେ ଆସିଛି ମରତେ
ହସଖୁସି ନେଇ ଦୀପାବଳି ,
କୋଳାହଳ ଭରା ଗାଆଁଠୁ ସହର
ଆଲୁଅ ରୋଶଣି ଭଳି ଭଳି ।
ଜମିଲାଣି ଭିଡ ଦୋକାନ ଦୁଆରେ
ଛୁଆଠାରୁ ବଡ ହରଷରେ ,
ଜାତି ଜାତି ବାଣ କିଣାବିକା କେତେ
ଦୀପାବଳି ଶୁଭ ପରଶରେ ।
ଧାଡି ଧାଡି ଦୀପ ଚଉଁରା ମୂଳରେ
ଜଳିଲାଣି ପରା ଦିକିଦିକି,
ଘରଠୁ ବାହାର ସଜାଇ ହେଲାଣି
ଦିଶିଲାଣି ପରା ଚିକିମିକି ।
ବଡବଡୁଆଙ୍କୁ ଡାକିବା ସରାଗେ
ଜାଳି କାଉଁରିଆ ଭକତିରେ,
ଅଜାଡିଦେବେଟି ଆଶିଷର ଧାରା
ଭରିବ ହୃଦୟ ଶକତିରେ ।
ଦୀପାବଳି ଦିନ ଫେରିଥିଲେ ରାମ
ଦୁଷ୍ଟ ରାବଣଙ୍କୁ ବଧ କରି,
ଅଯୋଧା ରାଇଜେ ନରନାରୀଗଣ
ବନ୍ଦାପନା କଲେ ଦୀପଧରି ।
ଆଉ ଏକ କଥା ପୁରାଣରେ ଲେଖା
ମନେ ରଖ ପିଲେ ସାବଧାନେ,
ନରକା ଆସୁର ବଧିଲେ ଶ୍ରୀକୃଷ୍ଣ
ଥାପିଲେ ଧରମ ସନମାନେ ।
ଶୁଣ କୁନା,କୁନି,ବାବୁଲା,ବାବୁଲୀ
ଏ ପରା ଆଲୋକ ପରବଟି,
ଜାତି ଧରମର ଭେଦଭାବ ନାହିଁ
ସଭିଙ୍କର ଏହା ଗରବଟି ।
ସତ୍ୟ ଧରମର ହେଉଟି ବିଜୟ
ପାପ-ଅନ୍ଧକାର ଦୂରେଯାଉ
ହସୁଥାଉ ଧରା ମନଖୋଲି ନିତି
ଖୁସି-ପାରାବାର ବହୁଥାଉ।
ଦୀପାବଳି ଦେଉ ଖୁସିର ବାରତା
ହଟିଯାଉ ଧୀରେ ଅମାରାତି,
ସିନିହ-ଶରଧା-ସୁଖ-ଶରଧାରେ
ମାଟିମାଆ ଆମ ଉଠୁ ମାତି ।

+ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର -୭୫୮୦୩୫
ମୋ-୮୨୪୯୧୩୭୦୯୧



# ଦୀପାବଳୀ

**ପ୍ରଦ୍ୟୁମ୍ନ ପଟ୍ଟନାୟକ**



ଦଶହରା ଛୁଟି ପରେ ବିଦ୍ୟାଳୟ ଖୋଲି ଯାଇଥାଏ । ଆଗକୁ ଆସୁଥାଏ ଦୀପାବଳୀ। ପୁଣି ଛୁଟି ହେବା ନେଇ ପିଲାଙ୍କ ମନରେ ଉଲ୍ଲାସ । କାଳୀପୂଜା ପାଖେଇ ଆସିବାରୁ ଶ୍ରେଣୀରେ ଶିକ୍ଷକ ପଚାରିଲେ, ପିଲାମାନେ କହିଲ, ତୁମେ ସବୁ କେମିତି ମନାଇବ ଦୀପାବଳୀ। ଉଲ୍ଲସିତ ହୋଇ ସବୁ ପିଲା ଏକାଥରେ କହିଲେ, ଆମେ ବାଣ ଫୁଟାଇ ଦୀପାବଳୀ ମନାଇବୁ। କେତେ ପ୍ରକାର ବାଣ। ଢୋ ଡ଼ା ବୋମା ସାଙ୍ଗକୁ ସୁରର୍ କରି ଆକାଶକୁ ଉଡି ଯାଉଥିବା ରକେଟ୍, ରଙ୍ଗ ବିରଙ୍ଗ ଫୁଲଝରି ଜଳାଇ ଭାରି ମଜା ଆସିବ।

ପିଲାଙ୍କର ମତାମତ ଶୁଣି ଶିକ୍ଷକ କହିଲେ, ଶୁଣ ପିଲାଏ ମୁଁ କହୁଛି ଆମେ କେମିତି ଦୀପାବଳୀ ପାଳିବା ଉଚିତ୍ । ଆଉ ଆଗଭଳି ଗଛ ଲତା, ଘନ ଜଙ୍ଗଲ, ମାଟି ଘର, ଗାଡିଆ ପୋଖରୀ କି ଜଳାଶୟ ନାହିଁ। ପୂର୍ବ ଅପେକ୍ଷା ବୃଷ୍ଟିପାତ ବି କମି ଗଲାଣି । ତା ସହ ଜଳବାୟୁରେ ପରିବର୍ତ୍ତନ ଆସିଲାଣି। ବାୟୁ ମଣ୍ଡଳ ଉଷ୍ମ ହେଲାଣି । ତେଣୁ ଆମେ ଛାଡୁଥିବା ଅଙ୍ଗାରକାମ୍ଳ ଏବଂ ସୃଷ୍ଟି କରୁଥିବା ଧୂଆଁ ଧୂଳିକୁ ପରିବେଶ ଆଉ ସମ୍ଭାଳି ପାରୁନି। ବାରୁଦ ଥିବା ବାଣ ଫୁଟାଇବା ଫଳରେ ଦୁଇଟି ବଡ କ୍ଷତି ହୋଇଥାଏ। ଯାହାକୁ କୁହାଯାଏ ଧ୍ୱନି ପ୍ରଦୂଷଣ ଏବଂ ବାୟୁ ପ୍ରଦୂଷଣ। ଧ୍ୱନି ପ୍ରଦୂଷଣ ଆମର କାନ ଏବଂ ମସ୍ତିଷ୍କ ପାଇଁ କ୍ଷତି କାରକ। ସେପରି ଧୂଆଁ ଦ୍ୱାରା ବାୟୁ ପ୍ରଦୂଷିତ ହୋଇ ଶ୍ୱାସ ଜନିତ ବେମାରି କରାଇଥାଏ ।

ତେଣୁ ଆମେ ସ୍ୱାସ୍ଥ୍ୟ ଲାଗି କ୍ଷତି କାରକ ବାଣ ନଫୁଟାଇ ବି ଦୀପାବଳୀ ପାଳନ କରି ପାରିବା । ଦୀପାବଳୀ ଉପଲକ୍ଷେ ଘର ଭିତରୁ ଏବଂ ବାହାରୁ ଅଳିଆ ଆବର୍ଜନା ହଟାଇ ଚାରିଆଡ଼ ସଫା ରଖିବା । ଘରକୁ ନାନା ପତ୍ର, ଫୁଲ, ରଙ୍ଗୋଲି ରେ ସଜାଇବା। ଦୀପାବଳୀ ଆଲୋକର ପର୍ବ ହୋଇଥିବାରୁ ଭଳିକି ଭଳି ଆଲୋକ ମାଳାରେ ଘର ସଜା ଯାଇଥାଏ। ସେଦିନ ଅମାବାସ୍ୟା ପଡୁଥିବାରୁ ଅନ୍ଧକାର ଦୂର କରିବାକୁ ଘରେ ଘରେ ଦୀପ ଜଳା ଯାଇଥାଏ। ଆମ ଦେଶର କେତେକ ସ୍ଥାନରେ ଦୀପାବଳୀ ଦିନ ଗଣେଶ ଏବଂ ଲକ୍ଷ୍ମୀଙ୍କୁ ପୂଜା କରାଯାଏ। ମିଷ୍ଟାନ୍ନର ଆଦାନ ପ୍ରଦାନ ସହ ସାହି ପଡିଶା ବନ୍ଧୁ ବାନ୍ଧବ ପରସ୍ପରର ଶୁଭ କାମନା କରି ଥାଆନ୍ତି ।

ଶିକ୍ଷକଙ୍କ କଥା ପିଲା ମାନଙ୍କ ମନକୁ ପାଇଲା। ସେମାନେ ଶପଥ ନେଲେ ହାନି କାରକ ବାଣ ଫୁଟାଇ ପରିବେଶକୁ ପ୍ରଦୂଷିତ କରିବେ ନାହିଁ । ଘରେ ବାପା ଯେବେ ପଚାରିଲେ ଏବର୍ଷ ପିଲାଏ କେଉଁ ବାଣ କିଣାଯିବ ? କୁନା କୁନି କହିଲେ, ନା ବାପା ଏଥର ବାଣ ନୁହଁ ଘରକୁ ସେହି ପଇସାରେ ସୁନ୍ଦର ଫୁଲ କୁଣ୍ଡ ଆଣିବା। ତାକୁ ରଙ୍ଗରେ ସଜାଇ ତାଫ କଡ଼ରେ ଧାଡ଼ି ଧାଡ଼ି ଦୀପ ଜାଳିବା। ମିଠାଇ ଖାଇ ଦୀପାବଳୀ ମନାଇବା।

ପିଲାଙ୍କର କଥା ଶୁଣି ବାପା ଖୁସୀ ହେଲେ। ଘରକୁ ବାଣ ପରିବର୍ତ୍ତେ ଫୁଲ ଏବଂ ମିଠା ନେଇ ଆସିଲେ ।

+ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ
ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

## ବାଣ ଫୁଟାଇବା ମନା

**ପ୍ରଶାନ୍ତ କୁମାର ରାଉଳ**

ପୁଷିଟି ଥରେ ଛୁଆଙ୍କୁ ଡାକି ଥୋଇ ହାବେଳି ବାଣ
ନ ଛୁଇଁବାକୁ ଛୁଆମାନଙ୍କୁ କରିଲା ସାବଧାନ।
ମହମବତୀ ଜଳାଇ ଦେଇ ନାଲି ଛେଳିଲି ଛୁଆ
ପାଖେ ବସାଇ ଚାଲି ଗଲା ସେ ବାଣେ ଲଗାଇ ନିଆଁ।
ଫୁଲଝରିଠୁଁ ବାଣର ମଜା ଚମତକାର ବୋଲି
ଶୁଣିବା କଥା ଅଙ୍ଗେ ନିଭାଇ ନେବ ସେ ବାହାଦୂରୀ।
ଏହା ଭାବି ସେ ବତୀଟି ଧରି ହୋଇଲା ତରବର
ଛୁଆ ଦେଖନ୍ତି ତା ମାଆ ଯାଇ ବାଡ଼ି ପାଖେ ହାଜର।
ବାଣ ଫୁଟିବା ଘାରିଛି ନିଶା ଭଲ କି ମନ୍ଦ ଜାଣେ
ନିଆଁ ଲାଗିଲା କୁଟା ଗାଦିରେ ବାଣ ଫୁଟିଲା କ୍ଷଣେ।
ବାରୁଦ ଗନ୍ଧେ ରହି ନ ପାରି ହୋଇଲେ ହାଇଁପାଇଁ
ଧାଇଁ ଧାଇଁକା ଭାଡ଼ିର ତଳେ ପିଲେ ଲୁଚିଲେ ଯାଇ।
ପୁଷିକି ରହେ ଧଇଁ ସଇଁ ଚାଲିଲା ଲାଞ୍ଜ ଟେକି
କହିଲା ଯାଇ କବାଟ ଖୋଲ ହଲକ ଗଲା ଶୁଖି।
ଛୁଆଙ୍କୁ ଡାକି କହିଲା ପୁଷି ଶୁଣରେ ପିଲେ ଶୁଣ,
ବାଣ ଫୁଟାଇବା ହୋଇଲା ମନା ପକାଇ କହୁଛି ରାଣ।

+ଭଞ୍ଜକଲୋନୀ,ଜଳେଶ୍ୱର,ବାଲେଶ୍ୱର
ମୋ-୮୧୪୪୮୬୪୫୮୪

## ଫୁଟାଇବି ନାହିଁ ବାଣ

**ଧ୍ରୁବ ଚରଣ ବେହେରା**

କୁନା ଜିଦିକଲା ବାପାଙ୍କ ଆଗରେ
ବାଣ ପଟି କିଣିବାକୁ
ଆସୁଅଛି ଏବେ ଶୁଭ ଦୀପାବଳୀ
ଚାଲ ଯିବା ବଜାରକୁ ।
ବାପା ଯେ ତାହାର ବୁଝାଇ କହିଲେ
ଅବୁଝା ହୁଅନି ଜମା
ବାଣ ଫୁଟାଇଲେ କି ଲାଭ ପାଇବୁ
ସରିବ ସଞ୍ଚୟ ଜମା ।
ଅବାଟେ ପଇସା ଖରଚ କରିଲେ
ଲାଭ କିଛି ହେବ ନାହିଁ
ଉଡି ଯିବ ଜାଣ ଧୂଆଁ ହୋଇ ସବୁ
ବାୟୁ ମଣ୍ଡଳରୁ ଭୂଇଁ ।
ଧ୍ୱନି ପ୍ରଦୁଷଣ ଦିନକୁ ଦିନ ଯେ
ବଢି ବଢି ଯାଏ ପରା
ସେଥିଲାଗି ପରା ଶୀତରେ ଗରମ
ସହି ହୁଏ ନାହିଁ ଖରା ।
ଜୀବଜନ୍ତୁ ଲାଗି ହାନିକାର ବାଣ
ରୋଗୀ ଜାଣ କଷ୍ଟ ପାଏ
ବାଣ କିଣା ରାଶି ଦେଉଅଛି ତୋତେ
ଗରିବଙ୍କୁ ବାଣ୍ଟି ଦିଏ ।
ଆଜି ସିନା ଆମେ ନିଜକୁ ସ୍ୱାଧୀନ
ଭାବୁଅଛୁ ଭାରତରେ
ଏବେବି ଅନେକ ଭୋକିଲା ଗରିବ
ଶୋଉଛନ୍ତି ରାସ୍ତାପରେ ।
ଖାଇବାକୁ ମୁଠେ ନାହିଁ ଅନ୍ନ ରୁଟି
ବିକଳରେ ବୁଲୁଛନ୍ତି
ବାଣ ଫୁଟାଇକି ନିଜେ ହେଲେ ଖୁସି
ପାଇବୁକି କହ କିଛି ? ।
ବାପାଙ୍କର କଥା ମାନି କୁନା ଭାଇ
ବାଣ ଯେ କିଣିଲା ନାହିଁ
ବାପା ଦେଇଥିବା ଦୀପାବଳୀ ଖର୍ଚ୍ଚେ
ବିସ୍କୁଟ୍ କିଣିଲା ଯାଇ ।
ଗାଆଁ ମନ୍ଦିରର ପାଖକୁ ଯାଇକି
ଭିକାରିଙ୍କୁ ବାଣ୍ଟି ଦେଲା
ଆନନ୍ଦେ ସେମାନେ ଖାଇକି କହିଲେ
ଧନ୍ୟ ତୁହି ଟିକି ପିଲା ।
ଆଶିଷ ନେଇକି ଫେରିଲା ସେଠାରୁ
ଏହି ତା'ର ବଡ ପଣ
କହିଲା ବାପା ହେ ଦୀପାବଳୀରେ ମୁଁ
ଫୁଟାଇବି ନାହିଁ ବାଣ ।

+ଅଠରବାଟିଆ,ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

# ମଦଦୋକାନୀଙ୍କ ପାଇଁ ନୂଆ ନିୟମ: ଗ୍ରାହକଙ୍କୁ ବିଲ୍ ନ ଦେଲେ ଲକ୍ଷେ ଟଙ୍କା ପର୍ଯ୍ୟନ୍ତ ଅର୍ଥ ଦଣ୍ଡ

କଟକ, ୧୦/୧୧ (ନି.ପ୍ର): ଆଉ ମନ ଇଚ୍ଛା ଦରରେ ମଦ ଦୋକାନୀ ମଦ ବିକ୍ରି କରିପାରିବେ ନାହିଁ। ମଦ ବିକ୍ରି ସମୟରେ ଗ୍ରାହକଙ୍କୁ ମଦରେ ଥିବା ବାର୍ କୋଡ ସ୍କାନ କରି ବିଲ୍ ଦେଲେ ଯାଇ ଟଙ୍କା ନେବେ। ଯେଉଁମାନେ ଏହି ନିୟମ ଖିଲାପ କରିବେ ସେମାନଙ୍କୁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯିବ। କେଣସି ଦୋକାନ ବିରୋଧରେ ବାରମ୍ବାର ଅଭିଯୋଗ ଆସିଲେ ଦୋକାନକୁ ସମ୍ପୂର୍ଣ୍ଣ ସିଲ୍ କରି ଦିଆଯିବ। ମଦ ଦୋକାନୀଙ୍କ ଲାଇସେନ୍ସ ବି ରଦ୍ଦ କରି ଦିଆଯିବ। ଏଭଳି କଠୋର ନିୟମ ଅବକାରୀ ବିଭାଗ ଲାଗୁ କରିବାକୁ ଯାଉଛି। ଏ ସଂପର୍କରେ ନିଷ୍ପତ୍ତି ଚୂଡ଼ାନ୍ତ ହୋଇଥିବା ବେଳେ ନିର୍ଦ୍ଦେଶନାମା ଜାରି କରାଯିବ। ଅବକାରୀ ବିଭାଗର ତଥ୍ୟ ଅନୁଯାୟୀ, ରାଜ୍ୟରେ ଠିପି ବନ୍ଦ ମଦ ଦୋକାନ ୧୧ ଶହ ୬୫ଟି, ଠିପି ଖୋଲା ୭୪୩ଟି, ଦେଶୀ ମଦ ଦୋକାନ ୨୧୩ଟି, ସେନାବାହିନୀର କ୍ୟାଣ୍ଟିନ୍‌ରେ ୩୬ଟି ଦୋକାନକୁ ମିଶାଇ ରାଜ୍ୟରେ ମୋଟ ୨୧ଶହ ୫୬ଟି ମଦ ଦୋକାନକୁ ଲାଇସେନ୍ସ ପ୍ରଦାନ କରାଯାଇଛି। ୨୦୨୧ରେ ଶେଷ ଥର ଲଟେରି ବ୍ୟବସ୍ଥା ହେବା ପରେ ମଦ ଦୋକାନ ପାଇଁ ବାର୍ କୋଡ ମେସିନ୍ ରଖିବାକୁ ବାଧ୍ୟତାମୂଳକ କରାଯାଇଥିଲା। ପ୍ରତ୍ୟେକ ମଦ ବୋତଲରେ ବି ବାର୍ କୋଡ୍ ରହିଥିଲା। ବିକ୍ରି ସମୟରେ ଏହି ବାର୍ କୋଡ୍ ସ୍କାନ୍ କଲେ ମଦର ପ୍ରକୃତ ମୂଲ୍ୟ ପ୍ରିଣ୍ଟ୍ ହୋଇ ବିଲ୍ ଆକାରରେ ବାହାରିବ। ଗ୍ରାହକଙ୍କୁ ବିଲ୍ ଦେବାକୁ କୁହାଯାଇଥିଲା। କିନ୍ତୁ ଏହାକୁ ବାଧ୍ୟତାମୂଳକ କରାଯାଇ ନଥିବାରୁ ଦୁର୍ନୀତି ବଢ଼ିବାରେ ଲାଗିଲା। ଗ୍ରାହକଙ୍କ ଠାରୁ ଦୋକାନୀ ମନଇଚ୍ଛା ଟଙ୍କା ନେଉଥିବା ଅଭିଯୋଗ ଆସିଲା।

କଟକ ଜିଲ୍ଲା ନିଆଳି ଥାନା ଚଉପଡ଼ାରେ ଥିବା ଏକ ଠିପି ବନ୍ଦ ମଦ ଦୋକାନୀ ଗଲା ସେପ୍ଟେମ୍ବରରେ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଦରରେ ମଦ ବିକ୍ରି କରିବା ନେଇ ଜିଲ୍ଲା ଅବକାରୀ ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅବକାରୀ ବିଭାଗ ଏହି ଦୋକାନରେ ଚଢ଼ଉ କରି ୧ ଲକ୍ଷ ଟଙ୍କା ଜରିମାନା ଆଦାୟ କରିଥିଲା। ସେହିଭଳି କଟକ ଜିଲ୍ଲା ବାରଙ୍ଗ ଥାନା ରାମଦାସପୁର ଅଞ୍ଚଳରେ କାହ୍ନୁଚରଣ ନାୟକଙ୍କ ଠିପି ବନ୍ଦ ମଦ ଦୋକାନରେ ଗଲା ଏକ ମାସ ତଳେ ସିଡିଏର କିଛି ବ୍ୟକ୍ତି ବିଅର୍ କିଣିଥିଲେ। ସେମାନଙ୍କ ଠାରୁ ବିଅର୍ ବୋତଲ ପିଛା ୧୦ ଟଙ୍କା ଅଧିକ ନିଆ ଯାଇଥିଲା। ଏହି ଘଟଣାରେ ଅଭିଯୋଗକାରୀ ଗ୍ରାହକ ଖାଉଟି ଅଦାଲତର ଦ୍ୱାରସ୍ଥ




ହୋଇଥିଲେ। ଅଦାଲତ କାହ୍ନୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ୨୦ ଲକ୍ଷ ଟଙ୍କା ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗଲା ୧ ତାରିଖରେ କଟକ ଜିଲ୍ଲା ଅବକାରୀ ବିଭାଗ ଏହି ଦୋକାନକୁ ସିଲ୍ କରି ଦେଇଛି। କଟକରେ ଦୁଇଟି ଦୋକାନ ବିରୋଧରେ ଏଭଳି ଅଭିଯୋଗ ଓ କାର୍ଯ୍ୟାନୁଷ୍ଠାନ ହେବା ପରେ ଅବକାରୀ କମିସନର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ଯାଉଛନ୍ତି। ଯେଉଁ ମଦ ଦୋକାନୀ ବିଲ୍ ନଦେଇ ଏମଆରପିରୁ ଅଧିକ ମୂଲ୍ୟରେ ମଦ ବିକ୍ରି କରିବେ ସେମାନଙ୍କ ନିକଟରୁ ୫୦ ହଜାରରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ। ଏହି ଜରିମାନା ଅର୍ଥ ବ୍ୟବସ୍ଥା ଜିଲ୍ଲା ଅବକାରୀ ଏସ୍‌ପି ସ୍ଥିର କରିବେ। ଜିଲ୍ଲା ଅବକାରୀ ଏସ୍‌ଆଇଙ୍କଠାରୁ ଆରମ୍ଭ କରି ଡିଏସ୍‌ପି ପାହ୍ୟାର ଅଧିକାରୀଙ୍କ ଯାଏ ଏହି ଜରିମାନା ଆଦାୟ କରିବାର କ୍ଷମତା ରହିଛି। ଯେଉଁ ମଦ ଦୋକାନୀ ଗୋଟିଏ ବର୍ଷ ଭିତରେ ତିନି ଥର ଏଭଳି କରିବେ, ସମ୍ପୃକ୍ତ ଦୋକାନୀଙ୍କ ଲାଇସେନ୍ସ ବାତିଲ୍ ସହିତ ଦୋକାନକୁ ସିଲ୍ କରି ଦିଆଯିବ।

ଓଡ଼ିଶା ରାଜ୍ୟ ପାନୀୟ ନିଗମ(ଓଏସବିସି) ରାଜ୍ୟରେ ୧୪୪୩ଟି ମଦର ଏମଆରପି ଧାର୍ଯ୍ୟ କରିଛି। ପ୍ରତ୍ୟେକ ଲାଇସେନ୍ସପ୍ରାପ୍ତ ଦୋକାନୀଙ୍କୁ ମଧ୍ୟ ସେମାନଙ୍କ ଦୋକାନରେ ଗଚ୍ଛିତ ଥିବା ମଦ ଅନୁଯାୟୀ, ଏମଆରପି ଚାର୍ଟ ଦିଆଯାଇଛି। ଏହାକୁ ଦୋକାନ ସାମ୍ନାରେ ଗ୍ରାହକଙ୍କ ଉଦ୍ଦେଶ୍ୟରେ ଲଗାଯିବ। ଏହାଦ୍ୱାରା ଗ୍ରାହକ ଅଧିକ ସଚେତନ ହେବେ। ମଦ କିଣିବା ସମୟରେ ବିଲ୍ ଦେଉ ନଥିବା ଦୋକାନୀଙ୍କ ଭିଡିଓ ମୋବାଇଲରେ ରେକର୍ଡ କରି ଅବକାରୀ ଏସ୍‌ପି କିମ୍ବା ନିକଟସ୍ଥ ଅବକାରୀ ଷ୍ଟେସନରେ ଦାଖଲ କରିବାକୁ ପରାମର୍ଶ ଦିଆଯାଇଛି। ସମ୍ପୃକ୍ତ ଗ୍ରାହକଙ୍କ ପରିଚୟକୁ ଗୋପନ ରଖାଯିବା ସହିତ ଅଭିଯୁକ୍ତ ମଦ ଦୋକାନୀଙ୍କ ବିରୋଧରେ ଅର୍ଥ ଦଣ୍ଡ ବ୍ୟବସ୍ଥା କରାଯିବାକୁ ଅବକାରୀ ବିଭାଗ ନିଷ୍ପତ୍ତି ଗ୍ରହଣ କରିଛି। କିନ୍ତୁ ଏଭଳି ଏମଆରପି କଟକଣାରୁ ଠିପି ଖୋଲା ମଦ ଦୋକାନ ଅର୍ଥାତ ବାର, ରେଷ୍ଟୁରାଣ୍ଟ, ହୋଟେଲ୍, କ୍ଲବକୁ ବାଦ୍ ଦିଆଯାଇଛି। ସେମାନେ ମଦ ଖୋଲିକି ବିକ୍ରି କରୁଥିବାରୁ ଏହାର ମୂଲ୍ୟ ଉପରେ ଅବକାରୀ ବିଭାଗର କୌଣସି ପ୍ରକାର କଟକଣା ରହିବ ନାହିଁ। କିନ୍ତୁ ଏହି ଠିପି ଖୋଲା ମଦ ଦୋକାନରେ ଯଦି କେହି ଠିପି ବନ୍ଦ ମଦ ବିକ୍ରି କରିବେ, ଅର୍ଥାତ୍ ଗ୍ରାହକଙ୍କୁ ମଦ ବାହାରକୁ ନେବାକୁ ସୁଯୋଗ ଦିଅନ୍ତି, ତେବେ ସେମାନଙ୍କ ପାଇଁ ସମାନ ନିୟମ ଲାଗୁ ହେବ।

# ରେଳ ଉପଭୋକ୍ତା ସଂଘର ଚରମ ନିଷ୍ପତ୍ତି: ୧୯ ତାରିଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ

ବଲାଙ୍ଗିର, ୧୦/୧୧ (ନି.ପ୍ର): ସ୍ଥାନୀୟ ଯାଦବ ଭବନ ଠାରେ ରେଳ ଉପଭୋକ୍ତା ସଂଘର ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ବଲାଙ୍ଗିର ପ୍ରତି ରେଳ ବିଭାଗର ଅବହେଳାକୁ ନେଇ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ସହ ଆଗାମୀ ଦିନରେ ରେଳରୋକୋ ପାଇଁ କଠୋର ନିଷ୍ପତି ହୋଇଛି। ବିନା ଆନ୍ଦୋଳନରେ ବଲାଙ୍ଗିର ରେଳ ଷ୍ଟେସନର ଉନ୍ନତି ହୋଇପାରିବ ନାହିଁ ବୋଲି ମତପ୍ରକାଶ କରିଛନ୍ତି । ସଭ୍ୟ କିଶୋର ମିଶ୍ର, ଧର୍ମବ୍ରତ ରଥ, ନୀଳମଣି ମିଶ୍ର, ପଙ୍କଜିନି ପଣ୍ଡା, ଶତୃଘନ ସିଂ, ଗୋପଭୂଷଣ ନାଥ, ନବ କୁମାର ମିଶ୍ର, ପ୍ରଭାକର ମିଶ୍ର, ଗୋପବନ୍ଧୁ ପୁରୋହିତ, ମଳିଆ ଗଡୁଆ, ରତୁରାଜ ସିଂ, ଛବିଲାଲ ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଟିଟିଲାଗଡରୁ ପୁରୀ ପର୍ଯ୍ୟନ୍ତ ଏକ ଫାଷ୍ଟ ପେସେଞ୍ଜର, ଶାରୀରିକ ଅକ୍ଷମମାନଙ୍କ ପାଇଁ ବଲାଙ୍ଗିର ଷ୍ଟେସନରେ ସୁବିଧା, ପ୍ଲାଟଫର୍ମରେ ଲିଫ୍ଟ ଓ ର୍ୟାମ୍ପ କାମକୁ ତ୍ୱରାନ୍ୱିତ କରିବା, ଦିଲ୍ଲୀ ପ୍ରୟାଗରାଜକୁ ଏକ ସିଧାସଳଖ ଟ୍ରେନ, ସମ୍ବଲପୁର -ପୁରୀ, ଜାଟ ଏକ୍ସପ୍ରେସ, ହିରାକୁଦ ଏକ୍ସପ୍ରେସକୁ ବଲାଙ୍ଗିର ଦେଇ ଚଳାଚଳ କରିବା, କଂଟାବାଞ୍ଜି ଠାରେ ୱାଗନ ଫେକ୍ଟ୍ରି କରିବା ଉପରେ ସଭାପତି ବିଭିନ୍ନ ସମୟରେ ରେଳ ବିଭାଗକୁ ଅବଗତ କରିଥିଲେ ମଧ୍ୟ କର୍ଣ୍ଣପାତ ନ କରିବାରୁ ଆଗାମୀ ୧୯ ତାରିଖରେ ଏକ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ହେବ ବୋଲି ନିଷ୍ପତି ନିଆଯାଇଛି । ତାପରେ ଯଦି ରେଳ ବିଭାଗର ନିଦ ନ ଭାଙ୍ଗିଲା ରେଳ ରୋକୋ ହେବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତି ହୋଇଛି ।

ସଭାର ପ୍ରାରମ୍ଭରୁ ମାଁ ସମଲେଇଙ୍କ ଠାରେ ପୂଜାର୍ଚ୍ଚନା ପରେ ସଂପାଦକ ଦିବାକର ହୋତା ଗତ ସଭାର ବିବରଣୀ ଓ କୋଷାଧ୍ୟକ୍ଷ ଅଶୋକ ଚାନ୍ଦ ଆୟ ବ୍ୟୟର ବିବରଣୀ ପାଠ କରିଥିଲେ । ନୂତନ ସଭ୍ୟ ରୂପେ ଇଂ. ଲୋକନାଥ କର, ନବ କୁମାର ମିଶ୍ର ଓ ଅନନ୍ତ ବିଶୋଇଙ୍କୁ ଗ୍ରହଣ କରାଯାଇଥିଲା । ସର୍ବ ଭାରତୀୟ ସ୍ତରରେ ରେଳ ଉପଭୋକ୍ତା ସଂଘକୁ ବିଷ୍ଣୁ କେଡିଆଙ୍କୁ ମନୋନିତ କରିଥିବାରୁ ସଭାରେ ଖୁସି ପ୍ରକାଶ କରି ସମ୍ମାନିତ କରାଯାଇଥିଲା । ବରିଷ୍ଠ ନାଗରିକଙ୍କୁ ପୁନଃ ରିହାତି ଦେବା ପାଇଁ ଚିଠି ଲେଖିବା ପାଇଁ ସଭ୍ୟମାନେ ପ୍ରକାଶ କରିଥିଲେ ।

ଉକ୍ତ ସଭାରେ ନରେନ୍ଦ୍ର କବାଟ, ସଲିମ ଖାନ, ଦ୍ୱାରିକା ପଣ୍ଡା, ସୁରେନ୍ଦ୍ର ନେଗୀ, ଓମ୍ ପ୍ରକାଶ ସାହୁ, ହେମନ୍ତ ନିଆଲ, ବସୁ ନାଗ, ଯୁଧିଷ୍ଠିର ମିଶ୍ର, ରାମ ମିଶ୍ର, ମୋତିଲାଲ ସାହୁ, ନିତ୍ୟାନନ୍ଦ ମିଶ୍ର, ବିନୟ ମିଶ୍ର, ରାମକୁମାର ସେଠି, ଶରତ ହୋତା, ଗଣେଷ ପାଢ଼ି, ରଶ୍ମି ରଞ୍ଜନ ଯୋଷୀ, ଚିତ ପଟେଲ, ପୂର୍ଣ୍ଣଚନ୍ଦ୍ର ମେହେର, ପର୍ଶୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସହ-ସଂପାଦକ ଇଂ. ହିତେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମିଲେଟ୍ ପ୍ରଦର୍ଶନୀରେ ଆଫ୍ରିକାର ବ୍ୟବସାୟୀ



ଭୁବନେଶ୍ୱର, ୧୦/୧୧ (ନି.ପ୍ର): ମିଲେଟ୍ ପ୍ରଦର୍ଶନୀକୁ ପଶ୍ଚିମ ଆଫ୍ରିକାର ବ୍ୟବସାୟୀ ସାଇକୋ ଆମାଦୋ ଦିଆଲୋ ନିଜ ସହଯୋଗୀଙ୍କ ସହିତ ଆସିଥିଲେ। ସାଇକୋ କହନ୍ତି, ତାଙ୍କ ଦେଶରେ ବାଜରା ଚାଷ ହୁଏ ଏବଂ ଏହାର ଚାହିଦା ରହିଛି। ବର୍ତ୍ତମାନ ସ୍ଥିତି ଏଭଳି ହୋଇଛି ଯେ ଚାହିଦା ଅନୁଯାୟୀ ତାଙ୍କ ଦେଶରେ ମଧ୍ୟ ଉତ୍ପାଦନ ନାହିଁ। ତେଣୁ ଅନ୍ୟ ଦେଶରୁ ଆଣୁଛନ୍ତି। ଆନ୍ଧ୍ରପ୍ରଦେଶର ମିଲେଟ୍ ଗବେଷଣା କେନ୍ଦ୍ର ସହିତ ସେ ଯୋଗାଯୋଗ କରିଥିଲେ। ହାଇଦ୍ରାବାଦରୁ ସେ ୫୦ ମେଟ୍ରିକ ଟନ୍ ବାଜରା କିଣିବାର ଯୋଜନା କରିଛନ୍ତି। ଏହି କେନ୍ଦ୍ରର ପରାମର୍ଶରେ ଓଡ଼ିଶାରେ ଆୟୋଜିତ ଆନ୍ତର୍ଜାତୀୟ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି। ଓଡ଼ିଶାର କିଛି ଜିଲ୍ଲାର ଚାଷୀ ବାଜରା ଚାଷ କରୁଥିବା ଜାଣିଛନ୍ତି। ସେମାନଙ୍କ ଉତ୍ପାଦନ ଦେଖିବେ।

# ଡିସେମ୍ବରରେ ଲୋୟର ସୁକତେଲ ପ୍ରକଳ୍ପ ଉଦ୍‌ଘାଟନ: ୨୨ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିବ

ଭୁବନେଶ୍ୱର, ୧୦/୧୧ (ନି.ପ୍ର): ବଲାଙ୍ଗୀର ଜିଲ୍ଲାର ବହୁ ପ୍ରତୀକ୍ଷିତ ଲୋୟର ସୁକତେଲ୍ ପ୍ରକଳ୍ପ ଆସନ୍ତା ଡିସେମ୍ବରରେ ଉଦ୍‌ଘାଟନ ହେବ। ବଲାଙ୍ଗୀର ଜିଲ୍ଲାବାସୀଙ୍କର ଦୀର୍ଘ ୨୨ବର୍ଷର ସ୍ୱପ୍ନ ପୂରଣ ହେବାକୁ ଯାଉଛି। ଡିସେମ୍ବର ଦ୍ୱିତୀୟ ସପ୍ତାହ ସୁଦ୍ଧା ଏହି ପ୍ରକଳ୍ପର ଡ୍ୟାମ୍ ଏବଂ ସ୍ପିଲୱେ (ନିର୍ଗମନ ପଥ) କାମ ଶେଷ ହେବ। ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡିସେମ୍ବର ତୃତୀୟ ସପ୍ତାହରେ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପକୁ ଉଦ୍‌ଘାଟନ କରିବାକୁ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଜଣାଇଛନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୭ତାରିଖରେ ଜଳସମ୍ପଦ ମନ୍ତ୍ରୀ ଶ୍ରୀମତୀ ସାହୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଜଣାଇଛନ୍ତି ଯେ ଡିସେମ୍ବର ଦ୍ୱିତୀୟ ସପ୍ତାହ ସୁଦ୍ଧା ଲୋୟର ସୁକତେଲ ପ୍ରକଳ୍ପର ସର୍ବାଧିକ ୩୩ମିଟର ଉଚ୍ଚତା ପର୍ଯ୍ୟନ୍ତ ନିର୍ମିତ ୧୧୫୫ମିଟରର ମାଟି ବନ୍ଧ, ୨୫୫ମିଟର ଲମ୍ବର ନିର୍ଗମନ ପଥ କାମ ଶେଷ ହେବ। ଗତ ମୌସୁମୀ ବର୍ଷା ସମୟରେ ଏଠାରେ ପାଣି ସଂରକ୍ଷିତ କରି ରଖାଯାଇଥିଲା। ଏଠାରେ ୩୨୦୨୮ ହେକ୍ଟୋମିଟର ପର୍ଯ୍ୟନ୍ତ ଜଳ ସଂରକ୍ଷିତ ହୋଇପାରିବ। ଏହି ପ୍ରକଳ୍ପ ଦ୍ୱାରା ବଲାଙ୍ଗୀର ଜିଲ୍ଲାର ବଲାଙ୍ଗୀର, ଲୋଇସିଂହା, ପୁଇଁତଲା ବ୍ଲକ ଏବଂ ସୁବର୍ଣ୍ଣପୁର ଜିଲ୍ଲାର ତରଭା ବ୍ଲକର ୪୦ହଜାର ହେକ୍ଟର ଜମିକୁ ଜଳସେଚନ କରାଯାଇପାରିବ। ତେଣୁ ଏହାକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରନ୍ତୁ। ସୂଚନାଯୋଗ୍ୟ ଯେ ଏହି ଲୋୟର ସୁକତେଲ ପ୍ରକଳ୍ପ ପାଇଁ ୧୯୯୫-



୯୬ ମସିହାରେ ରାଜ୍ୟ ସରକାର ୨୧୭କୋଟି ଟଙ୍କାର ଖର୍ଚ୍ଚ ଅଟକଳ କରିଥିବାବେଳେ ନଭେମ୍ବର, ୨୦୦୧ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ବହୁ ବିବାଦ, ବିରୋଧ ମଧ୍ୟରେ ଏହି ପ୍ରକଳ୍ପକୁ ନେଇ ଅନିଶ୍ଚିତତା ଲାଗି ରହିଥିବାବେଳେ ଏହାକୁ ଗତ ବର୍ଷ ଠାରୁ ୫-ଟି ନୀତି ଅନ୍ତର୍ଭୁକ୍ତ କରାଯାଇଥିଲା। ଏହାପରେ ବିସ୍ଥାପିତଙ୍କ ସମସ୍ୟାର ସମାଧାନ କରିବା ସହ ନିର୍ମାଣ କାମକୁ ତ୍ୱରାନ୍ୱିତ କରାଯାଇଥିଲା। ଏପରିକି ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଅର୍ଥ ବରାଦରେ କୌଣସି ଅବହେଳା କରିନଥିଲେ। ଯେଉଁଥିପାଇଁ ଏବେ ଏହି ପ୍ରକଳ୍ପର ଖର୍ଚ୍ଚ ଅଟକଳ ୫୨୫୬କୋଟିରେ ପହଞ୍ଚିଛି।

# ଦୁଇଟି ସେତୁ ନିର୍ମାଣ ପାଇଁ ୪ କୋଟି ଟଙ୍କା ମଞ୍ଜୁର ହୋଇଥିବାରୁ ମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ

ଭୁବନ, ୧୦/୧୧ (ନି.ପ୍ର): ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ଭୁବନ ବ୍ଲକ ବାରୁଆଁ (ବି) ଏବଂ ଧଳପଡା ପଂଚାୟତରେ ଦୁଇଟି ସେତୁ ନିର୍ମାଣ ପାଇଁ ୪.୫୭ କୋଟି ଟଙ୍କା ମଞ୍ଜୁର ହୋଇଛି । ଏଥି ସକାଶେ ଭୁବନ ବ୍ଲକ ୨ ନମ୍ବର୍ ଜୋନ ଜିଲ୍ଲା ପରିଷଦ ସଭ୍ୟ ତଥା ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ବାରୁଆଁ (ବି) ସରପଂଚ ଶ୍ରୀମତୀ ବୀଣାପାଣି ସାହୁ ଓ ଧଳପଡା ସରପଂଚ ଶ୍ରୀନିବାସ ବେହେରାଙ୍କ ସମେତ ଦର୍ଜନୀ ଓ ବାରୁଆଁ ଗ୍ରାମର ଜନସାଧାରଣ ଓ ଚାଷୀ ଭାଇ ମାନେ ଗୁରୁବାର ଦିନ କାମାକ୍ଷାନଗର ବିଧାୟକ ତଥା ରାଜ୍ୟ ଖଣି ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ସାକ୍ଷାତ କରି ପୁଷ୍ପଗୁଚ୍ଛ ପ୍ରଦାନ କରି ଗଭୀର କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଫାଇଭ-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିୟାନ କାମାକ୍ଷାନଗରରେ ଜନ ଶୁଣାଣି ପାଇଁ ଆସିଥିବା ବେଳେ ଧନେଇ ନାଳ ଉପରେ ୨ଟି ସେତୁ ନିର୍ମାଣ କରିବା ପାଇଁ ଗ୍ରାମବାସୀଙ୍କ ତରଫରୁ ନିବେଦନ କରାଯାଇଥିଲା । ଏହାକୁ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ସେତୁ ନିର୍ମାଣ ପାଇଁ ୪.୫୭ କୋଟି ଟଙ୍କା ମଞ୍ଜୁର କରିଥିବାରୁ ଗ୍ରାମବାସୀ ମାନେ ମନ୍ତ୍ରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ଫାଇଭ-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେବା ସହିତ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ସେତୁ ନିର୍ମାଣ ହେଲେ ଦର୍ଜନୀରୁ କାଙ୍କଡ଼ପାଳ ଓ ବାରୁଆଁରୁ ଧଳପଡା ଗ୍ରାମକୁ ଗମନାଗମନ ସୁବିଧା ହୋଇପାରିବ।

# ଭୋଟର ତାଲିକା ସଂକ୍ଷିପ୍ତ ସଂଶୋଧନ ସଂପର୍କିତ କର୍ମଶାଳା

ମାଲକାନଗିରି, ୧୦/୧୧ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟ ସଭାଗୃହରେ ଜିଲ୍ଲା ପ୍ରଶାସନ ଓ ନିର୍ବାଚନ କମିଶନ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଏକ ଭୋଟର ତାଲିକା ସଂଶୋଧନ ସଂପର୍କିତ କର୍ମଶାଳା ଅଧକ୍ଷ ଲିଙ୍ଗରାଜ ମିଶ୍ରଙ୍କ ସଭାପତିତ୍ୱରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସହକାରୀ ଜିଲ୍ଲାପାଳ ଅଜୟ କୁମାର ମାଣ୍ଡାଙ୍ଗି ଛାତ୍ରଛାତ୍ରୀମାନଙ୍କୁ ପ୍ରୋଜେକ୍ଟର ମାଧ୍ୟମରେ ଫର୍ମ ଛଅ; ସାତ ଓ ଆଠ କିପରି ପୂରଣକରି ସାବାଳକ ଭୋଟର ଭାବେ ନିଜର ନାମ ପଞ୍ଜୀକରଣ କରିପାରିବେ ସେ ସମ୍ପର୍କରେ ସବିଶେଷ ବିବରଣୀ ଦେଇଥିଲେ।ଏହି କାର୍ଯ୍ୟକ୍ରମକୁ ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଡଃ. ରଞ୍ଜନ କୁମାର ସ୍ୱାଇଁ ପରିଚାଳନା ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୧୮ ବର୍ଷ ବୟସରେ ପଦାର୍ପଣ କରିଥିବା ୨୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମୋବାଇଲ ଆପ୍ ମାଧ୍ୟମରେ ଫର୍ମ ୬ ପୂରଣ କରି ନୂତନ ଭୋଟର ଭାବେ ସାମିଲ ହେବାପାଇଁ ଆବେଦନ କରିଥିଲେ। ଏଥି ସଂପର୍କିତ ଏକ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର ଛାତ୍ରଛାତ୍ରୀମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା। ଚଳଚ୍ଚିତ୍ର ମାଧ୍ୟମରେ ଛାତ୍ରଛାତ୍ରୀମାନେ ମାଲକାନଗିରି ଜିଲ୍ଲାର ଭୌଗଳିକ ପରିବେଶ, ବେଶ ଭୂଷା, ମନୋରମ ପ୍ରାକୃତିକ ପରିବେଶ ଓ ନୃତ୍ୟ ଗୀତର ଉପଭୋଗ କରିଥିଲେ।

# ରାସ୍ତା ଦୁର୍ନୀତି ପାଇଁ ଆପ୍‌ର ଆନ୍ଦୋଳନ

ପୁରୀ, ୧୦/୧୧ (ନି.ପ୍ର): ନବକଳେବର ରାସ୍ତାରେ ଆମ୍ ଆଦମୀ ପାର୍ଟି ତରଫରୁ ପୁରୀ ରାସ୍ତା ନିର୍ମାଣ ଦୁର୍ନୀତି ଉପରେ ଆନ୍ଦୋଳନ ହୋଇଛି । ନବକଳେବର ରାସ୍ତା ନିର୍ମାଣ ପାଇଁ ଆମ୍ ଆଦ୍ମୀ ପାର୍ଟି ଆନ୍ଦୋଳନ ପରେ ନିର୍ମାଣ ହୋଇଥିଲା ପୁଣି ବର୍ଷେ ନପୁରୁନୁ ବଡ଼ ବଡ଼ ଖାଲ । ପୁରୀ ସହରରେ ଫେବର ବ୍ଲକ୍ ଦୁର୍ନୀତି ବିରୁଧରେ ଆପ୍ ପୂର୍ବରୁ ଆନ୍ଦୋଳନ କରି ଜିଲ୍ଲାପାଳଙ୍କ ଅଫିସ୍ ଘେରାଉ କରିଥିଲା । ସେତେବେଳେ କେବଳ ମିଛ ପ୍ରତିଶ୍ରୁତି ଦେଇ ପୁରୀ ବାସୀଙ୍କୁ ଆଜି ପର୍ଯ୍ୟନ୍ତ ଜିଲ୍ଲାପାଳ ଠକିଛନ୍ତି ବୋଲି ଯୁବ ସଭାପତି ଅଂଶୁମାନ ଶତପଥୀ କହିଛନ୍ତି। ଚକ୍ରତୀର୍ଥ ରାସ୍ତା ଯେତେବେଳେ ହଠାତ୍ ଭୁଶୁଡ଼ି ପଡ଼ିଲା ସେତେବେଳେ ଜିଲ୍ଲାପାଳଙ୍କ ଉତର ଥିଲା ସ୍ୱେରେଜ ପାଇଁ ରାସ୍ତା ଏପରି ହେଇଛି ତେବେ ପୁରୀ ଜିଲ୍ଲାରେ ଯୋଉଠି ସ୍ୱେରେଜ୍ କାମ ହେଇଛି ସେଠି ତାହେଲେ ବିପଦ । କାରଣ ନବକଳେବରେ ରାସ୍ତା ମଧ୍ୟ ନିର୍ମାଣ ବର୍ଷେ ନପୂରୁନୁ ଖରାପ ହେଲା ତେବେ କଣ ପୁରୀ ବାସୀ ସମ୍ପୂର୍ଣ୍ଣ ବିପଦରେ ଯାତାୟାତ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟଜିତ ମହାନ୍ତି। ନବକଳେବର ରାସ୍ତା ଦେଇ ବଡ଼ ବଡ଼ ବସ, ସ୍କୁଲ ବସ ଯାଉଛି ସେମାନଙ୍କ ଜୀବନ କାହିଁକି ବିପଦରେ ରଖୁଛନ୍ତି ସରକାର ବୋଲି ଜିଲ୍ଲା ସମ୍ପାଦକ ସତ୍ୟଜିତ ମହାନ୍ତି ପ୍ରଶ୍ନ କରିଛନ୍ତି । ଦୀର୍ଘ ୪ ମାସରୁ ଉର୍ଦ୍ଧ୍ୱ ହେବ ନବକଳେବର ରାସ୍ତା ହଉ କି ଚକ୍ରତୀର୍ଥ ରାସ୍ତା ହଉ କାହିଁକି ସ୍ଥାୟୀ ମରାମତି ହେଉନାହିଁ ବୋଲି ପ୍ରଶ୍ନ କରିଛନ୍ତି ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି। ପୁରୀ ରାସ୍ତା ଦୁର୍ନୀତି ଉପରେ ବାରମ୍ବାର ତଦନ୍ତ ଦାବି ପରେ ମଧ୍ୟ ଜିଲ୍ଲାପାଳ କାହିଁକି ଚୁପ୍ ଅଛନ୍ତି । ଦୁର୍ନୀତି ଖୋର୍ ଅଧିକାରୀଙ୍କ ଉପରେ ଜିଲ୍ଲାପାଳ କେବେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଶ୍ରୀଯୁକ୍ତ ମହାନ୍ତି ପ୍ରଶ୍ନ କରିଛନ୍ତି । ଆଜିର ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଥିଲା, ଯଦି ପୁରୀର ସବୁ ରାସ୍ତା ସ୍ଥାୟୀ ମରାମତି ଏବଂ ସବୁ ସ୍ୱେରେଜ୍ ରାସ୍ତା ର ତଦାରଖ କରି ପଦକ୍ଷେପ ନନେବେ ତେବେ ଆମ୍ ଆଦ୍ମୀ ପାର୍ଟି ଆଗକୁ ଏହି ଆନ୍ଦୋଳନ ଜୋରଦାର କରିବା ସହ ପୁରୀରେ ଅଖଚକ ବନ୍ଦ କରିବାକୁ ବାଧ ହବ ବୋଲି ଶ୍ରୀଯୁକ୍ତ ମହାନ୍ତି କହିଛନ୍ତି । ଆଜିର କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତିଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ସତ୍ୟଜିତ ମହାନ୍ତି, ଜିଲ୍ଲା ମୁଖପାତ୍ର ଅନିଲ ସେନାପତି, ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟଜିତ ମହାନ୍ତି , ଜିଲ୍ଲା ଯୁବ ସଭାପତି ଅଂଶୁମାନ ଶତପଥୀ, ଜିଲ୍ଲା ସୋସିଆଲ ମିଡ଼ିଆ ଅଧକ ସମୀର ସାମନ୍ତରାୟ, ଯୁବ ସମ୍ପାଦକ ଜନ୍ମଜୟ ଜେନା, ସୁଧାଂଶୁ ନାୟକ, ସୁନିଲ ଜେନା, ରଞ୍ଜନ ପ୍ରଧାନ, ବୃନ୍ଦାବନ ପ୍ରଧାନ, ରଶ୍ମିରଞ୍ଜନ ରାଉତରାୟ, ରାକେଶ ନନ୍ଦ, ପ୍ରକାଶ ପ୍ରଧାନ, ସୂର୍ଯ୍ୟକାନ୍ତ ମିଶ୍ର ଏବଂ ସମାଜସେବୀ ତ୍ରିଲୋଚନ ଦାସ ଆଦି ପ୍ରମୁଖ ସଦସ୍ୟ ଯୋଗଦେଇଛନ୍ତି ।

# କୁଷ୍ଠ ରୋଗ ଚିହ୍ନଟ ଅଭିଯାନ (ଏଲସିଡିସି ) ବୈଠକ

ବଲାଙ୍ଗିର, ୧୦/୧୧ (ନି.ପ୍ର): ବଲାଙ୍ଗିର ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ କୁଷ୍ଠ ରୋଗ ଚିହ୍ନଟ ଅଭିଯାନ (ଏଲସିଡିସି )ର ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଛି । ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମହେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ଡିସେମ୍ବର ୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ହେବାକୁ ଥିବା କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ଆଶା କର୍ମୀ ମାନେ ଏହି ଚିହ୍ନଟ ପ୍ରକ୍ରିୟାରେ ମୁଖ୍ୟ ଭୂମିକା ଗ୍ରହଣ କରିବେ । ସେପ୍ଟେମ୍ବର ସୁଦ୍ଧା ଜିଲ୍ଲାରେ ୩୪୦ ଜଣ ଚିହ୍ନଟ ହେଇଥିବା ବେଳେ ଟେଷ୍ଟିଙ୍ଗ ଅଧିକ କରି ଏହାର ପ୍ରତିକାର କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ କହିଥିଲେ । ଅଧିକ ଚିହ୍ନଟ ହୋଇଥିବା ଜାଗାରେ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର, ଘର ଘର ବୁଲି ସଚେତନ କରେଇବା ସହ ଗ୍ରାମ ସଭା ମାଧ୍ୟମରେ ଚିହ୍ନଟଙ୍କୁ ତ୍ୱରାନ୍ୱିତ ଔଷଧ ଏବଂ ଚିକିତ୍ସା ଯୋଗେଇଦେବାକୁ ଆଲୋଚନା ହୋଇଥିଲା । ଡିସେମ୍ବର ୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ହେବାକୁ ଥିବା କୁଷ୍ଠ ରୋଗ ଚିହ୍ନଟ ଅଭିଯାନର ସ୍ୱାସ୍ଥ୍ୟ କର୍ମୀ, ସ୍ୱାସ୍ଥ୍ୟ ପରିଦର୍ଶକ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ତଦାରଖ କମିଟି ତତ୍ତ୍ୱାବଧାନରେ କାମ କରିବେ । ତଦାରଖ କମିଟିରେ ଜିଲ୍ଲାର ଅଭିଜ୍ଞ ଡାକ୍ତର ଓ ଅଧିକାରୀ ରହିବେ । ଜିଲ୍ଲାର ୧୪ଟି ବ୍ଲକରୁ ପ୍ରାୟତଃ ୧୮ ଲକ୍ଷ ଲୋକଙ୍କୁ ଏହି ଅଭିଯାନରେ ସାମିଲ କରାଯିବ । ଏଥିରେ ୨୧୫୦ଟି ଚିହ୍ନଟ ଦଳ ୩୮୬ ସୁପରଭାଇଜରଙ୍କ ତତ୍ତ୍ୱାବଧାନରେ କାମ କରିବେ । ସନ୍ଦିଗ୍ଧଙ୍କୁ ଡାକ୍ତର ୩ ଦିନ ଭିତରେ ପରୀକ୍ଷା କରି ରିପୋର୍ଟ ଦେବେ । ଡିସେମ୍ବର ୧୭ରେ ସମସ୍ତ ପ୍ରକ୍ରିୟା ସାରିବା ସହ ଡିସେମ୍ବର ୨୦ରେ ସଂପୂର୍ଣ୍ଣ ରିପୋର୍ଟ ଦାଖଲ ହେବ । ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କୁବେର ଚନ୍ଦ୍ର ମହନ୍ତ, ଜିଲ୍ଲା ଉପମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦିବ୍ୟକିଶୋର ପତି, ଏଡ଼ିପିଏଚଓ ସୁଧା ବାର୍ଲା, ଡାକ୍ତର ତୁଷାରକାନ୍ତ ଠାକୁର, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପରାମର୍ଶଦାତା ଡାକ୍ତର ନିତୀଶ ଦାଶ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜରାସ୍ତାରେ ଗର୍ଜିଲେ ଚିଟ୍‌ଫଣ୍ଡ ଜମାକାରୀ: ଜିଲ୍ଲାପାଳ ଅଫିସ୍ ଆଗରେ ସତ୍ୟାଗ୍ରହ



ବଲାଙ୍ଗୀର, ୧୦/୧୧ (ନି.ପ୍ର): ବଲାଙ୍ଗୀର ରାଜରାସ୍ତାରେ ଆଜି କ୍ଷତିଗ୍ରସ୍ତ ଚିଟ୍‌ଫଣ୍ଡ ଜମାକରୀ ତାଙ୍କ ଅର୍ଥ ଫେରସ୍ତ ପାଇଁ ଗର୍ଜିଛନ୍ତି। କ୍ଷତିଗ୍ରସ୍ତ ଜମାକାରୀମାନେ ବହୁ ସମୟ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତା ଅବରୋଧ କରି ଗଣ ସତ୍ୟାଗ୍ରହ କରିଥିଲେ। ଜିଲ୍ଲାର ବିଭିନ୍ନ କମ୍ପାନି ସାଇ ପ୍ରସାଦ, ସାଇ ପ୍ରକାଶ, ପିଏସିଏଲ୍, ପିଆଇସିଏଲ୍, ମାଇକ୍ରୋ ଫାଇନାନ୍ସ, ଗୋଲଡେନ୍ ଲ୍ୟାଣ୍ଡ, ଗ୍ରିନ୍ ରେ, ଫ୍ଲୋରିସ ଇଣ୍ଡିଆ, ଆଇକୋର, ରୋଜଭ୍ୟାଲି, ସାରଦା, ସାହାରା, ଅର୍ଥତତ୍ତ୍ୱ, ସିସୋର, କେଏମ୍‌ଜି ଲ୍ୟାଣ୍ଡ ଡେଭ୍‌ଲପର୍ସ ସମେତ ଶତାଧିକ କମ୍ପାନିର କ୍ଷତିଗ୍ରସ୍ତ ଜମାକାରୀ ସାମିଲ ହୋଇଥିଲେ। ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ମିଳିତ ମଞ୍ଚର ରାଜ୍ୟ ସଭାପତି ଜୟନ୍ତ ଦାଶ, ସାଧାରଣ ସଂପାଦକ ମଧୁସୂଦନ ବିଶ୍ୱାଳ, ରାଜ୍ୟ ଉପସଭାପତି ବିଭୁଦତ୍ତ ମିଶ୍ରଙ୍କ ନେତୃତ୍ୱରେ ହଜାର ହଜାର ଜମାକାରୀ କୋଶଳ କଳାମଣ୍ଡଳ ପଡ଼ିଆରୁ ଏକ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜମାକାରୀ ମିଳିତ ମଞ୍ଚ ପକ୍ଷରୁ ୨୦୧୨ରୁ ବିଭିନ୍ନ ତହସିଲ୍, ଜିଲ୍ଲା ସଦର ମହକୁମା ଏବଂ ରାଜ୍ୟ ରାଜଧାନୀରେ ଦାବି ଆନ୍ଦୋଳନ କରାଯାଉଥିଲେ ମଧ୍ୟ ସରକାର ଟଙ୍କା ଫେରସ୍ତର କେବଳ ପ୍ରତିଶ୍ରୁତି ଦେଇ ଫେରସ୍ତ କରୁନାହାନ୍ତି। ଲକ୍ଷ ଲକ୍ଷ ଜମାକାରୀ ସେମାନଙ୍କ ଜମାରାଶି ଫେରସ୍ତ ପାଇଁ ସରକାର ବସାଇଥିବା କମିସନଙ୍କ ନିକଟରେ ପ୍ରାୟ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ସତ୍ୟପାଠ ଦାଖଲ କରିଥିଲେ। କିନ୍ତୁ ସରକାର ସେହି କମିସନକୁ ବନ୍ଦ କରିବା ସହ ସତ୍ୟପାଠଗୁଡ଼ିକ ଯାଞ୍ଚ ନକରି ଦୀର୍ଘ ୩ ବର୍ଷ ହେବ ପକେଇ ରଖିଥିବାରୁ ସେଗୁଡ଼ିକ ନଷ୍ଟ ହୋଇଗଲାଣି। ଓପିଡା ଆଇନ ଓ ବଡସ୍ ଆଇନ ଭିତ୍ତିରେ ଜମାକାରୀମାନେ ତାଙ୍କ ଜମାରାଶିର ପ୍ରମାଣପତ୍ର ସହ ଜିଲ୍ଲାପାଳଙ୍କଠାରେ କ୍ଲେମ୍ ଆବେଦନ କରିପାରିବେ। ତେଣୁ ଜମାକାରୀମାନେ କ୍ଲେମ୍ ଆବେଦନ ଫର୍ମରେ ଜମାକାରୀ ପ୍ରମାଣପତ୍ରର ନକଲ ସହ ଜିଲ୍ଲାପାଳଙ୍କଠାରେ ଦାଖଲ କରିଥିବା ଜଣାପଡ଼ିଛି। ଏହି ସତ୍ୟାଗ୍ରହରେ ଅନୁରାଧା ସୁବୁଦ୍ଧି, ବିଜୟ ପାଢ଼ୀ, ଲଳିତ ଦୀପ, ସୁଧାଂଶୁ ବେହେରା, ପୃଥ୍ୱୀରାଜ ବାଗ, ମଦନମୋହନ ଡାଙ୍ଗ, ସୁରଥ ଧରୁଆ, ଯୋଗେନ୍ଦ୍ର ବୁଡ଼େକ, ବିପିନ୍ଦ୍ର ପୁଟେଲ୍, ଭାଗୀରଥି ସାହୁ, ସୁରେଶ ଗଡ଼ତିଆ, ରବିନାରାୟଣ ଭୋଇ, ସଂଜୀବ ପଣ୍ଡା ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଅଜିମ ଟ୍ୟୁଟୋରିଆଲ ପକ୍ଷରୁ ଅନ୍ତର୍ଜାତିକ ଉର୍ଦ୍ଦୁ ଦିବସ ପାଳିତ

## ବାଲେଶ୍ୱରରେ ରାଜ୍ୟ ଉର୍ଦ୍ଦୁ ଦିବସ ପାଳନ ପାଇଁ ଦାବିକଲେ ବକ୍ତା




ବାଲେଶ୍ୱର, ୧୦/୧୧ (ନି.ପ୍ର): ନଭେମ୍ବର ୯ତାରିଖ କୁ ସାରା ବିଶ୍ୱ ଅନ୍ତର୍ଜାତିକ ସ୍ତର ରେ 'ବିଶ୍ୱ ଉର୍ଦ୍ଦୁ ଦିବସ ଭାବେ ପାଳନ କରାଯାଇଛି। ଆଜିର ଦିନରେ ଅର୍ଥାତ ୧୮୭୭ମସିହା ଆଜିର ଦିନରେ ଅବିଭକ୍ତ ଭାରତର ସିଆଲ କୋଟରେ ଉର୍ଦ୍ଦୁ ଭାଷା ସାହିତ୍ୟର ଜନକ ଡକ୍ଟର ଆଲମା ଇକବାଲ ଜନ୍ମ ଗ୍ରହଣ କରିଥିଲେ। ଉର୍ଦ୍ଦୁ ସାହିତ୍ୟ ଭଣ୍ଡାର କୁ ତାଙ୍କର ଅବଦାନ ଅତୁଳନୀୟ ଥିଲା। ଡକ୍ଟର ଆଲମ ଇକବାଲ ଙ୍କ ସ୍ମରଣ ରେ ଆଜି ସନ୍ଧ୍ୟାରେ ଅଜିମ ଟ୍ୟୁଟୋରିଅଲ ଆନୁକୂଲ୍ୟରେ ରେ ସୁଏଲ ପୁର ଠାରେ ଏହି ଦିବସ କୁ ଅତ୍ୟନ୍ତ ମନୋରମ ପାରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ଅଜିମ ଟ୍ୟୁଟୋରିଅଲ ର ପ୍ରତିଷ୍ଠାତା କବି ଅଜିମ ବାଲେଶ୍ୱରୀ ଙ୍କ ପୌରହିତ୍ୟ ରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ହିମାଂଶୁ ଦାସ ଉର୍ଦ୍ଦୁ ସାହିତ୍ୟ ରସୃଷ୍ଟି ମୋଗଲ ସାମ୍ରାଜ୍ୟ ର ଶାସକ ମାନଙ୍କ ସମୟରେ କିଭଳି ହୋଇଥିଲା ସେ ସମ୍ପର୍କରେ ଉଲ୍ଲେଖ କରି ମିର୍ଜା ଗାଲିବ ଓ ଅନ୍ୟାନ୍ୟ ପ୍ରସିଦ୍ଧ ଉର୍ଦ୍ଦୁ କବି ଓ ସାହିତ୍ୟିକ ମାନଙ୍କ ରଚନା ଉପରେ ଉଲ୍ଲେଖ କରିଥିଲେ। ମୁଖ୍ୟ ବକ୍ତା ଭାବେ ସାମ୍ବାଦିକ ଶେଖ ହାଇଦର ଖାନ ଅଜିମ ଟ୍ୟୁଟୋରିଅଲ ର ପ୍ରତିଷ୍ଠାତା କବି ଅଜିମ ବାଲେଶ୍ୱରୀଙ୍କ ଏଭଳି ଏକ ଆୟୋଜନ କରିଥିବାରୁ ତାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା ସହ ଏହାର ସଫଳତା କାମନା କରିଥିଲେ। ତେବେ ଓଡିଶା ରାଜ୍ୟ ଉର୍ଦ୍ଦୁ ଏକାଡେମୀ ଆଜିର ମହତ୍ୱ ପୂର୍ଣ୍ଣ ଦିବସକୁ ବାଲେଶ୍ୱର ଭଳି ଉର୍ଦ୍ଦୁ ଭାଷା ବହୁଳ ଜିଲ୍ଲାରେ ପାଳନ କରିବା ଉଚିତ ଥିଲା ବୋଲି କ୍ଷୋଭ ପ୍ରକାଶ କରି ଥିଲେ। ଜିଲ୍ଲା ରେ ଲକ୍ଷାଧିକ ଲୋକ ଉର୍ଦ୍ଦୁ ଭାଷାଭାଷୀ କହୁ ଥିବା ଓ ଲେଖୁଥିବା ବେଳେ ଜିଲ୍ଲା ପ୍ରଶାସନ କିମ୍ବା ଓଡିଶା ରାଜ୍ୟ ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ବାଲେଶ୍ୱର ରେ ଏଭଳି ଦିବସ ପାଳନ କରିଥିଲେ ଉର୍ଦ୍ଦୁ ସାହିତ୍ୟ ର ପ୍ରଚାର ପ୍ରସାର ହୋଇପାରିଥାନ୍ତା ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ରେ ଅଧ୍ୟକ୍ଷତା କରି କବି ଅଜିମ ବାଲେଶ୍ୱରୀ କହି ଥିଲେ କି ଭାରତୀୟ ସଂସ୍କୃତି ଗଙ୍ଗା ଯମୁନା ର ସଂସ୍କୃତି ହୋଇଥିବା ବେଳେ ଏହି ମାଟିରେ ହିଁ ଉର୍ଦ୍ଦୁ ସାହିତ୍ୟ ର ପରିସ୍ଫୁଟନ ହୋଇଥିଲା। ଉର୍ଦ୍ଦୁ ସାହିତ୍ୟ କୁ ସମଗ୍ର ବିଶ୍ୱ ରେ ପ୍ରଚାର ଓ ପ୍ରସାର କରିବା କ୍ଷେତ୍ର ରେ ସ୍ୱର୍ଗତ ଡ଼ ଆଲମା ଇକବାଲଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଏହି କାର୍ଯ୍ୟକ୍ରମ ରେ ସମ୍ମାନିତ ଅତିଥି ଭାବେ ମୌଲାନା ସବିର ଯୁବ ସାମ୍ବାଦିକ ଶେଖ ନଜିମ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭ ରେ ଛାତ୍ର ଛାତ୍ରୀ ମାନେ 'ଇକବାଲ ଙ୍କ ରଚିତ 'ସାରେ ଜହାଁ। ସେ ଆଛା ସଂଗୀତ ଗାନ କରିଥିଲେ। ମେହେର ଅହେମ୍ମଦ କାର୍ଯ୍ୟକ୍ରମ କୁ ସଂଯୋଜନା କରି ଏହି ଦିବସ ପାଳନ ର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇ ଥିଲେ। ଛାତ୍ର ଛାତ୍ରୀ ମାନେ ଉର୍ଦ୍ଦୁ କବି ମାନଙ୍କ ସଂଗୀତ ଗାନ କରିବା ସହ ଗୀତ ମାଧ୍ୟମ ରେ ଏକାଙ୍କିକା ଅଭିନୟ ମାଧ୍ୟମ ରେ ପରିବେଷଣ କରିଥିଲେ। ଛାତ୍ରୀ ମହେକ ଏହମାଦ, ଫରହଦ ନାଜ଼ ଖୁସବୁ ଏହାମ୍ମଦ, ଫଲକ ଏହେମ୍ମଦ, ମାହେର ଅହମ୍ମଦ, ସାମିୟା ଅହେମ୍ମଦ, ମୈନୁଲ ହକ, ଗୁଲ ଅପସା କାଦ୍ରୀ, ଆସିଫ ରାଜା, ଫାରହଦ ଅହମ୍ମଦ, ତୌଶିଫ ଆଲମ,ସୋନବର କାଦ୍ରୀ ପ୍ରମୁଖ ଏହି କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିଲେ। ଶେଷ ରେ କବି ଅଜିମ ବାଲେଶ୍ୱରୀ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଏଟିଏମ୍‌ରେ ଟଙ୍କା ଭରିବାକୁ ...

କରି ଫେରୁଥିବା ବେଳେ ଏକ ନିଛାଟିଆ ସ୍ଥାନରେ ଗାଡ଼ି ଉପରକୁ ଏକ ପଥର ମାଡ଼ ହୋଇଥିଲା। ତେଣୁ ଡ୍ରାଇଭର ଗାଡ଼ିର ବେଗ କମାଇ ଦେଇଥିଲେ। ସେତେବେଳେ ଏକ ସ୍କୋର୍ପିଓ, ଗୋଟିଏ ବାଇକ ଓ ଗୋଟିଏ ସ୍କୁଟି ସେମାନଙ୍କ ବାଟ ଓଗାଳିଥିଲେ। ଏହି ସବୁ ଗାଡ଼ିରେ ଆସିଥିବା ୮ରୁ ଅଧିକ ଲୋକ ମୁହଁରେ କପଡ଼ା ବାନ୍ଧିଥିଲେ। ସେମାନଙ୍କ ହାତରେ ବନ୍ଧୁକ ଓ ଅନ୍ୟାନ୍ୟ ମାରଣାସ୍ତ୍ର ଥିଲା। ସିକ୍ୟୋର ଭାଲ୍ୟୁ ସଂସ୍ଥାର ଗାଡ଼ି ଅଟକି ଯିବା ପରେ ଦୁର୍ବୃତ୍ତମାନେ ଗାଡ଼ିରୁ ଓହ୍ଲାଇ ଆସି କେହି କିଛି ବୁଝିବା ପୂର୍ବରୁ ସମସ୍ତଙ୍କ ମୁଣ୍ଡରେ ବନ୍ଧୁକ ରଖି ଦେଇଥିଲେ। ଗାଡ଼ିରେ ଥିବା ସୁରକ୍ଷାକର୍ମଚାରୀଙ୍କ ଠାରୁ ବନ୍ଧୁକ ଛଡ଼ାଇ ନେଇଥିଲେ। ସମସ୍ତଙ୍କ ଠାରୁ ମୋବାଇଲ ଛଡ଼ାଇ ନେବା ସହ ଗାଡ଼ି ଠାରୁ ଦୂରରେ ଛିଡ଼ା ହେବାକୁ କହିଥିଲେ ଓ ଗାଡ଼ିରେ ଥିବା ଟଙ୍କା ଭର୍ତ୍ତି ଟ୍ରଙ୍କ ନେଇ ଫେରାର ହୋଇଯାଇଥିଲେ। ସିକ୍ୟୋର ଭାଲ୍ୟୁର ଲୋଡର ବୟ ସଞ୍ଜୟ ସ୍ୱାଇଁ କହିଛନ୍ତି, ସବୁ ଦିନ ଭଳି ଆଜି ମଧ୍ୟ ଏସ୍‌ବିଆଇରୁ ଟଙ୍କା ଉଠାଇଥିଲୁ। ମାଧପୁର ଏଟିଏମ୍, ଆଠଗଡ଼ରେ ଦୁଇଟି ଏଟିଏମ୍ ଓ ଗୋଡ଼ିଝରିଆରେ ଗୋଟିଏ ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରିଥିଲୁ। ଗୋଡ଼ିଝରିଆରେ ଟଙ୍କା ଭର୍ତ୍ତି କରି ଅନ୍ୟ ଏଟିଏମ୍‌କୁ ଯାଉଥିବା ବେଳେ ଦୁର୍ବୃତ୍ତମାନେ ଟଙ୍କା ଭର୍ତ୍ତି ଟ୍ରଙ୍କ ନେଇ ଯାଇଥିଲେ। ଦୁର୍ବୃତ୍ତମାନେ ଓଡ଼ିଆରେ କଥା ହେଉଥିଲେ। ସେମାନେ ଆମକୁ ଗାଳିଗୁଲଜ କରିଥିଲେ। ଆହୁରି ୯ଟା ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରିବାର ଥିଲା। ଟ୍ରଙ୍କରେ ଦେଢ଼ କୋଟିରୁ ଅଧିକ ଟଙ୍କା ଥିଲା। ଏହି ଘଟଣା ପରେ ତିଗିରିଆ ଓ ଆଠଗଡ଼ ପୁଲିସ୍ ପକ୍ଷରୁ ତନାଘନା ଜାରି ରହିଛି। ଆଠଗଡ଼ରେ ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରାଯାଇଛି। ଏହା ସହିତ ଟଙ୍କା ନେଇ ଯାଉଥିବା ସମସ୍ତ କର୍ମଚାରୀଙ୍କୁ ପୁଲିସ ପକ୍ଷରୁ ପଚରାଉଚରା କରାଯାଉଛି। ଅନେକ ସମୟରେ ଦେଖାଯାଇଛି, ଏଭଳି ଲୁଟ୍‌ରେ ସାଧାରଣତଃ ଟଙ୍କା ଭର୍ତ୍ତି କରିବାକୁ ଯାଉଥିବା କର୍ମଚାରୀମାନଙ୍କର ହାତ ଥାଏ। ଏହି କ୍ଷେତ୍ରରେ ସେଭଳି କିଛି ଘଟିଛି ନା ନାହିଁ, ସେ ଦିଗରେ ବି ପୁଲିସ୍ ତଦନ୍ତ କରୁଛି। କଟକ ଗ୍ରାମାଞ୍ଚଳ ଏସ୍‌ପି ମିହିର ପଣ୍ଡା କହିଛନ୍ତି, ଆମେ ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରିଛୁ। ପଡ଼ୋଶୀ ଜିଲ୍ଲାଗୁଡ଼ିକ ସହିତ ଯୋଗାଯୋଗରେ ଅଛୁ। ଘଟଣାର ତଦନ୍ତ କରିବା ପାଇଁ ଓ ଲୁଟେରାମାନଙ୍କୁ ଧରିବା ପାଇଁ ୩ଟି ଟିମ୍ ଗଠନ କରାଯାଇଛି। ବିଭିନ୍ନ ଦିଗକୁ ନେଇ ଏହି ଘଟଣାର ତଦନ୍ତ ଚାଲିଛି।

## ଆସନ୍ତା ସପ୍ତାହରେ ...

ସେହିଭଳି ଏବେ ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତ ଅନୁଭୂତ ହେଉଥିବା ବେଳେ ଗତକାଲି ରାତିରେ କନ୍ଧମାଳ ଜିଲ୍ଲା ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୧୦.୫ ଡିଗ୍ରୀ ରହିଥିଲା। କୋରାପୁଟର ସେମିଳିଗୁଡ଼ାରେ ୧୧.୧ ଡିଗ୍ରୀ, କୋରାପୁଟରେ ୧୧.୬, କେନ୍ଦୁଝରରେ ୧୨.୮, ଫୁଲବାଣୀରେ ୧୩, ଦାରିଙ୍ଗବାଡ଼ିରେ ୧୩, କିରେଇରେ ୧୩.୭, ଭବାନୀପାଟଣାରେ ୧୫ ଓ ନବରଙ୍ଗପୁରରେ ୧୫ ଡିଗ୍ରୀ ରେକର୍ଡ କରାଯାଇଥିଲା।

## ଦିବଂଗତ ସାମ୍ବାଦିକ ....

ବିଭିନ୍ନ ସାମାଜିକ, ସାଂସ୍କୃତିକ କାର୍ଯ୍ୟରେ ତାଙ୍କର ସକ୍ରିୟ ଅଂଶଗ୍ରହଣ କରିଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। କେବଳ ସାମ୍ବାଦିକତା ନୁହେଁ ବରଂ ବାଲେଶ୍ୱରର ଏକାଧିକ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହ ସମ୍ପୃକ୍ତି ତାଙ୍କୁ ଅଧିକ ଲୋକପ୍ରିୟ କରିଥିଲା। ତାଙ୍କର ଅବର୍ତ୍ତମାନ ବାଲେଶ୍ୱରର କେବଳ ସାମ୍ବାଦିକତା ନୁହେଁ, ବରଂ ଆନୁଷ୍ଠାନିକ କ୍ଷେତ୍ରରେ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ସମସ୍ତେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ରତିକାନ୍ତ ପାତ୍ର, ଲାଭା ପାଣ୍ଡେ, ରଶ୍ମିରଂଜନ ଦାସ, ଅପର୍ଣ୍ଣା ମହାପାତ୍ର, ଶୁଭେନ୍ଦୁ ଦାସ, ହିମାଂଶୁ ଦାସ, ଅମୀୟ ରଂଜନ ମହାନ୍ତି, ଶଶିରଂଜନ ମଲ୍ଲିକ୍, ସପନ ବିଶ୍ୱାଳ, ଉବାଚକ ମହାନ୍ତି, ମିତ୍ରବନ୍ଧୁ ପଲେଇ ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ସମ୍ପର୍କରେ କଥା ରଖିଥିଲେ। ପ୍ରାରମ୍ଭରେ ତାଙ୍କ ନିରବ ପ୍ରାର୍ଥନା ସହ ଦିବଂଗତ ଆତ୍ମା ପ୍ରତି ସମସ୍ତେ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ସାମ୍ବାଦିକ ମାନସ ବିଶ୍ୱାଳଙ୍କ ଆବାହକତ୍ୱରେ ଆୟୋଜିତ ଏହି ଶୋକସଭାରେ ବ୍ରହ୍ମାନନ୍ଦ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବହୁ ସାମ୍ବାଦିକ ଉପସ୍ଥିତ ଥିଲେ।


## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଟେଣ୍ଡର ନୋଟିସ୍ ନଂ: ଇ-ଟେଣ୍ଡର / ୨୦୨୩/୪୮, ତାରିଖ: ୦୯.୧୧.୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଏବଂ ବିଭାଗୀୟ ରେଲୱେ ମ୍ୟାନେଜର (ଇଂ। ଆଇଟମଗୁଡିକ ବିରୁଦ୍ଧରେ ଉଲ୍ଲେଖ କରାଯାଇଥିବା ତାରିଖ ଏବଂ **୧୫.୩୦** ଘଣ୍ଟାରେ ଖୋଲାଯିବ । **Sl.No.-1 ଟେଣ୍ଡର ନଂ: ଇ-କେଜିପି-ଦକ୍ଷିଣ - ୪୧-୨୦୨୩ । କାର୍ଯ୍ୟର ବର୍ଣ୍ଣନା:** ବେନାପୁର-ବାହାନାଗାବଜାର: ୩ ନଂ ନିର୍ମାଣ ADEN (ଦକ୍ଷିଣ) / କେଜିପି ଅଧୀନରେ ମାନବ ଏଲସି ନମ୍ବର ୧୮, ୧୯ ଏବଂ ୩୭ ବଦଳରେ RUB (ରୋଡ୍ ଅଣ୍ଡର ବ୍ରିଜ୍) । **ଟେଣ୍ଡର ମୂଲ୍ୟ:** ୧୯,୦୨,୩୨,୮୯୯.୫୦ **ଅମାନତ ଟଙ୍କା:** ୧୧,୦୧,୨୦୦ **କାର୍ଯ୍ୟର ସମାପ୍ତି ସମୟ:** ୧୨ (ବାର) ମାସ । **Sl.No.-2 ଟେଣ୍ଡର ନଂ: ଇ-କେଜିପି-ଦକ୍ଷିଣ -୪୨-୨୦୨୩। କାର୍ଯ୍ୟର ବର୍ଣ୍ଣନା:** ବାହାନଗାବଜାର-ରାଣିତାଲ: ୨ ନଂ ନିର୍ମାଣ । ADEN / BLS ଅଧୀନରେ ଥିବା ମାନବ LC ନମ୍ବର ୧୦୧ ଏବଂ ୧୦୪ ବଦଳରେ RUB (ରୋଡ୍ ଅଣ୍ଡର ବ୍ରିଜ୍) । **ଟେଣ୍ଡର ମୂଲ୍ୟ:** ୧୩,୮୮,୩୩, ୩୬୪.୨୩ **ଅମାନତ ଟଙ୍କା:** ୮,୪୪,୨୦୦ **କାର୍ଯ୍ୟର ସମାପ୍ତି ସମୟ:** ୧୨ (ବାର) ମାସ । **Sl.No.-3 ଟେଣ୍ଡର ନଂ: ଇ-କେଜିପି-ଦକ୍ଷିଣ -୪୩-୨୦୨୩ ।** କାର୍ଯ୍ୟର ବର୍ଣ୍ଣନା: ଖଡ଼ଗପୁର ଡିଭିଜନ୍ (୫୦,୧୨୫ କମ) ପାଇଁ ବାରହାୱା / ରାଜଗ୍ରାମ ଡିପୋରେ ୫୦ ମିଲିମିଟର ଗେଜ୍ ହାର୍ଡ ଷ୍ଟୋନ୍ ମେସିନ୍ ଚୂର୍ଣ୍ଣ ବାଲାଷ୍ଟ ଯୋଗାଇବା ଏବଂ ରେଲୱାଇର ୱାଗନ୍ / ହପରରେ ସମାନ ଲୋଡ୍ କରିବା । **ରୋଜଗାରର ଅର୍ଥ:** ୪,୫୧,୮୦୦ **କାର୍ଯ୍ୟର ସମାପ୍ତି ସମୟ:** ୦୬ (ଛଅ) ମାସ । **Sl.No.-୪ ଟେଣ୍ଡର ନଂ: E-KGP-WEST-32- 2023. କାର୍ଯ୍ୟର ବର୍ଣ୍ଣନା:** (i) ସଂପୂର୍ଣ୍ଣ ଟ୍ରାକ ନବୀକରଣ (ପ୍ରାଥମିକ) -22.852 Tr.Km ପାଇଁ କାର୍ଯ୍ୟଗୁଡ଼ିକର କାର୍ଯ୍ୟକାରିତା । ଖଡ଼ଗପୁର- ଟାଟାନଗର ବିଭାଗରେ ଏବଂ (ii) SEJ- 55 ନମ୍ବରର ନବୀକରଣ । DEN / West / KGP ଅଧୀନରେ ବାଲିଚାକ୍-ଟାଟାନଗର ବିଭାଗରେ (୬୦ କେଜି) । **ଟେଣ୍ଡର ମୂଲ୍ୟ: ୪,୮୭,୨୬,୨୦୪.୩୧** ଅମାନତ **ଅର୍ଥ:** ୩,୯୩,୬୦୦ **କାର୍ଯ୍ୟର ସମାପ୍ତି ସମୟ:** ୧୨ (ବାର) ମାସ । **Sl.No.-5 ଟେଣ୍ଡର ନଂ: E-KGP-EAST-45-2023 । କାର୍ଯ୍ୟର ବର୍ଣ୍ଣନା:** ନାଲପୁରର କାର୍ଯ୍ୟର କାର୍ଯ୍ୟକାରିତା: HWH ଶେଷରେ ଓଭର ରନ୍ ଲାଇନ୍ ସହିତ ଅତିରିକ୍ତ ଡାଉନ୍ ଲୁପ୍ ପ୍ରଦାନ ଏବଂ Sr.DEN / East / KGP ଅଧୀନରେ ଉଭୟ ମୁଣ୍ଡରେ କ୍ରସଓଭର । **ଟେଣ୍ଡର ମୂଲ୍ୟ:** ୩,୮୧,୮୩,୮୭୭.୯୪ **ଅମାନତ ଅର୍ଥ:** ୩,୪୦,୯୦୦ **କାର୍ଯ୍ୟର ସମାପ୍ତି ସମୟ:** ୧୦ (ଦଶ) ମାସ । **ଟେଣ୍ଡର ଦଲିଲଗୁଡ଼ିକର ମୂଲ୍ୟ:** ୦ (Sl.No. ୧ ରୁ ୫ ପାଇଁ) । **ଖୋଲିବାର ତାରିଖ:** ୨୮.୧୧.୨୦୨୩ (ସ୍ଲୋ। ୧ ରୁ ୩ ପାଇଁ) ଏବଂ ୩୦.୧୧.୨୦୨୩ (Sl.No. ୪ ଏବଂ ୫ ପାଇଁ) । **ବିଡିଂ ଆରମ୍ଭ ତାରିଖ:** ୧୪.୧୧.୨୦୨୩ ରୁ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ୨୮.୧୧.୨୦୨୩ ରେ (Sl.No. ୧ ରୁ ୩ ପାଇଁ) ଏବଂ ୧୬.୧୧.୨୦୨୩ ରୁ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ୩୦.୧୧.୨୦୨୩ ରେ (Sl.No. 4 & 5 ପାଇଁ) ଆଗ୍ରହୀ ଟେଣ୍ଡରଗୁଡିକ ଟେଣ୍ଡରଗୁଡିକର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟତା ପାଇଁ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟଗୁଡ଼ିକ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **N.B:** ସମସ୍ତ ଟେଣ୍ଡରରେ ଭାଗ ନେବାକୁ ଆଶାକର୍ମୀମାନେ ନିୟମିତ ଭାବରେ **www.ireps.gov.in** ପରିଦର୍ଶନ କରିପାରିବେ।

(PR-799)


# ଜଳସମ୍ପଦ ବିଭାଗ ଆଇଟିଆଇ ଛକରେ ଜୁଡିସିଆଲ ହବ ନିର୍ମାଣାର୍ଥେ ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧନା




ବାଲେଶ୍ୱର, ୧୦/୧୧ (ନି.ପ୍ର): ବାଲେଶ୍ୱର ସହରର ଆଇଟିଆଇ ଛକ ନିକଟସ୍ଥ ଜଳସମ୍ପଦ ବିଭାଗ ପରିସରରେ ଥିବା ସରକାରୀ ଜମିରେ ପ୍ରସ୍ତାବିତ ଜୁଡିସିଆଲ ହବ ନିର୍ମାଣ ହେବ ବୋଲି ଜିଲ୍ଲାପାଳଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଗତ ୦୭.୧୧.୨୦୨୩ ରିଖରେ ଜିଲ୍ଲାପାଳ ଘୋଷଣା କରିବା ପରେ ସମଗ୍ର ଜିଲ୍ଲାବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଏହି ବୈଠକରେ ଜୁଡିସିଆଲ ହବ୍ କ୍ରିୟାନୁଷ୍ଠାନ କମିଟି, ବାଲେଶ୍ୱରର ସଂଗଠନର ସଦସ୍ୟଙ୍କ ସମର୍ଥନରେ ଏହା ପାରିତ ହୋଇ ଆବଶ୍ୟକୀୟ ପ୍ରଶାସନିକ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ । ଏଥିସହ ବିଦ୍ୟାଧରପୁରରେ ହବ ନିର୍ମାଣ ବାତିଲ ହେଲା ବୋଲି ମଧ ପ୍ରକାଶ କରିଥିଲେ । ଜନସାଧାରଣ ତଥା ଜିଲ୍ଲାବାସୀଙ୍କ ସୁବିଧା କଥାକୁ ପ୍ରାଧାନ୍ୟ ଦେଇ ଜିଲ୍ଲାପାଳ ଏକ ଐତିହାସିକ ନିଷ୍ପତ୍ତି ନେଇ ତାହା ଗତ ସଭାରେ ଘୋଷଣା କରିଥିବାରୁ ଜିଲ୍ଲାବାସୀଙ୍କ ତରଫରୁ ଜୁଡିସିଆଲ ହବ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫୁଲତୋଡ଼ା ଦେଇ ସଂବର୍ଦ୍ଧନା ଦେବା ସହ ସାଧୁବାଦ ଜ୍ଞାପନ କରାଯାଇଛି । ଏଠାରେ ପ୍ରକାଶ ଥାଉକି ଉକ୍ତ ଗୁରୁତ୍ୱପୂର୍ଣ୍ଣ ବୈଠକରେ କ୍ରିୟାନୁଷ୍ଠାନ କମିଟିର ସଭାପତି ଗୌରୀ କୁମାର ରାଉତଙ୍କ ପ୍ରସ୍ତାବ ମୂଳେ ଆଇଟିଆଇ ପାଖ ଜଳସମ୍ପଦ ବିଭାଗ ପରିସରରେ ଏହି ହବ ନିର୍ମାଣ ହେବ ବୋଲି ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ହେଲା ବୋଲି ଜିଲ୍ଲାପାଳ ଘୋଷଣା କରିଥବଲେ । ଏହି ପରିପ୍ରେକ୍ଷୀରେ କମିଟି ନିଜର ଖୁସି ବ୍ୟକ୍ତ କରି ପୁଷ୍ପତୋଡ଼ା ପ୍ରଦାନ କରିବା ସହ ହବ୍‌ର ସଭାପତି ଶ୍ରୀ ରାଉତଙ୍କ ସମେତ ଉପସଭାପତି ଉପେନ୍ଦ୍ର ପାତ୍ର, ମାନସ ରଥ, ସୂର୍ଯ୍ୟକାନ୍ତ କର, ରବିନ ମୋହନ ଜେନା, କାଳୀପଦ ପଣ୍ଡା, ଜିତେନ୍ଦ୍ର ଉପାଧ୍ୟୟ, ପ୍ରଭାତ ଦାସ, ଅର୍ଣ୍ଣପୂର୍ଣ୍ଣା ରାଉତ, ହୃଦାନନ୍ଦ ବାରିକ, ସୁବାସ ସାମନ୍ତ, ରାଧାବଲ୍ଲଭ ଦାସ, ନାରାୟଣ ସାହୁ, ମାନ ଗୋବିନ୍ଦ ସେଠୀ, ରଞ୍ଜିତ ମହାପାତ୍ର, ରବିନ୍ଦ୍ର ସେଠୀ, ଆଶ୍ରିତା ତରେଇ, ମହମ୍ମଦ ଇସଲାମ, ସୋନାଲି ସାହା, ମୀନତି ସେଠୀ, ଅଚିନ୍ତ୍ୟାନନ୍ଦ ଦାସ, ଆଲୋକ ପଣ୍ଡା, ତୁଷାର କାନ୍ତି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଦେଶବାସୀଙ୍କୁ ଧନତେରାସର ଶୁଭେଚ୍ଛା ଜଣାଇଲେ ରାଜ୍ୟପାଳ

ଭୁବନେଶ୍ୱର, ୧୦/୧୧ (ନି.ପ୍ର): ଦେଶବାସୀଙ୍କୁ ଧନତେରାସର ଶୁଭେଚ୍ଛା ଜଣାଇଲେ ରାଜ୍ୟପାଳ । ସୋସିଆଲ ମିଡିଆ ଏକ୍ସରେ ରାଜ୍ୟପାଳ ରଘୁବର ଦାସ କହିଛନ୍ତି ଯେ, ଧନ, ଐଶ୍ୱର୍ଯ୍ୟ, ସୌଭାଗ୍ୟ ଓ ଆରୋଗ୍ୟର ମହାପର୍ବ ଧନତେରାସର ହାର୍ଦ୍ଦିକ ଶୁଭକାମନା ଜଣାଉଛି । ମାଆ ମହାଲକ୍ଷ୍ମୀ ଧନ-ଧାନ୍ୟ, ବୈଭବରେ ସମସ୍ତଙ୍କ ଘର-ସଂସାରକୁ ସମୃଦ୍ଧ କରନ୍ତୁ ଏବଂ ଭଗବାନ ଧନ୍ୱନ୍ତରୀ ସମସ୍ତଙ୍କୁ ସ୍ୱାସ୍ଥ୍ୟ ଧନ ପ୍ରଦାନ କରନ୍ତୁ, ଏହାହିଁ କାମନା କରୁଛି । ସ୍ଥାନୀୟ ଦୋକାନୀଙ୍କ ଠାରୁ ସାମଗ୍ରୀ କିଣି ସେମାନଙ୍କ ଦୀପାଳିକୁ ଆଲୋକିତ କରନ୍ତୁ ବୋଲି ରାଜ୍ୟପାଳ କହିଛନ୍ତି ।

# ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆର ୧୦୫ତମ ପ୍ରତିଷ୍ଠା ଦିବସ ପାଳନ ସହ ନୀଳଗିରରେ ନୂତନ ବ୍ୟାଙ୍କ ପ୍ରତିଷ୍ଠା

ନୀଳଗିରି, ୧୦/୧୧ (ନି.ପ୍ର): ୧୯୧୯ ମସିହା ନଭେମ୍ବର ୧୧ତାରିଖରେ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ କରକମଳରେ ଉଦ୍ଘାଟିତ ହୋଇଥିଲା ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ। ୧୦୫ବର୍ଷରେ ପଦାର୍ପଣ କରିଥିବା ବ୍ୟାଙ୍କ ଶୁକ୍ରବାର ନୀଳଗିରି ଠାରେ ନୂତନ ଭାବେ ଉଦ୍ଘାଟିତ ହୋଇଯାଇଛି। ତେବେ ୧୧ତାରିଖ ଶନିବାର ସରକାରୀ ଛୁଟି ଥିବାରୁ ୧୦ତାରିଖ ପ୍ରତିଷ୍ଠା ଦିବସ ଉପଲକ୍ଷେ ନୂତନ ବ୍ୟାଙ୍କ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି। ଶାଖା ପରିଚାଳକ ପ୍ରଦୀପ କୁମାର ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ କେକ୍ କାଟି ଉପଭୋଗ କରିଥିଲେ। ନୀଳଗିରି ଠାରେ ନୂତନ ଭାବେ ପ୍ରତିଷ୍ଠିତ ହୋଇଥିବା ଏହି ବ୍ୟାଙ୍କ ସାଧାରଣ ଚାଷୀ, ଶ୍ରମିକ, ବ୍ୟବସାୟୀ ଏବଂ ସରକାରୀ କର୍ମଚାରୀଙ୍କୁ ଉତ୍ତମ ସେବା ଯୋଗାଇଦେବ ବୋଲି ଶାଖା ପରିଚାଳକ ଦୃଢ଼ ଆଶାବ୍ୟକ୍ତ କରିଛନ୍ତି। ଏହି ଉତ୍ସବରେ ବାଉଁଶବଣିଆ ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ମାୟାଧର ବହଳ ଯୋଗଦାନ କରିଥିବା ବେଳେ ୟୁନିୟନ ବ୍ୟାଙ୍କର ଅନ୍ୟାନ୍ୟ କର୍ମଚାରୀ, ସ୍ଥାନୀୟ ବ୍ୟବସାୟୀ, ସାଧାରଣ ଚାଷୀ ଗ୍ରାହକ ଉପସ୍ଥିତ ଥିବା ଦେଖାଯାଇଥିଲା।

# ବସ୍ତା ନିର୍ବାଚନ ମଣ୍ଡଳୀର ବିଜେଡି ଜୋନ୍‌ସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦଯାପିତ



ବାଲିଆପାଳ, ୧୦/୧୧ (ନି.ପ୍ର): ବିଜୁ ଜନତା ଦଳ ପକ୍ଷରୁ ବସ୍ତା ନିର୍ବାଚନ ମଣ୍ଡଳୀର ବାଲିଆପାଳ ଠାରେ ଗତ ବୁଧବାର ଠାରୁ ତିନି ଦିନ ଧରି ଆରମ୍ଭ ହୋଇଥିବା ପ୍ରଶିକ୍ଷଣ ଶିବିର ଶୁକ୍ରବାର ଦିନ ଉଦଯାପିତ ହୋଇଯାଇଛି । ବିଜୁ ରାଜ୍ୟ ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନାଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବର ର ଅନ୍ତିମ ଦିବସରେ ମାନ୍ୟବର ମନ୍ତ୍ରୀ ତଥା ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପ କେଶରୀ ଦେବ ଯୋଗଦେଇ ସାମାଜିକ ଗଣମାଧ୍ୟମକୁ ପ୍ରମୁଖ ଅସ୍ତ୍ର ଭାବରେ ବ୍ୟବହାର କରିବା ପାଇଁ ଉପସ୍ଥିତ ସକ୍ରିୟ ସଦସ୍ୟ ସଦସ୍ୟା ମାନଙ୍କୁ ପରାମର୍ଶ ଦେଇଥିଲେ । ମାନ୍ୟବର ମନ୍ତ୍ରୀ ତଥା ଜିଲ୍ଲା ସଭାପତି ଅଶ୍ୱିନୀ ପାତ୍ର ଏହି ଶିବିର ରେ ଯୋଗଦେଇ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ସକ୍ରିୟ କର୍ମୀ ମାନଙ୍କର ଭୂମିକା ବିଷୟରେ ଆଲୋଚନା କରିଥିଲେ । ସେହିପରି ପୂର୍ବତନ ସାଂସଦ ତଥା ଖୋର୍ଦ୍ଧା ଜିଲ୍ଲା ବିଜେଡ଼ି ପର୍ଯ୍ୟବେକ୍ଷକ ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଏହି ପ୍ରଶିକ୍ଷଣ ଶିବିରରୁ ଶିକ୍ଷାଲାଭ କରିଥିବା ଉପାଦେୟ ତଥ୍ୟକୁ ତୃଣମୂଳ ସ୍ତରରେ ବ୍ୟବହାର କରି ସଙ୍ଗଠନ ଆହୁରି ମଜଭୁତ କରିବା ପାଇଁ ଆହ୍ୱାନ କରିଥିଲେ । ବସ୍ତା ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ବିଜୁ ଜନତା ଦଳ କିପରି ପ୍ରତିଶୃତିବଦ୍ଧ ତାହା ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ଉପସ୍ଥିତ ସକ୍ରିୟ କର୍ମୀବୃନ୍ଦ ମାନଙ୍କୁ ଜଣାଇ, ଦଳୀୟ ସଙ୍ଗଠନକୁ ଆହୁରି ସୁଦୃଢ଼ କରି ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ପୁଣିଥରେ ମୁଖ୍ୟମନ୍ତ୍ରୀ କରିବା ପାଇଁ ଶପଥ କରାଇଥିଲେ। ତିନିଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ପ୍ରଶିକ୍ଷଣ ଶିବିରରେ ବସ୍ତା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ବସ୍ତା ଏବଂ ବାଲିଆପାଳ ବ୍ଲକ୍ ୪୫ ଗୋଟି ପଞ୍ଚାୟତର ସମସ୍ତ ୱାର୍ଡ଼ର ସକ୍ରିୟ ସଦସ୍ୟ ସଦସ୍ୟାମାନଙ୍କୁ ଶଙ୍ଖ ଭବନରୁ ଆସିଥିବା ପ୍ରଶିକ୍ଷିକା ମହୀକ୍ଷିତା ମିଶ୍ର ଓ ସୁପ୍ରୀତି ଶର୍ମା ପ୍ରଶିକ୍ଷିତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ବସ୍ତା ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ରଞ୍ଜିତ ମହାପାତ୍ର, ଜିଲ୍ଲା ଯୁବ ବିଜେଡ଼ି ସଭାପତି ତାପସ ପରିଡ଼ା, ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ସିମନ ଦାସ ମହାପାତ୍ର, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲ, ଜିଲ୍ଲା ଉପସଭାପତି ଲକ୍ଷ୍ମୀଧର ଦାସ, ସୁବ୍ରତ ପଣ୍ଡା, ବାଲିଆପାଳ ବ୍ଲକ ବିଜେଡ଼ି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ବସ୍ତା ବ୍ଲକ ବିଜେଡ଼ି ସଭାପତି ଅନୀଲ ମହାନ୍ତି, ବସ୍ତା ବ୍ଲକ ଅଧ୍ୟକ୍ଷା ଅଞ୍ଜଳୀ ଦାସ, ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ପଞ୍ଚାୟତ ସଭାପତି , ଯୁବ, ଛାତ୍ର ଓ ମହିଳା ବିଜେଡ଼ିର କାର୍ଯ୍ୟକର୍ତ୍ତା ଏବଂ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଆଇନ ସେବା ଦିବସ ପାଳିତ




ଭଦ୍ରକ , ୧୦/୧୧ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ପକ୍ଷରୁ କାଦବରାଙ୍ଗ ପଂଚାୟତ ଅନ୍ତର୍ଗତ ଜୀବିକା ତାଲିମ୍ କେନ୍ଦ୍ର ଠାରେ ଜାତୀୟ ଆଇନ୍ ସେବା ଦିବସ ପାଳିତ ହୋଇଯାଇଅଛି। ପ୍ରତ୍ୟେଙ୍କୁ ମାଗଣା ଆଇନସେବା ସହାୟତା ମିଳିପାରିବ ବୋଲି ଏହି ଦିବସ ମାଧ୍ୟମରେ ବିଶେଷତଃ ଦଳିତ, ମହିଳା, ଭିନ୍ନକ୍ଷମ ଓ ସଂଖ୍ୟାଲଘୁ ସଂପ୍ରଦାୟ ପରି ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ପାଖରେ ଆଇନ୍ ସଚେତନତା ସୃଷ୍ଟି କରାଯାଇଥାଏ। ୧୯୮୭ ମସିହା ନଭେମ୍ବର ୯ ତାରିଖରେ ଆଇନ୍ ସେବା ପ୍ରାଧିକରଣ ଆଇନ୍ ଗୃହିତ ହୋଇଥିଲା। ଏହି ସଚେତନତା ଶିବିରକୁ ନେହା ଅଗ୍ରୱାଲ, ସଚିବ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଭଦ୍ରକ ପରିଚ୍ଚଳନା କରିଥିଲେ ଏବଂ ଏହି କାର୍ଯ୍ୟକ୍ରମରେ ପ୍ରଥମେ ଶତାଧିକ ମହିଳା ମାନଙ୍କୁ ନେଇ ଏକ ଶୋଭାଯାତ୍ରା ଅନୁଷ୍ଠିତ କରାଯାଇ ସେମାନଙ୍କ ମଧ୍ୟରେ ଆଇନ୍ ସେବା ଦିବସର ମହତ୍ତ୍ୱକୁ ଉଜ୍ଜୀବିତ କରାଯାଇଥିଲା ଏବଂ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଏହି ସଚେତନତା ଶିବିରରେ ଗୋପାଳ ଚନ୍ଦ୍ର ଦାସ, ପି.ଏଲ.ଏ. (ପିୟୁସ) ସଦସ୍ୟ, ଡଃ. ତାପସ କୁମାର ମହାନ୍ତି, ରାଜିବ୍ କୁମାର ବାରିକ୍, ଦୀପକ୍ କୁମାର ସାହୁ ପ୍ୟାନେଲ୍ ଓକିଲ ପ୍ରମୁଖ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ ବୁଝାଇଥିଲେ ଏବଂ କମଳା ମିଶ୍ର, ପି.ଏଲ.ଭି. ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ମହିଳା ମାନଙ୍କ ପାଇଁ ଥିବା ଆଇନ୍ ତଥା ମାଗଣା ଆଇନ୍ ସେବା ସମ୍ପର୍କରେ ଅବଗତ କରାଯାଇଥିଲେ।

## ୧୨ଘଣ୍ଟିଆ କନ୍ଧମାଳ ବନ୍ଦ

ଭୁବନେଶ୍ୱର, ୧୦/୧୧ (ନି.ପ୍ର): କନ୍ଧମାଳରେ ୧୨ଘଣ୍ଟିଆ ବନ୍ଦ ପାଳନ କରାଯାଇଛି । ସମ୍ବଲପୁର ଭାୟା ଫୁଲବାଣୀ ରେଳ ପ୍ରକଳ୍ପରୁ ଫୁଲବାଣୀକୁ ବାଦ୍ ଦେବା ପ୍ରତିବାଦରେ କନ୍ଧମାଳ ବିକାଶ ପରିଷଦ ପକ୍ଷରୁ ୧୨ଘଣ୍ଟିଆ କନ୍ଧମାଳ ଜିଲ୍ଲା ବନ୍ଦ ଡାକରା ଦିଆଯାଇଛି । ରାଜ୍ୟ ସରକାରଙ୍କ ଅଧିନରେ ଥିବା ଓରିଡିଲର ସର୍ଭେରେ ୨୦୨୨ ମସିହାରେ ଗୋପାଳପୁର - ସମ୍ବଲପୁର ରେଳ ପ୍ରକଳ୍ପରେ ସ୍ଥାନ ପାଇଥିଲା ଫୁଲବାଣୀ । କିନ୍ତୁ ୨୦୨୩ ମସିହାରେ ଓରିଡିଲ ସର୍ଭେରୁ ବାଦ ପଡ଼ିଛି ଫୁଲବାଣୀ । ସେଥିପାଇଁ କନ୍ଧମାଳ ବିକାଶ ପରିଷଦ ପକ୍ଷରୁ ବନ୍ଦ ଡାକରା ଦିଆଯାଇଛି ।

# ଦୌଡ଼କୁଦ ପ୍ରତିଯୋଗିତାରେ ମୟୂରଭଞ୍ଜରୁ ୨୫ପ୍ରତିଯୋଗୀ



ବାରିପଦା , ୧୦/୧୧ (ନି.ପ୍ର): ଓଡିଶା ରାଜ୍ୟସ୍ତରୀୟ ୧୪ ଓ ୧୭ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ବର୍ଗର ଦୌଡ଼କୁଦ ପ୍ରତିଯୋଗିତା ସୁନ୍ଦରଗଡ଼ ଜିଲ୍ଲାରେ ଚାଲୁଥିବା ଏହି ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାରୁ ୨୫ଜଣ ପ୍ରତିଯୋଗୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଜେନେରାଲ ଟିମ ମ୍ୟାନେଜର ପିଇଟି ସନ୍ତୋଷ କୁମାର ମହାନ୍ତ, ବାଳକ ଟିମ ମ୍ୟାନେଜର ପିଇଟି ହରେକୃଷ୍ଣ ସେଠୀ ଓ ବାଳିକା ଟିମ ମ୍ୟାନେଜର ପିଇଟି ଶକୁନ୍ତଳା ମହାନ୍ତଙ୍କ ନେତୃତ୍ୱରେ ଯୋଗ ଦେଇଛନ୍ତି। ଦୌଡ଼କୁଦ ପ୍ରତିଯୋଗିତାର ୧୭ ବର୍ଷରୁ କମ ବାଳକ ବିଭାଗରେ ଧାନୀରାମ ମୁର୍ମୁ, ପିଥ ବେଶ୍ରା, ଭାଗରାଇ ମୁର୍ମୁ, ଚକ୍ରଧର ଉଗ୍ରସେଣ୍ଡି, ସିପୁନ ସିଂ, ଜୟନ୍ତ ଦେହୁରୀ, କୁନୁ ମହାକୁଡ଼ ଓ ବାଳିକା ବିଭାଗରେ ଲିଜାରାଣୀ ଗିରି, ସୁନିତା ଟୁଡୁ, କଲ୍ୟାଣୀ ଟୁଡୁ, ବାହ୍ଲି ମୁର୍ମୁ, ଅଞ୍ଜଳି ହେମ୍ବ୍ରମ, ଗୀତାଞ୍ଜଳି ମୁର୍ମୁ, ସୁନିତା ପିଙ୍ଗୁଆ ଏବଂ ୧୪ ବର୍ଷରୁ କମ ବାଳକ ବିଭାଗରେ ମଙ୍ଗଳ ମୁର୍ମୁ, ଭୀମ ସିଂ, ଲକ୍ଷ୍ମଣ ବେଶ୍ରା, ଜୁନୁଷ ସିଂ, କ୍ରିଷ୍ଣା ପୂର୍ତ୍ତି, ମନୋଜ ସୋରେନ, ଦୁର୍ଗା ଚରଣ ମାରାଣ୍ଡି ଓ ବାଳିକା ବିଭାଗରେ ଯମୁନା ମହାନ୍ତ, ରଶ୍ମିତା ମାର୍ଣ୍ଡି, ସୁନ୍ୟାନା ସିଂ, ବିନ୍ଦି ସିଂ ପ୍ରମୁଖ ଯୋଗ ଦେଇଛନ୍ତି. ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଏମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ରାଜ୍ୟସ୍ତରରେ ସଫଳତା କାମନା କରାଯାଇଛି।

ଶନିବାର, ନଭେମ୍ବର ୧୧, ୨୦୨୩

# ଧ୍ୱନି ପ୍ରତିଧ୍ୱନି

## ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ରକ୍ତଦାନ ଉପଲକ୍ଷେ ପ୍ରସ୍ତୁତି ବୈଠକ

ବସ୍ତା , ୧୦/୧୧ (ନି.ପ୍ର): ବର୍ତ୍ତମାନ ସମୟରେ ରକ୍ତଭଣ୍ଡାରରେ ରକ୍ତର ଅଭାବକୁ ଦୃଷ୍ଟିରେ ରଖି ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ଭଗବାନପୁର ସରକାରି ପ୍ରାଥମିକ ବିଦ୍ୟାଳୟ ପରିସରରେ ବିକାଶ ପରିଷଦ ର ସଭାପତି ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ମହାପାତ୍ର ଙ୍କ ଅଧ୍ୟକ୍ଷତାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପରିଷଦ ର ସମ୍ପାଦକ ଶ୍ରୀଯୁକ୍ତ କୁଳ ମହାନ୍ତ ଅତିଥି ଙ୍କ ପରିଚୟ ପ୍ରଦାନ କରିଥିଲେ। ପରେ ପରେ ମୁଖ୍ୟ ଉପଦେଷ୍ଟା ଶ୍ରୀଯୁକ୍ତ ଚକ୍ରଧର ଆଚାର୍ଯ୍ୟ ରକ୍ତଦାନ ଶିବିର ର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରାବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ୟୁଥ୍ ରେଡ୍ କ୍ରସ ର ମୟୁରଭଞ୍ଜ ଜିଲ୍ଲା ସଂଯୋଜକ ଡଃ . ଦିଲ୍ଲୀପ୍ କୁମାର ଭୋଇ, ମୁଖ୍ୟ ବକ୍ତା ବୈଦିକ ଗୁରୁକୁଳ ଆଶ୍ରମ ପିଞ୍ଝାବଣିଆ ର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ, ବରେଣ୍ୟ ଅତିଥି ସମାଜସେବୀ ଶ୍ରୀଯୁକ୍ତ ଅକ୍ଷୟ କୁମାର ମିଶ୍ର ଓ ବିଶିଷ୍ଟ ଅଭିନେତା ପୂର୍ଣ୍ଣଚନ୍ଦ୍ର ନାୟକ ତଥା ସମ୍ମାନିତ ଅତିଥି ଭାବେ ଶ୍ରୀଯୁକ୍ତ ରବିନ୍ଦ୍ର ବେହେରା, ମଚ୍ଛପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ବାସନ୍ତୀ ରାଉତ ପ୍ରମୁଖ ଅତିଥିଗଣ ଯୋଗଦେଇ ବିକାଶ ପରିଷଦ ଦ୍ୱାରା ଆସନ୍ତା ତା.୧୯/୧୧/୨୦୨୩ ରିଖ ରବିବାର ଦିବା ୧୦ ଘଟିକା ସମୟରେ ଭଗବାନପୁର ଗ୍ରାମରେ ଅନୁଷ୍ଠିତ ହେବାକୁ ଥିବା ରକ୍ତଦାନ ଶିବିର ରେ ଯୋଗଦେବା ପାଇଁ ରକ୍ତଦାତାମାନଙ୍କୁ ଅନୁରୋଧ କରିଥିଲେ । ଏହି ଅବସରରେ ଭଗବାନପୁର ଗ୍ରାମର ଅନେକ ପୁରୁଷ ଓ ମହିଳା ଯୋଗଦେବା ସହ ଶ୍ରୀମତୀ କାଞ୍ଚନ ସାହୁ , ଶ୍ରୀମତୀ ସୁମି ସିଂ , ଶ୍ରୀମତୀ ସୁଭଦ୍ରା ସିଂ, ଶ୍ରୀଯୁକ୍ତ କମଳାକାନ୍ତ ସାହୁ , ଶ୍ରୀଯୁକ୍ତ ଅଭିନାଶ ବେହେରା, ଶ୍ରୀଯୁକ୍ତ ହେମନ୍ତ କୁମାର ଦାସ ତଥା ପ୍ରମୁଖ ବ୍ୟକ୍ତିଗଣ ଉପସ୍ଥିତ ଥିଲେ । ପରିଶେଷରେ ଶିକ୍ଷକ ଶ୍ରୀଯୁକ୍ତ ବିଶ୍ୱନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ବେଲାରେ ଦକ୍ଷିଣାକାଳୀ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନା ଉତ୍ସବ



ବସ୍ତା,୧୦।୧୧(ନିପ୍ର): ବସ୍ତା ବ୍ଲକ ନଟାକଟା ପଞ୍ଚାୟତ ଅନ୍ତର୍ଗତ ବେଲା ଗ୍ରାମ ପୋଖରୀ ପାର୍ଶ୍ୱରେ ନବ ନିର୍ମିତ ଦକ୍ଷିଣାକାଳୀ ମନ୍ଦିର ପ୍ରତିଷ୍ଠା ଓ ନୂତନ ବିଗ୍ରହ ସ୍ଥାପନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ଶତାଧିକ ମହିଳା ବଡ଼ି ଭୋରରୁ ବିରାଟ କଳସ ଶୋଭାଯାତ୍ରାରେ ବାହାରି ରାଜଘାଟ ସୁବର୍ଣ୍ଣରେଖା ନଦୀରୁ ପାଣି ନେଇ ଘଟ ଉତ୍ତୋଳନ କରାଯାଇ ଯଜ୍ଞ ସ୍ଥଳକୁ କଳସ ନିଆଯାଇଥିଲା। ମୁଖ୍ୟ ପୂଜକ ପଣ୍ଡିତ ଜନାର୍ଦ୍ଦନ ମିଶ୍ରଙ୍କ ପରିଚାଳନା କ୍ରମେ ପୂଜକ ସରୋଜ କୁମାର ପାଣିଗ୍ରାହୀଙ୍କ ସହ ଦଶ ଜଣ ପୁରୋହିତଙ୍କ ଦ୍ୱାରା ପୂଜା,ବିଗ୍ରହ ସ୍ଥାପନ,ମନ୍ଦିର ପ୍ରତିଷ୍ଠା ଓ ମହାଯଜ୍ଞ କାର୍ଯ୍ୟ ସମ୍ପାଦନ ହୋଇଥିଲା। ସଂକଳ୍ପରେ ପଞ୍ଚାନନ ସାହୁ,ମାଳତୀ ସାହୁ,ଦିଲ୍ଲୀପ ସାହୁ,ଲିପ୍ସାରାଣୀ ସାହୁ,ମଳୟ କୁମାର ଶୂର,ପୁଷ୍ପଲତା ଶୂର ହୋଇଥିବା ବେଳେ ମନ୍ଦିର କମିଟି ପକ୍ଷରୁ ସଭାପତି ବେଣୁଧର ଚାନ୍ଦ,ଉପ ସଭାପତି ତ୍ରିଲୋଚନ ଶୂର,ତାରାକାନ୍ତ ଚାନ୍ଦ,ପ୍ରଦ୍ୟୁମ୍ନ ଚାନ୍ଦ,ସତ୍ୟଜିତ ଭଦ୍ର,ସାଗର ଭଦ୍ର,ଚନ୍ଦନ କୁମାର ସାହୁ,ଉଜ୍ଜ୍ୱଳ କୁମାର ଚାନ୍ଦ,ପଦ୍ମଲୋଚନ ଚାନ୍ଦ,ଉମେଶ ଚାନ୍ଦ,ଅରୁଣ ପାତ୍ର,ପରେଶ ଧଳଙ୍କ ସମେତ ଗ୍ରାମବାସୀ ମାନେ ପରିଚାଳନାରେ ସହଯୋଗ କରିଥିଲେ।ଉତ୍ସବରେ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେଇ ପୂଜାର୍ଚ୍ଚନା କରିବା ସହ ପ୍ରସାଦ ସେବନ କରିଥିଲେ। ମା'ଙ୍କର ବିଗ୍ରହଟି ମୟୁରଭଂଜ ଜିଲା ଖିଚିଂରୁ ଅଣାଯାଇ ସ୍ଥାପନା କରାଯାଇଥିବା ବେଳେ ମନ୍ଦିରଟି ପ୍ରାୟ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ନିର୍ମିତ ହୋଇଛି।

## ଜଗନ୍ନାଥ ମନ୍ଦିର ସମ୍ମୁଖରେ କଂଗ୍ରେସର ସଂକୀର୍ତ୍ତନ ସତ୍ୟାଗ୍ରହ

ବାରିପଦା , ୧୦/୧୧ (ନି.ପ୍ର): ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ପୁରୀରେ ମହାପ୍ରଭୁ ଜଗନ୍ନାଥଙ୍କ ସହଜ ଦର୍ଶନ ନିମନ୍ତେ ମନ୍ଦିରର ଗୋଟିଏ ଦ୍ୱାର ପରିବର୍ତ୍ତେ ଚାରୋଟି ସାରା ଦ୍ୱାର ଖୋଲାଯିବା ଦାବିରେ ଆଜି ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଜଗନ୍ନାଥ ମନ୍ଦିର ସମ୍ମୁଖରେ ଦୀପ ଜାଳି ସଙ୍କୀର୍ତ୍ତନ ସତ୍ୟାଗ୍ରହ କରାଯାଇଛି। ଏହିପରିପ୍ରେକ୍ଷୀରେ ବାରିପଦା ଜଗନ୍ନାଥ ମନ୍ଦିର ସମ୍ମୁଖରେ ସକାଳ ୯ ଘଣ୍ଟା ରୁ ୧୨ ଘଣ୍ଟା ପର୍ଯ୍ୟନ୍ତ ଏହି ସଂକୀର୍ତ୍ତନ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ହେମନ୍ତ ଦାସ, ରାଜ୍ୟ କଂଗ୍ରେସ ଉପସଭାତି ସରସ୍ୱତୀ ହେମ୍ବ୍ରମ, ବରିଷ୍ଠ ନେତା ବିଜନ ଦାସ, ଆଇନ ସେଲ ଅଧ୍ୟକ୍ଷ ଜ୍ୟୋତି ପ୍ରକାଶ ରଥ, ଜିଲ୍ଲା ପ୍ରବକ୍ତା ଯୋଗେଶ ଅଗ୍ରୱାଲ, ଉପସଭାପତି ଅରବିନ୍ଦ ଦାସ, ପିସିସି ସଭ୍ୟ ନିରୋଜ ଦାସ, ନଗର ସଭାପତି ଶାନ୍ତନୁ ପାଲ, ଅଶୋକ ଅଧିକାରୀ, ଛାତ୍ର ସଭାପତି ମୋତି ପ୍ରକାଶ ଦାସ, ଯୁବ ଉପସଭାପତି ବିକାଶ ମହାଭୋଇ, ମହିଳା ନଗର ସଭାନେତ୍ରୀ ରଶ୍ମିତା ମିଶ୍ର ପ୍ରମୁଖ ଯୋଗ ଦେଇଦୀପ ଜଳାଇ ଏବଂ ସଂକୀର୍ତ୍ତନ କରି ସତ୍ୟା ଗ୍ରହରେ ସାମିଲ ହୋଇଥିଲେ।

## ମରୁଡ଼ି ଘୋଷଣା ଓ ଋଣ ଛାଡ ଦାବିରେ ସିପିଆଇ (ଏମ)ର ରାସ୍ତାରୋକ





ନୀଳଗିରି , ୧୦/୧୧ (ନି.ପ୍ର): ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ସଙ୍ଗେ ସଙ୍ଗେ ଚକଡ଼ା ପୋକ ନୀଳଗିରି ଉପଖଣ୍ଡର ପଞ୍ଚାୟତ ଠାରୁ ସହର ପର୍ଯ୍ୟନ୍ତ ଥିବା ଚାଷଜମିକୁ ନଷ୍ଟ କରିଦେଇଛନ୍ତି। ଏ ବାବଦରେ ସିପିଆଇ (ଏମ) ନୀଳଗିରି ଶାଖା ତରଫରୁ ଅକ୍ଟୋବର ୨୫ତାରିଖରେ ନୀଳଗିରି ଉପଜିଲ୍ଲାପାଳଙ୍କୁ ଦାବୀପତ୍ର ଦେଇ ବନ୍ଦ ପଡ଼ିଥିବା ଉଠା ଜଳସେଚନ ପ୍ରକଳ୍ପ ଗୁଡ଼ିକ ଚାଲୁକରିବା, ରିଷିଆ ଡ୍ୟାମର କେନାଲକୁ ମରାମତି କରାଯାଇ ଚାଷ ଜମିକୁ ପାଣି ପହଞ୍ଚାଇବା, ଚଳିତ ବର୍ଷ ଚାଷୀ ଋଣ ଛାଡ କରିବା ସହିତ ନୀଳଗିରିକୁ ମରୁଡି ଘୋଷଣା କରିବା ଇତ୍ୟାଦି ଦାବୀ ଦିଆଯାଇଥିବା ବେଳେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଦଳ ତରଫରୁ ଗରଡି ଛକଠାରେ ୧୯ନଂ ରାଜ୍ୟ ରାଜପଥକୁ ଶୁକ୍ରବାର ପୂର୍ବାହ୍ନ ୮ଘଟିକା ଠାରୁ ଉଭୟ ମହିଳା ଏବଂ ପୁରୁଷ ମାନେ ରାସ୍ତାରୋକ ମାଧ୍ୟମରେ ପ୍ରତିବାଦ ଜଣାଇଥିଲେ। ଏହି ପ୍ରତିବାଦ ଦ୍ୱାରା ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଯାତ୍ରୀବାହି ବସ, ଟ୍ରକ୍, କାର ଇତ୍ୟାଦି ଅଟକି ରହିଥିଲା। ଯାହାଫଳରେ ବହୁ ଦୂରଦୁରାନ୍ତରୁ ଆସିଥିବା ଯାତ୍ରୀମାନେ ଅସୁବିଧାରେ ସମ୍ମୁଖୀନ ହୋଇଥିଲେ। ପରେ ପ୍ରଶାସନ ତରଫରୁ, ଅତିରିକ୍ତ ଜିଲ୍ଲାପାଳ ନୀଳଗିରି ,ଅତିରିକ୍ତ କୃଷି ଅଧିକାରିଣୀ ନୀଳଗିରି ଘଟଣା ସ୍ଥଳକୁ ଯାଇ ଆନ୍ଦୋଳକାରୀଙ୍କ ସହିତ ଆଲୋଚନା କରିବା ସହିତ ଆସନ୍ତା ମଙ୍ଗଳବାର ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ଦଳର ନେତୃବୃନ୍ଦଙ୍କ ସହ ଆଲୋଚନା କରିବା ପାଇଁ ନିଷ୍ପତି ନିଆଯିବ ବୋଲି ପ୍ରତିଶ୍ରୁତି ପରେ ରାସ୍ତରୋକ୍ ହଟିଥିଲା। ଏହୀ ରାସ୍ତରୋକ ରେ ରାଜ୍ୟ କମିଟି ସଭାପତି ଶିତାଂଶୁ ସେନାପତି, ଜ୍ୟୋତିର୍ମୟ ରାଉତ, ବିଜୟ ପାତ୍ର,ଯୋଗନନ୍ଦ ଦାସ, ସୁରେଶ ନାୟକ, ଭଗବାନ ମହାନ୍ତି, ଷ୍ଟାଲିନ ମିଶ୍ର, ଅମରେନ୍ଦ୍ର ନାୟକ, ମହେଶ୍ୱର ଭୂୟାଁ ପ୍ରମୁଖ ସାମିଲ ଥିଲେ।

## 'ମନା'ର ମାସିକ ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୧୦/୧୧ (ନି.ପ୍ର): 'ମିଳିତ ନିଶା ନିବାରଣ ଅଭିଯାନ (ମନା) ବାଲେଶ୍ୱର'ର ମାସିକ ବୈଠକ ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭରେ ସାଧାରଣ ସଂପାଦିକା ମମତା ମହାପାତ୍ର ଗତ ବୈଠକର ବିବରଣୀ ପାଠ କରିଥିଲେ । ବୈଠକରେ ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମ ଆରମ୍ଭ କରାଯିବାକୁ ଓ ଯାମଝାଡ଼ିଠାରୁ ଆଗାମୀ ବୈଠକରେ ନିଶା ବିରୋଧରେ ସଚେତନତା ଶିବିର କରାଯିବାକୁ ସ୍ଥିର କରାଗଲା । ଜିଲ୍ଲାର ଉଚ୍ଚ ମାଧମିକ ବିଦ୍ୟାଳୟମାନଙ୍କରେ ନିଶା ବିରୋଧି





ସରକାରୀ କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ଜିଲ୍ଲା ଶିକ୍ଷାଧିକାରଙ୍କ ସହ 'ମନା' ପକ୍ଷରୁ ସାକ୍ଷାତ୍ କରାଯିବାକୁ ନିଷ୍ପତି ହେଲା । ବୈଠକରେ ରମେଶଚନ୍ଦ୍ର ଜେନା, ଡ. କେଶବ ଚରଣ ପଣ୍ଡା, ରବିନାରାୟଣ ଭୋଳ, ପ୍ରଫୁଲ୍ଲ କୁମାର ଦାସ, ଡ. କ୍ଷିତୀଶ୍ୱର ଦାଶ, ଗୀତାଞ୍ଜଳି ସିଂହ, ସୀତାରାମ ପ୍ରଧାନ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ସନାତନ ଦାସ, ଭରତୀ ପଣ୍ଡା, ପ୍ରଭାକର ସାହୁ (ଖ), ପ୍ରସନ୍ନ ପାଢ଼ୀ, କମଳାକାନ୍ତ ଦାଶ, ବାସନ୍ତୀ କର, ନିରଞ୍ଜନ ପରିଡା, ପ୍ରତାପଚନ୍ଦ୍ର ନାୟକ ଓ ବସନ୍ତ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶେଷରେ ବେଣୁଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତି ମନ୍ତ୍ରଣାଳୟ ଆନୁକୂଲ୍ୟରେ ସାମାଜିକ ଅଧିକାରୀତା ଶିବିର





ନୀଳଗିରି, ୧୦/୧୧ (ନି.ପ୍ର): କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଆନୁକୂଲ୍ୟରେ ନୀଳଗିରି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଦିବ୍ୟାଙ୍ଗ ଏବଂ ବୟୋଜ୍ୟେଷ୍ଠ ନାଗରିକ ମାନଙ୍କୁ ସଶକ୍ତ କରିବା ସହିତ ମୁଖ୍ୟ ଧାରାରେ ସାମିଲ କରିବା ଉଦ୍ଦେଶ୍ୟରେ ସାମାଜିକ ଅଧିକାରିତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ରହି ଉପସ୍ଥିତ ଜନତା, ଦିବ୍ୟାଙ୍ଗ ଭାଇ ଭଉଣୀ ଏବଂ ବୟୋଜ୍ୟେଷ୍ଠ ନାଗରିକ ମାନଙ୍କୁ ସମ୍ବୋଧନ କରି ଦିବ୍ୟାଙ୍ଗ ଏକ ଅଭିଶାପ ନୁହେଁ ବରଂ ଆମ ସାମାଜିକ ଚିନ୍ତାଧାରାର ଏକ ଘୃଣ୍ୟ ମାନସିକତା। ବିଭିନ୍ନ କାରଣ ପାଇଁ ଦିବ୍ୟାଙ୍ଗ ଜୀବନ ଅତିବାହିତ କରୁଥିବା ବ୍ୟକ୍ତିମାନଙ୍କୁ ବଞ୍ଚିବାର ପ୍ରେରଣା ଯୋଗାଇଦେବା ସହିତ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ହେବା ଉଚିତ୍ ବୋଲି ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଷଡ଼ଙ୍ଗୀ ଉଦବୋଧନ ଦେଇଥିଲେ। କେନ୍ଦ୍ର ସରକାରଙ୍କ ଦିବ୍ୟାଙ୍ଗ ଆଶବାଡି ଯୋଜନା ଏବଂ ବୟସ୍କ ଲୋକଙ୍କ ପାଇଁ ବୟୋଶ୍ରୀ ଯୋଜନା ରେ କେନ୍ଦ୍ର ସରକାରଙ୍କ ପୂର୍ଣ୍ଣ ଅନୁଦାନରେ ବିନା ମୂଲ୍ୟରେ ଦିବ୍ୟାଙ୍ଗ ଏବଂ ବୟସ୍କ ଲୋକଙ୍କୁ ସାମିଲ କରିବା କେନ୍ଦ୍ର ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ।ଉକ୍ତ ଶିବିର ଉପକରଣ ପ୍ରଦାନକାରୀ ସଂସ୍ଥା ଆଲିମ୍ କୋ କମ୍ପାନୀ ଏବଂ ଭାରତ ସରକାରଙ୍କ ମିଳିତ ସହଯୋଗରେ ଆୟୋଜିତ କରାଯାଇଥିଲା। ଉକ୍ତ ଶିବିରରେ ଆଲିମ କୋ କମ୍ପାନୀର ରାଜ୍ୟ ପ୍ରବନ୍ଧକ ସଞ୍ଜୟ ମଣ୍ଡଳ, କମ୍ପାନୀ ଅଧିକାରୀ ଗୁରୁଦତ୍ତ ଲେଙ୍କା,ନୀଳଗିରି ବିଡ଼ିଓ ରାହୁଲ ମଣ୍ଡଳ, ବ୍ଲକ ସମାଜମଙ୍ଗଳ ଅଧିକାରୀ ମୁକୁଲରାଜ ଅଭିଷେକ , ବ୍ଲକର ଅନ୍ୟ ଅଧିକାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ ଶିବିରରେ ୪୯ଟି ତିନିଚକିଆ ସାଇକେଲ, ୧୦୦ଟି ଶ୍ରବଣ ଯନ୍ତ୍ର, ୯୫ଟି ହୁଇଲ ଚେୟାର, ୧୫୦ଟି ଆଶା ବାଡି, ୮୫ଟି ଆଣ୍ଠୁ ବନ୍ଧନୀ, ୮ଟି ଅନ୍ଧ ବାଡି, ୨୭ଟି ସାଇଟ୍ କିଟ୍, ୩ଟି ସିପି ଚେୟାର ଆଦି ମୁକ୍ତ ଭାବେ ବଣ୍ଟନ କରାଯାଇଥିଲା। ଏଥିରେ ଉପକରଣ ପାଇଥିବା ଶତାଧିକ ଦିବ୍ୟାଙ୍ଗ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲା ବିଜେପି ସଭାପତି ଉମାକାନ୍ତ ମହାପାତ୍ର, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ,ପୂର୍ବତନ ରେମୁଣା ବିଧାୟକ ଗୋବିନ୍ଦ ଦାସ, ପର୍ଶୁରାମ ପରିଡା, କମଳ ଲୋଚନ ଦାସ, ପ୍ରଦୀପ କୁମାର ପଣ୍ଡା, ରାକେଶ ମଲ୍ଲିକ, ମନିଷା ଚିନ୍ମୟୀ ବେହେରା, ଶୋଭାନା ମହାନ୍ତି, ମମତା ମହାପାତ୍ର, ସିପ୍ରାରେଖା ମହାପାତ୍ର, ବିଭୂପଦ ଦାସ, ଗଙ୍ଗାଧର ମିଶ୍ର, କରୁଣାକର ପଣ୍ଡା, ଈଶ୍ୱର ଚନ୍ଦ୍ର ବେହେରା, ବିପିନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ମା' ଅମ୍ବିକା ରାଣୀ ଏବଂ ମାନବଧାର୍ମି, 'କିସ ନେଇକି ଆସିଛୁରେ'ର ଶୁଭ ଉନ୍ମୋଚନ

ବାରିପଦା , ୧୦/୧୧ (ନି.ପ୍ର): ବାରିପଦାଠାରେ ଦେବଯାନୀ ଏସୋସିଏଟସ କ୍ରିଏସନ ମୟୁରଭଞ୍ଜ ଆନୁକୂଲ୍ୟରେ ପ୍ରଡ୍ୟୁସାର ସୁକୁମାର ରଞ୍ଜନ ପ୍ରଧାନଙ୍କ ଦ୍ୱାରା ଲିଖିତ ଦୁଇଟି ଉଭୟ ଭିଡିଓ ଓ ଗୀତ ଭଜନ ମା ' ଅମ୍ବିକା ରାଣୀ ଏବଂ ମାନବଧାର୍ମି 'କିସନେଇକି ଆସିଛୁ ରେ ' ର ଶୁଭ ଉନ୍ମୋଚନ' ସୁକୁମାର ରଞ୍ଜନ ପ୍ରଧାନଙ୍କ ୟୁଟ୍ୟୁବ ଚେନାଲ ଦେବଯାନୀ ଏସୋସିଏଟସ କ୍ରିଏସନସ 'ରେ ହୋଇଯାଇଛି । ଉକ୍ତ ଉନ୍ମୋଚନ କାର୍ଯ୍ୟକ୍ରମ ବାରିପଦାସ୍ଥିତ ପ୍ରତିଷ୍ଠିତ ଅଧିଷ୍ଠାତ୍ରୀ ଦେବି ମା ଅମ୍ବିକା ମନ୍ଦିର ପ୍ରାଙ୍ଗଣରେ ହୋଇଛି ଏବଂ ଉପସ୍ଥିତ ବ୍ୟକ୍ତିବିଶେଷ ମାନେ ହେଲେ ଡାଇରେକ୍ଟର ଲିଟନ ପଟ୍ଟନାୟକ, ବରିଷ୍ଠ କଳାକାର ସୁକାନ୍ତ ଜୀଉ,ପ୍ରସନ ମହାନ୍ତି,କୁନ୍ଦନ ଭଞ୍ଜ,କଳାକାର ପ୍ରିୟଦର୍ଶିନୀ ସିଂହ ସମେତ ବହୁମାଣ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ।





## ପୌରପାଳିକାର ୨ନଂ ୱାର୍ଡରେ ଉନ୍ନୟନ କାର୍ଯ୍ୟରେ ଅଭିଯୋଗ

ଜଳେଶ୍ୱର , ୧୦/୧୧ (ନି.ପ୍ର): ଜଳେଶ୍ୱର ପୌର ପରିଷଦର କେତେକ କାର୍ଯ୍ୟରେ ବିଭିନ୍ନ ଅଭିଯୋଗ ଆସିଥିବାରୁ ତାର ତଦନ୍ତ ଲାଗି ଜିଲାପାଳ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିଲେ । କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର ଏହାର ସବିଶେଷ ତଦନ୍ତ ସାରି ଜିଲାପାଳଙ୍କୁ ଗତ ୩-୧୧-୨୩ ଚିଠିନଂ ୫୫୩୪ରେ ଜଣାଇଛନ୍ତି । ଘଟଣାରୁ ପ୍ରକାଶ, ୨ନଂ ୱାର୍ଡରେ ନୂତନଭାବେ ରାସ୍ତା ନିର୍ମାଣ ଓ ସିସି ଡ୍ରେନ କାର୍ଯ୍ୟ ହୋଇଛିବୋଲି ଜିଲାପାଳଙ୍କୁ ଅବଗତ କରାଇଛନ୍ତି । ପ୍ରକାଶଯୋଗ୍ୟ ଗତ ୯-୧୦-୨୩ରେ ଜଳେଶ୍ୱର ବ୍ଲକ ପରିସରରେ ଅନୁଷ୍ଠିତ ଜିଲାପାଳଙ୍କ ଯୁଗ୍ମ ଶୁଣାଣୀରେ ୨ନଂ ୱାର୍ଡ ଉକ୍ତ ରାସ୍ତା ଓ ଡ୍ରେନ କାର୍ଯ୍ୟ ହୋଇନଥିବାର ଦର୍ଶାଯାଇଥିଲା । ଏ ସଂପର୍କରେ ପୌରପାଳ ଅଜୟ ମହାପାତ୍ର ମିଶନଶକ୍ତି ଗୃହର ଅଟକଳ ମୂଲ୍ୟ ୬ଲକ୍ଷ ୬୫ହଜାର ୮୪୮ଟଙ୍କା, ଭେଣ୍ଡିଜୁନ୍ର ଅଟକଳ ମୂଲ୍ୟ ୧୦ଲକ୍ଷ ୪୩ ହଜାର ୬୦୩ ଟଙ୍କା ଓ ରାସ୍ତାର ଅଟକଳ ମୂଲ୍ୟ ୨ଲକ୍ଷ ୮୪ ହଜାର ୦୬୨ ଟଙ୍କା ତଥା ଡ୍ରେନ୍ର ଅଟକଳ ମୂଲ୍ୟ୨ଲକ୍ଷ୯୯ହଜାର ଟଙ୍କା ରହିଥିବାର ଦର୍ଶାଇଛନ୍ତି ।

## ଭାରତୀୟ ନିର୍ମାଣ ଶ୍ରମିକଙ୍କୁ ଇସ୍ରାଏଲ୍ ପଠାଇବା ଅନୈତିକ ଓ ବିନାଶକାରୀ : ଏ.ଆଇ.ସି.ଡବ୍ଲ୍ୟୁ.ଏଫ୍.





ଭଦ୍ରକ , ୧୦/୧୧ (ନି.ପ୍ର): ପାଲେଷ୍ଟାଇନ୍ ଉପରେ ଇସ୍ରାଏଲ୍ ଆକ୍ରମଣ ପରେ ଇସ୍ରାଏଲ୍ ପାଲେଷ୍ଟାଇନ୍ ଶ୍ରମିକମାନଙ୍କୁ ଦେଶରୁ ତଡ଼ି ଭାରତରୁ ୫୦ ହଜାରରୁ ୯୦ ହଜାରରୁ ଅଧିକ ନିର୍ମାଣ ଶ୍ରମକିଙ୍କୁ ନେବାଲାଗି ଭାରତ ସରକାରଙ୍କୁ ନିବେଦନ କରିଛି। ଭାରତୀୟ ସରକାର ଇସ୍ରାଏଲର ଏହି ନିବେଦନକୁ ଗ୍ରହଣ କରି ଇସ୍ରାଏଲ୍କୁ ନିର୍ମାଣ ଶ୍ରମିକ ପଠାଇବା ଲାଗି ବିଚାର କରୁଛନ୍ତି। ମୋଦୀ ସରକାରଙ୍କର ଏହି ପ୍ରକାର ନୀତିକୁ ସର୍ବଭାରତୀୟ ନିର୍ମାଣ ଶ୍ରମିକ ମହାସଂଘ (ଇଓଉଡର) ଦୃଢ଼ ନିନ୍ଦା କରୁଛି । ଭାରତୀୟ ଶ୍ରମିକଙ୍କୁ ଇସ୍ରାଏଲ୍କୁ ପଠାଇ ସେମାନଙ୍କ ଜୀବନ ଏକ ସଙ୍କଟ ଭିତରକୁ ଠେଲି ଦେବା ଲାଗି ମୋଦୀ ସରକାରଙ୍କ ଏହି ପଦକ୍ଷେପକୁ ଦୃଢ଼ ନିନ୍ଦା କରାଯାଉଛି ଓ ଦେଶବ୍ୟାପୀ ଆଜି ପ୍ରତିବାଦ କରାଯାଉଛି। ଇସ୍ରାଇଲ୍ ନିର୍ମାତା ସଂଘର ଏ ପ୍ରକାର ନିବେଦନକୁ ଭାରତ ସରକାର ପ୍ରତ୍ୟାଖ୍ୟାନ କରି ପାଲେଷ୍ଟାଇନ୍ ଶ୍ରମିକଙ୍କ ସପକ୍ଷରେ ସମର୍ଥନ ଦେବାକୁ (ଇଓଉଡର) ଦାବି କରୁଛି। ଏହା ଅତି ଲଜ୍ୟାଜନକ କଥା। ଭାରତର ଶ୍ରମକିମାନଙ୍କୁ ଇସ୍ରାଏଲ୍ରେ ଏକପ୍ରକାର ଦାସ ସଜାଇବାରୁ ମୋଦୀ ସରକାର ନିବୃତ ରୁହନ୍ତୁ ବୋଲି ଓଡ଼ିଶା ନିର୍ମାଣ ଶ୍ରମିକ ମହାସଂଘର ରାଜ୍ୟ ସମ୍ପାଦକ ମହେନ୍ଦ୍ର ପରିଡ଼ା ଓ ରାଜ୍ୟ ସଭାପତି ସମର ବଳ ନିନ୍ଦା କରିବା ସହିତ ଭାରତୀୟ ଶ୍ରମମନ୍ତ୍ରୀଙ୍କୁ ସ୍ମାରକ ପତ୍ର ପଠାଯିବ ଓ ପ୍ରତି ଜିଲ୍ଲାରେ ଏ ସମ୍ପର୍କରେ ନିର୍ମାଣ ଶ୍ରମିକମାନଙ୍କ ମଧ୍ୟରେ ଜନମତ ତିଆରି କରାଯିବ ବୋଲି ଶ୍ରୀ ବଳ କହିଛନ୍ତି। ଆଜିର ଏହି ପ୍ରତିବାଦ ସଭାରେ ଗାୟତ୍ରୀ ବେହେରା, ରାଜକିଶୋର ଓଝା, ସଂଜୀବ ଭଂଜ, ଗୟାଧର ସେଣ, ରମାକାନ୍ତ ମାରାଣ୍ଡୀ, ବୀଣାକର ଓଝା, ନାରାୟଣ ଭଂଜ, ହେମନ୍ତ ଭଂଜ, ଅଶୋକ ଭଂଜ, ନୃସିଂହ ଦାସ ଭାଗ ନେଇ ଭାରତ ସରକାରଙ୍କ ଏହି ପଦକ୍ଷେପକୁ ଦୃଢ଼ ନିନ୍ଦା କରିଥିଲେ।

## ୩୭ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ରୌପ୍ୟ ବିଜୟୀ ଓଡ଼ିଶା ଦଳର ବାଲେଶ୍ୱରର ଖୋ-ଖୋ ଖେଳାଳୀଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର, ୧୦/୧୧ (ନି.ପ୍ର): ଗୋଆର ପାଞ୍ଜିମ୍ ଠାରେ ନିକଟରେ ଶେଷ ହୋଇଥିବା ୩୭ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ରୌପ୍ୟ ବିଜୟୀ ଓଡ଼ିଶା ଦଳରେ ଅଂଶଗ୍ରହଣ କରିଥିବା ବାଲେଶ୍ୱରର ଖୋ-ଖୋ ଖେଳାଳିଙ୍କୁ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି । କୋଚ ଶ୍ରୀ ମଳୟ ରଞ୍ଜନ ବେହେରାଙ୍କୁ ମଧ୍ୟ ଜିଲ୍ଲାପାଳ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ତତ୍ସହିତ ଜିଲ୍ଲାପାଳ ପ୍ରତ୍ୟେକ କ୍ରୀଡାବିତଙ୍କୁ ୧୦,୦୦୦/- ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶିର ଚେକ୍ ପ୍ରଦାନ କରିଛନ୍ତି। ଖୋ-ଖୋ ଖେଳ ପାଇଁ ବାଲେଶ୍ୱର ସହରରେ ଉନ୍ନତ ମାନର ପଡିଆ ପ୍ରସ୍ତୁତି ନିମନ୍ତେ ଆବଶ୍ୟକ ଅର୍ଥ ଓ ଅନ୍ୟ ସହାୟତା ଯୋଗାଇ ଦେବାକୁ ଶ୍ରୀ ଶିନ୍ଦେ କ୍ରୀଡାବିତ ଓ କ୍ରୀଡ଼ା ସଂଘର କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଅବସରରେ ଜିଲ୍ଲା କ୍ରୀଡ଼ା ସଙ୍ଘର କାର୍ଯ୍ୟକାରୀ ସଭାପତି ଶ୍ରୀ ଅଭୟ ମହାପାତ୍ର, ଜିଲ୍ଲା କ୍ରୀଡ଼ାସଙ୍ଘର ଖୋ-ଖୋ ଯୁଗ୍ମ ସମ୍ପାଦକ ତଥା ଓଡ଼ିଶା ଖୋ-ଖୋ ସଂଘର ସହ ସମ୍ପାଦକ ଶ୍ରୀ କାର୍ତ୍ତିକ ଚନ୍ଦ୍ର ନାୟକ, ଜିଲ୍ଲା କ୍ରୀଡ଼ା ସଙ୍ଘର ଅବୈତନିକ ସାଧାରଣ ସମ୍ପାଦକ ଶ୍ରୀ ଅଧିପ ଦାସ ତଥା କ୍ରୀଡ଼ାସଙ୍ଘର କର୍ମକର୍ତ୍ତା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ସାଇ କୃଷ୍ଣ ଜେନା ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଏଠାରେ ସୂଚନା ଥାଉ କି, ମହିଳା ଦଳରେ ବାଲେଶ୍ୱରରୁ ୪ଜଣ କ୍ରୀଡ଼ାବିତ ଓ ପୁରୁଷ ଦଳରେ ୩ଜଣ କ୍ରୀଡ଼ାବିତ ଭାଗ ନେଇଥିଲେ ଓ ତନ୍ମଧ୍ୟରେ ଅଛନ୍ତି ସାବିଲା ଖାତୁନ୍, ପ୍ରିୟଙ୍କା ସିଂ, ରଂଜିତା ବାରିକ, ଚମ୍ପା ମାଝି, ଜଗନ୍ନାଥ ମୁର୍ମୁ, ଲିପୁନ ମୁଖୀ ଓ ସିଦେଶ୍ୱର ଟୁଡୁ ଓ ଫାଇନାଲରେ ପୁରୁଷ ଦଳ ମହାରାଷ୍ଟ୍ର ଠାରୁ ୭୨-୨୬ ପଏଣ୍ଟରେ ପରାସ୍ତ ହୋଇଥିବା ବେଳେ ମହିଳା ଦଳ ମହାରାଷ୍ଟ୍ର ଠାରୁ ୪୬-୪୦ ପଏଣ୍ଟରେ ପରାସ୍ତ ହୋଇଥିଲା ।

## ଗଣମାଧ୍ୟମରେ ସମ୍ବାଦ ପରିବେଷଣ ପରେ କରଣଙ୍କୁ ମିଳିଲା ଚାଉଳ

ଉଦଳା , ୧୦/୧୧ (ନି.ପ୍ର): ଉଦଳା ବ୍ଲକର ବଡ଼ଖମଣ ପଂଚାୟତ ଅନ୍ତର୍ଗତ ରାଇକାଳି ଗ୍ରାମର ବାସିନ୍ଦା କରଣ ମାର୍ଣ୍ଡି ଏକାକି ରହୁଛନ୍ତି । ସରକାରଙ୍କର ଖାଦ୍ୟ ଯୋଜନାରେ ଏପର୍ଯ୍ୟନ୍ତ ସେ ସାମିଲ ହୋଇପାରିନଥିବାର କଥା ଚଳିତ ନଭେମ୍ବର ୯ ତାରିଖ ଗୁରୁବାର ଦିନ ଖବରକାଗଜରେ ସମ୍ବାଦ ପରିବେଷିତ ହୋଇଥିଲା। ଏହାପରେ ଉଦଳା ବ୍ଲକର କାର୍ଯ୍ୟରତ ଯୋଗାଣ ଅଧିକାରୀ ଭାସ୍କର ବାରିକ ନିଜେ ରାଇକାଳି ଗ୍ରାମକୁ ଯାଇ ସବୁକଥା ପଚାରି ବୁଝିଥିଲେ ଏବଂ ସଙ୍ଗେ ସଙ୍ଗେ ତାଙ୍କୁ ୨୦ କି.ଗ୍ରା. ଚାଉଳ ପ୍ରଦାନ କରିବା ସହ ଏଣିକି କରଣଙ୍କୁ ପ୍ରତିମାସ ୫ କିଗ୍ରା ଚାଉଳ ମିଳିବାର ସବୁ ପ୍ରକାର ବ୍ୟବସ୍ଥା କରିଦେଲେ। ଯୋଗାଣ ଅଧିକାରୀଙ୍କର ଏପରି ତତ୍ପରତା ଦେଖି ବିଭିନ୍ନ ମହଲରେ ତାଙ୍କର ପ୍ରଶଂସା ଶୁଣିବାକୁ ମିଳୁଛି । ଆଗାମି ଦିନରେ ଯୋଗାଣ ଅଧିକାରୀ ଶ୍ରୀଯୁକ୍ତ ବାରିକ ଏହିଭଳି ସମସ୍ୟାର ସମାଧାନ ପାଇଁ ସବୁ ପ୍ରକାର ସହଯୋଗର ହାତ ବଢ଼ାଇବେ ବୋଲି ପ୍ରତିଶୃତି ଦେଇଛନ୍ତି ।



❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo